


ଗୁଲବୀରଙ୍କୁ ଦ୍ୱିତୀୟ ପଦକ

▸କ୍ରୀଡ଼ା ପୃଷ୍ଠାରେ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
# THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-96 ♦TUESDAY ♦29 SEPTEMBER 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୪ ♦ସଂଖ୍ୟା-୯୬ ♦ମଙ୍ଗଳବାର ♦୨୯ ସେପ୍ଟେମ୍ବର ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦





ସକାଳ
THE SAKALA



# ରାଜଧାନୀରେ ବିଜେଡିର ମହାଗର୍ଜନ






**ଓଡ଼ିଶାର ଖଣିଜ ସମ୍ପଦକୁ ନେବାକୁ କେନ୍ଦ୍ର ସରକାରଙ୍କ ଚକ୍ରାନ୍ତକୁ ବିଜେଡିର ବିରୋଧ**

## ରାଜ୍ୟର ଅଧିକାର ପାଇଁ ଜାରି ରହିବ ଲଢ଼େଇ

ଭୁବନେଶ୍ୱର,୨୮।୯(ସମିସ): ଜନବିରୋଧୀ ଖଣି ଆଇନକୁ ବିରୋଧ କରି ଲୋୟର ପିଏମଜିରେ ବିଶାଳ ବିକ୍ଷୋଭ କରିଛି ବିଜେଡି। ଡବଲ ଇଞ୍ଜିନ ସରକାରଙ୍କ ଜନମାରଣ ନୀତି ଯୋଗୁଁ ଓଡ଼ିଶାବାସୀ ଉପେକ୍ଷିତ ହେଉଛନ୍ତି। ଏମଏମଡିଆର (ଖଣି) ଆଇନ ଜରିଆରେ ରାଜ୍ୟର ହକକୁ ଛଡ଼ାଇ ନେବାକୁ କେନ୍ଦ୍ର ସରକାର ବସିଛନ୍ତି। ଏହି ଆଇନ କାରଣରୁ ଓଡ଼ିଶା ଲକ୍ଷାଧିକ କୋଟିର ବକେୟା ସହ ବାର୍ଷିକ ହଜାର ହଜାର କୋଟିର ରାଜସ୍ୱ ହରାଇବାକୁ ଯାଉଛି। ଏହାକୁ ବିଜେଡି ବିରୋଧ କରିଛି ଓ ଆଇନ ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ବିରୋଧ ଜାରି ରହିବ ବୋଲି ବିଜେଡି ଘୋଷଣା କରିଛି। ଏଥିପାଇଁ ରାଜଧାନୀର ଲୋୟର ପିଏମ୍‌ଜିରେ ଦଳର ମହା ବିକ୍ଷୋଭ ସମାବେଶରେ ପ୍ରାୟ ୪୦ ହଜାର ଲୋକ ଯୋଗ ଦେଇ କେନ୍ଦ୍ର ସରକାରଙ୍କ ରାଜ୍ୟ ସ୍ୱାର୍ଥ ବିରୋଧୀ ନୀତିକୁ ତୀବ୍ର ବିରୋଧ କରିଛନ୍ତି ।

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଜନସମାବେଶ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା । ଏହି ଅବସରରେ ଆଦିବାସୀ ସେଲ୍ ସଭାପତି ସୁଦାମ ମାରାଣ୍ଡିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଆଦିବାସୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଆଦିବାସୀ ନେତା ପ୍ରଦୀପ ମାଝୀ, ନିରଞ୍ଜନ ବିଶି, ମଙ୍ଗଳା କିଷାନ, ଜଗନ୍ନାଥ ସାରକା, ସାନନ୍ଦ ମାରାଣ୍ଡି, ଡ. ପ୍ରିୟବ୍ରତ ମାଝୀ, ଭାରତୀ ସିଂ, ଭାରତୀ ହାଁସଦା, ଦେବାଶିଷ ମାରାଣ୍ଡି, ମାନସ ମାଡକାମୀ, ଜଗନ୍ନାଥ ନାୟକ, ଧନୁର୍ଜୟ ସିଦ୍ଧୁ, ବାସନ୍ତୀ ହେମ୍ବ୍ରମ୍, ଅନୁସୂୟା ମାଝୀ, ସରସ୍ୱତୀ ମାଝୀ, ଚକ୍ରଧର ହେମ୍ବ୍ରମ, ମାଧବ ସର୍ଦ୍ଦାରଙ୍କ ସହ ବିଭିନ୍ନ ଜିଲ୍ଲାରୁ ଆସିଥିବା ଆଦିବାସୀ ସମ୍ପ୍ରଦାୟର ଲୋକେ ପାରମ୍ପରିକ ବେଶ ପୋଷାକରେ ସଜେଇ ହୋଇ ସମାବେଶରେ ସାମିଲ୍ ହୋଇଥିଲେ । ଆଦିବାସୀମାନଙ୍କ ଜଙ୍ଗଲ ଜମି ଲୁଟ୍ କରିବାକୁ ଡବଲ ଇଞ୍ଜିନ ସରକାରଙ୍କ ପ୍ରୟାସକୁ ଘୋର ବିରୋଧ କରିଥିଲେ। ବିଜେଡିର ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ପ୍ରସନ୍ନ ଆଚାର୍ଯ୍ୟ, ପ୍ରମିଳା ମଲ୍ଲିକ, ଅଶୋକ ପଣ୍ଡା, ପ୍ରଣବ ପ୍ରକାଶ ଦାସ, ସଞ୍ଜୟ ଦାସବର୍ମା, ପ୍ରତାପ ଦେବ, ପ୍ରତାପ ଜେନା, ଅତନୁ ସବ୍ୟସାଚୀ ନାୟକ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଡ. ଅରୁଣ କୁମାର ସାହୁ, ନିରଞ୍ଜନ ପୂଜାରୀ, ଚନ୍ଦ୍ରଶେଖର ସାହୁ, ମାନସ ମଙ୍ଗରାଜ, ବ୍ୟୋମକେଶ ରାୟ, ପ୍ରୀତିରଞ୍ଜନ ଘଡ଼େଇ, ଗଣେଶ୍ୱର ବେହେରା, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ସୁଲୋଚନା ଦାସ, ସୁବାସ ସିଂ, ସ୍ନେହାଙ୍ଗିନୀ ଛୁରିଆ, ଚିନ୍ମୟ ସାହୁ, ଇପ୍ସିତା ସାହୁ, ବିଜୟ ନାୟକ, ଡ. ଲେନିନ ମହାନ୍ତି, ଟୁକୁନି ସାହୁ, ଭୃଗୁ ବକ୍ସିପାତ୍ର, ପ୍ରଣବ ବଳବନ୍ତରାୟ, ପଦ୍ମନାଭ ବେହେରା, ସୁଲତା ଦେଓ, ସୁଭାଶିଷ ଖୁଣ୍ଟିଆ, ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ଡ. ଲେଖାଶ୍ରୀ ସାମନ୍ତସିଂହାର, ନନ୍ଦଲାଲ ସିଂ, ବ୍ରଜକିଶୋର ପ୍ରଧାନ, ନଳିନୀକାନ୍ତ ପ୍ରଧାନ, ଅଶ୍ୱିନୀ କୁମାର ପାତ୍ର, ଗୌତମବୁଦ୍ଧ ଦାସ, ମାଧବ ଧଡା, ବର୍ଷା ସିଂ ବରିହା, ସଞ୍ଜୀବ କୁମାର ମଲ୍ଲିକ, କଳିକେଶ ନାରାୟଣ ସିଂଦେଓ, ରୋହିତ ପୂଜାରୀ, ମନ୍ମଥ ରାଉତରାୟ, ପ୍ରଶାନ୍ତ ବେହେରା, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ରୂପେଶ ପାଣିଗ୍ରାହୀ, ସାରଦା ପ୍ରସନ୍ନ ଜେନା, ବିଶ୍ୱରଞ୍ଜନ ମଲ୍ଲିକ, ସୁଜାତା ସାହୁ, ପ୍ରଦୀପ କୁମାର ଦିଶାରୀ, କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ଧ୍ରୁବଚରଣ ସାହୁ, ବଦ୍ରିନାରାୟଣ ପାତ୍ର, ଅଭିମନ୍ୟୁ ସେଠୀ, ବିଭୂତି ଭୂଷଣ ବଳବନ୍ତରାୟ, ପ୍ରଦୀପ କୁମାର ସାହୁ, ମନୋହର ରନ୍ଧାରୀ, ଅଧିରାଜ ମୋହନ ପାଣିଗ୍ରାହୀ, ତୁଷାରକାନ୍ତି ବେହେରା, ସୁନିଲ କୁମାର ମହାନ୍ତି, ସୁଦର୍ଶନ ହରିପାଲ, ପ୍ରଶାନ୍ତ ମୁଦୁଲି, ନୃସିଂହ ସାହୁ, ଯୋଗେଶ କୁମାର ସିଂ, ରୋହିତ ଯୋଶେଫ ତିର୍କୀ, ସାରଦା ପ୍ରସାଦ ନାୟକ, ଝିନ୍ନ ହିକକା, ରମେଶ ମାଝୀ, ରଞ୍ଜିତା ସାହୁ, ଉମାକାନ୍ତ ସାମନ୍ତରାୟ, ରାଜେନ୍ଦ୍ର ସାହୁ, ଦେବେଶ ଆଚାର୍ଯ୍ୟ, ସୁମିତ୍ରା ଜେନା, ଗୀତା ବସ୍ତିଆ, ଲୋପାମୁଦ୍ରା ବକ୍ସିପାତ୍ର, ସଂଘମିତ୍ରା ଦଳେଇ, ଅମରେଶ ପତ୍ରି, ଚନ୍ଦ୍ରସାରଥୀ ବେହେରା, ପ୍ରଫୁଲ୍ଲ ସିଂ, ଡ. ପ୍ରମୋଦ ମଲ୍ଲିକ, ମୀନତୀ ବେହେରା, ରଘୁନାଥ ସାହୁ, ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ରୁଦ୍ରପ୍ରତାପ ମହାରଥୀ, ସମ୍ବିତ ରାଉତରାୟ, ଅରିନ୍ଦମ ସର୍କେଲ, ବସନ୍ତ ବିଶ୍ୱାଳ, ଅବନୀ ଯୋଶୀ, ପୁଷ୍ପେନ୍ଦ୍ର ସିଂହଦେଓ, ଶେଖ୍ ନିଜାମୁଦ୍ଦିନ, ରିଜୱାନା ବେଗମ, କୃଷ୍ଣାନନ୍ଦ ମହାନ୍ତି, ରାଇସେନ ମୁର୍ମୁଙ୍କ ସମେତ ହଜାର ହଜାର ଯୁବ, ଛାତ୍ର ଓ ମହିଳା ସାମିଲ ହୋଇଥିଲେ।










## ମା', ମାଟି ଓ ମାତୃଭୂମି ପ୍ରତି ବିଜେପି ଅନ୍ୟାୟ କରିଛି: ସୁଜାତା



ଭୁବନେଶ୍ୱର,୨୮।୯(ସମିସ): ସଂଶୋଧିତ ଖଣି ଆଇନ ବିରୋଧରେ ବିଜେଡିର ମହାବିକ୍ଷୋଭ ସମାବେଶରେ ବିଜେପି ଓ ଡ଼ବଲ ଇଞ୍ଜିନ୍ ସରକାର ଉପରେ ବର୍ଷିଛନ୍ତି ବିଜେଡି ନେତ୍ରୀ ସୁଜାତା ରାଉତ କାର୍ତ୍ତିକେୟନ । ରାଜ୍ୟର ଅର୍ଥକୁ ଖଣି କମ୍ପାନୀକୁ ବିଜେପି ଟେକି ଦେବା ସହ ମା', ମାଟି, ମାତୃଭୂମି ପ୍ରତି ଅନ୍ୟାୟ କରିଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପା ଓ ନିଜ ଅଧିକାର ବଳରେ ଓଡ଼ିଶା ଏହି ଅର୍ଥ ପାଉଥିଲା। ଏହା କାହାର ଦୟା ନ ଥିଲା, ମାତ୍ର କାହିଁକି ଓଡ଼ିଶାକୁ ଏହି ଅଧିକାରରୁ ବଞ୍ଚିତ କରାଗଲା ତାହାର ଉତ୍ତର ବିଜେଡି ମାଗୁଛି ବୋଲି କହିଛନ୍ତି ସୁଜାତା। ଯେତେଦିନ ପର୍ଯ୍ୟନ୍ତ ଓଡ଼ିଶାର ହକ୍ ଓ ଅଧିକାର ନ ମିଳିଛି, ସେତେଦିନ ପର୍ଯ୍ୟନ୍ତ ବିଜୁ ଜନତା ଦଳ ଲଢ଼ିଚାଲିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ସୁଜାତା କହିଛନ୍ତି ଯେ ୨୦୦୪ ମସିହାରେ ନବୀନ ପଟ୍ଟନାୟକ ଆମ ରାଜ୍ୟର ଉନ୍ନତି ପାଇଁ ଖଣି ଆଇନ ଆଣିଥିଲେ। ଖଣିମାଲିକମାନେ ଏହା ବିରୋଧରେ ସୁପ୍ରିମକୋର୍ଟ ଯାଇଥିଲେ। ୨୦ ବର୍ଷ ଅଦାଲତୀ ଲଢ଼େଇ ପରେ ଓଡ଼ିଶାବାସୀଙ୍କ ସପକ୍ଷରେ ସୁପ୍ରିମକୋର୍ଟ ରାୟ ଦେଲେ। ଓଡ଼ିଶାର ଲୋକଙ୍କ ବିକାଶ ପାଇଁ ଓଡ଼ିଶା ବକେୟା ଲକ୍ଷାଧିକ କୋଟି ଟଙ୍କା ସହ ବାର୍ଷିକ ହଜାର ହଜାର କୋଟି ଟଙ୍କା ପାଇବାର ହକ୍‌ଦାର ହେଲା। ଏହି ଅର୍ଥରେ ବର୍ଷକରେ ଓଡ଼ିଶା ଋଣମୁକ୍ତ ହୋଇପାରିଥାଆନ୍ତା। ଓଡ଼ିଶାରେ କଳ କାରଖାନା ବସାଇ ଆମ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇପାରିଥାଆନ୍ତା। ଗାଁ ଗହଳିରେ ଲକ୍ଷ ଲକ୍ଷ ବୟସ୍କ ଲୋକ ପେନସନ ପାଇଥାଆନ୍ତେ। ପରିଶ୍ରମୀ ଚାଷୀ ଭାଇଭଉଣୀଙ୍କୁ ଋଣମୁକ୍ତ କରିପାରିଥାନ୍ତେ। ଗଙ୍ଗାଧର ମେହେର ଏବଂ ଲୋୟର ସୁକତେଲ ଭଳି ଶହ ଶହ ଜଳସେଚନ ପ୍ରକଳ୍ପ ଓଡ଼ିଶାକୁ ଆସିପାରିଥାନ୍ତା। ପ୍ରତି ପରିବାରକୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ମିଳିପାରିଥାନ୍ତା। ଗାଁରେ ଥିବା ପ୍ରତ୍ୟେକଟି ସରକାରୀ ସ୍କୁଲକୁ ଆମେ ଆନ୍ତର୍ଜାତୀୟ ସ୍ତରରେ ପରିଣତ କରିପାରିଥାନ୍ତୁ। ଭୁବନେଶ୍ୱରର ମେଟ୍ରୋ ପ୍ରକଳ୍ପ ସରକାର ଗୋଟିଏ ବର୍ଷରେ ସାରିପାରିଥାନ୍ତେ। ଓଡ଼ିଶାକୁ ଆମେ ୩୦ ବର୍ଷ ଆଗକୁ ନେଇପାରିଥାନ୍ତୁ; ବର୍ଷ ବର୍ଷ ଧରି ଓଡ଼ିଶା ଏକ ନମ୍ବର ରାଜ୍ୟ ହୋଇ ରହିଥାନ୍ତା। ଆମ ଜେନ-ଜି ତଥା ଯୁବପିଢ଼ିଙ୍କ ଭବିଷ୍ୟତକୁ ସୁଦୃଢ଼ ଓ ସଶକ୍ତ କରିପାରିଥାନ୍ତୁ। ମାତ୍ର ଏହି ବିପୁଳ ଅର୍ଥରାଶି ନେଇ ଆସୁଥିବା ମା' ଲକ୍ଷ୍ମୀଙ୍କୁ ବିଜେପି ବାଟରୁ ଫେରାଇ ଦେଲେ । ଏବେ ବିଜେପିର ସାଂସଦମାନେ କହୁଛନ୍ତି, ଖଣି ରୟାଲଟି ହିଁ ଆମ ପାଇଁ ଯଥେଷ୍ଟ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ଯୋଗୁଁ ରାଜ୍ୟର ଖଣି ରୟାଲଟି ବାର୍ଷିକ ୫ ହଜାରକୋଟିରୁ ୫୦ ହଜାରକୋଟିରେ ପହଞ୍ଚିଛି। ସ୍ୱୟଂ ପ୍ରଧାନମନ୍ତ୍ରୀ ସଂସଦରେ ଏହାକୁ ସ୍ୱୀକାର କରିଛନ୍ତି, ଓଡ଼ିଶାର ଉଦାହରଣ ଦେଇ ନବୀନ ପଟ୍ଟନାୟକଙ୍କ ପ୍ରଶଂସା କରିଛନ୍ତି। ମାତ୍ର ବନ୍ଦେ ଉତ୍କଳ ଜନନୀ ଗାନ କରି ମହାପ୍ରଭୁ ଜଗନ୍ନାଥଙ୍କ ନାମରେ ଶପଥ ନେଇ ବିଜେପି ନେତାମାନେ, ସାଂସଦମାନେ ମିଛ କହିଛନ୍ତି। ରାଜ୍ୟ ସ୍ୱାର୍ଥ ବିରୋଧୀ ଆଇନକୁ ସମର୍ଥନ କରିଛନ୍ତି। ମା', ମାଟି, ମାତୃଭୂମି ପ୍ରତି ଅନ୍ୟାୟ କରିଛନ୍ତି। ମାତ୍ର ବିଜେଡି ଏହା ବିରୋଧରେ ଲଢ଼ି ଆସିଛି। ଏହି ଲଢ଼େଇ ଓଡ଼ିଶାବାସୀ, ଓଡ଼ିଶାର ଭବିଷ୍ୟତ ଓ ଓଡ଼ିଶାର ଯୁବପିଢ଼ିଙ୍କ ପାଇଁ । ଯେ ପର୍ଯ୍ୟନ୍ତ ଏହି ଆଇନ ପ୍ରତ୍ୟାହାର ହୋଇନାହିଁ, ସେ ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ସୁଜାତା କହିଛନ୍ତି।

**ରାଜ୍ୟର ଅର୍ଥକୁ ଖଣି କମ୍ପାନୀକୁ ଟେକିଦେଲେ ବିଜେପି ନେତା**









‘ଲଭ୍ ଆଣ୍ଡ ୱାର୍’

ଆସିଲା ଆଲିଆଙ୍କ ଲୁକ୍

▶ପୃଷ୍ଠା ୧୧ ଦେଖନ୍ତୁ...


◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-96 ◆TUESDAY ◆29 SEPTEMBER 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୯୬ ◆ମଙ୍ଗଳବାର ◆୨୯ ସେପ୍ଟେମ୍ବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


### ଏମ୍ଏମ୍‌ଡିଆର୍ ଆଇନ ସଂଶୋଧନ ବିରୋଧରେ ନବୀନଙ୍କ ହୁଙ୍କାର

# ଫେରାଅ ଆମ ଖଣି ଅଧିକାର

■ ଭୁବନେଶ୍ୱର, ୨୮।୯ (ସମିସ): ଏମଏମଡିଆର ସଂଶୋଧନ ବିଲ ଏକ ସାଧାରଣ ବିଲ୍ ନୁହେଁ; ଏହା ରାଜ୍ୟର ଅଧିକାର ସହ ସିଧାସଳଖ ଜଡ଼ିତ। ଏହି ଆଇନ ଲାଗୁ ହେବା ଫଳରେ ଓଡ଼ିଶା ପ୍ରତିବର୍ଷ ହଜାର ହଜାର କୋଟି ଟଙ୍କାର କ୍ଷତି ସହିବ ଓ ଏହାକୁ ବରଦାସ୍ତ କରାଯାଇ ପାରିବ ନାହିଁ। ଓଡ଼ିଶାର ଅଧିକାର ପାଇଁ ମୋର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ମୁଁ ଲଢ଼େଇ କରିବି ବୋଲି ସୋମବାର ଲୋୟର ପିଏମଜିରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ଘୋଷଣା କରିଛନ୍ତି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏହି ଆଇନକୁ ଓଡ଼ିଶାର କାର୍ଯ୍ୟକାରୀ କରାଇ ନ ଦେବାକୁ ସଂକଳ୍ପ ନେବାକୁ ନବୀନ ଏହି ଅବସରରେ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ଏହାସହ ଡ଼ବଲ ଇଞ୍ଜିନ ସରକାରଙ୍କୁ ନବୀନ ପଢ଼ାଇଛନ୍ତି ନୀତି



ଓ ନୈତିକତାର ପାଠ। ଚୌକି ଆଜି ଅଛି କାଲି ନଥିବ; କିନ୍ତୁ ମାଟିକୁ ଧୋକା ଦେଲେ ସବୁ ଦିନ ପାଇଁ ନିନ୍ଦା ମିଳିବ ବୋଲି ନବୀନ ଚେତାଇ ଦେଇଛନ୍ତି। ଜୟ ଜଗନ୍ନାଥ ଧ୍ୱନୀରୁ ନିଜର ଅଭିଭାଷଣ ଆରମ୍ଭ କରି ଓଡ଼ିଶାର ସ୍ୱାର୍ଥ ସହ ବୁଝାମଣା ହେବ ନାହିଁ ବୋଲି ଆଭିମୁଖ୍ୟକୁ ସ୍ପଷ୍ଟ କରି ଦେଇଛନ୍ତି। ନବୀନ କହିଛନ୍ତି ଯେ ଓଡ଼ିଶାର ସ୍ୱାର୍ଥ ଓ ସାଢ଼େ ଚାରି କୋଟି ଓଡ଼ିଆଙ୍କ ହକ ପାଇଁ

**ମାଟିଠାରୁ ବଡ଼ ନୁହେଁ ଦଳ; ଓଡ଼ିଶାର ଅଧିକାର ପାଇଁ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଲଢ଼ିବି**

**ରାଜ୍ୟର ଜେନ୍-ଜିଙ୍କ ଭବିଷ୍ୟତ ଓ ସାଢ଼େ ଚାରିକୋଟି ଓଡ଼ିଆଙ୍କ ପାଇଁ ଏ ଲଢ଼େଇ**

**ଚୌକି କାଲି ନ ଥିବ; କିନ୍ତୁ ଏ ମାଟିକୁ ଧୋକା ଦେଲେ ସବୁ ଦିନ ପାଇଁ ନିନ୍ଦା ମିଳିବ**

**ଆଇନକୁ ଓଡ଼ିଶାରେ କାର୍ଯ୍ୟକାରୀ କରାଇ ନ ଦେବା ଲାଗି ରାଜ୍ୟବାସୀଙ୍କୁ ଆହ୍ୱାନ**

ଆମେ ଆଜି ଏକାଠି ହୋଇଛେ। ଆମର ଜେନ-ଜିଙ୍କ ଭବିଷ୍ୟତ ପାଇଁ ଆମେ ଏ ଲଢ଼େଇ ଲଢୁଛେ। ଏମଏମଡିଆର ସଂଶୋଧନ ବିଲ୍ ଏକ ସାଧାରଣ ବିଲ୍ ନୁହେଁ। ରାଜ୍ୟର ଅଧିକାର ସହ ଏ ବିଲ୍ ଜଡ଼ିତ। ଓଡ଼ିଶାର ଖଣି, ଓଡ଼ିଶାର ଜମି ଉପରେ ଓଡ଼ିଶାବାସୀ ହେଉଛନ୍ତି ମାଲିକ। ମାତ୍ର ଦୁଃଖର କଥା ଏହିକି ଯେ ବିନା ଆଲୋଚନାରେ ଏ ଭଳି ଗୁରୁତ୍ୱପୂର୍ଣ୍ଣ ବିଲ୍ ସଂସଦରେ ପାରିତ ହୋଇଗଲା। ଆଉ ଆମର ୨୦ ବିଜେପି ଏମ୍‌ପି କାହା ସ୍ୱାର୍ଥରେ ଚୁପ ବସିଲେ? ଓଡ଼ିଶା ସରକାର ବି ଚୁପ ରହିଲେ। କାହା ଡରରେ ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି।

ସେ ପୁଣି କହିଛନ୍ତି ଯେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ପାଇଁ ମୁଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲି; ମାତ୍ର କୌଣସି ଉତ୍ତର ମିଳିଲା ନାହିଁ। ମୁଖ୍ୟମନ୍ତ୍ରୀଙ୍କୁ ଏମ୍ଏମ୍‌ଡିଆର୍ ସଂଶୋଧନ ▶ପୃଷ୍ଠା-୭

### ଜ୍ଞାନେଶଙ୍କ ଇସ୍ତଫା ଦାବିରେ ବିଭିନ୍ନ ରାଜ୍ୟରେ କଂଗ୍ରେସର ବିକ୍ଷୋଭ

# ଏସ୍ଆଇଆର୍ ବେଆଇନ



■ ନୂଆଦିଲ୍ଲୀ, ୨୮।୯ (ଏଜେନ୍ସି): ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ସୋମବାର ବିଭିନ୍ନ ରାଜ୍ୟରେ ପ୍ରତିବାଦ କରିଛି କଂଗ୍ରେସ। ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍) ଏବଂ ଭୋଟର ତାଲିକାରେ କଥିତ ଅନିୟମିତତାକୁ ନେଇ ଦଳୀୟ ନେତା ଓ କର୍ମୀମାନେ ସିଇସିଙ୍କ ଇସ୍ତଫା ଦାବି କରିଛନ୍ତି। ଏସ୍ଆଇଆର୍ ପ୍ରକ୍ରିୟାକୁ ବାତିଲ କରିବା ପାଇଁ ମଧ୍ୟ ଦାବି ଉଠିଛି। ତେଲଙ୍ଗାନା, ଜମ୍ମୁ-କଶ୍ମୀର, ଉତ୍ତରପ୍ରଦେଶ, ମହାରାଷ୍ଟ୍ର ସମେତ ଅନ୍ୟ କେତେକ ରାଜ୍ୟରେ କଂଗ୍ରେସ ପକ୍ଷରୁ ପ୍ରତିବାଦ ଓ ବିକ୍ଷୋଭ କରାଯାଇଥିବା ଜଣାପଡ଼ିଛି। ଉତ୍ତରପ୍ରଦେଶର ବାରାଣସୀରେ କଂଗ୍ରେସ କର୍ମୀମାନେ ଆମ୍ବେଦକର ପାର୍କରୁ ଜିଲ୍ଲା ମୁଖ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରା କରି ପ୍ରତିବାଦ କରିଥିଲେ। ଏଥିସହ ବାରାଣସୀର ନିର୍ବାଚନ ବାତିଲ କରିବାକୁ ମଧ୍ୟ ସେମାନେ ଦାବି କରିଥିଲେ। ଶ୍ରୀନଗର ଓ ଲକ୍ଷ୍ନୌରେ ମଧ୍ୟ ଜ୍ଞାନେଶ କୁମାରଙ୍କ ବିରୋଧରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ କରିଥିବା ବେଳେ ପୁଣେରେ ଦଳ ପକ୍ଷରୁ ପ୍ରତିବାଦ କରାଯାଇଥିଲା। ପାଟନାରେ ବାମଦଳଗୁଡ଼ିକ ମଧ୍ୟ ସିଇସିଙ୍କ ବିରୋଧରେ ▶ପୃଷ୍ଠା-୭

### ୨୦୦୦ ଟଙ୍କାରୁ ଅଧିକ କାରବାରରେ ଏମ୍‌ଡିଆର୍ ନେଇ ପ୍ରଶ୍ନ ଉଠାଇଲେ ସୁପ୍ରିମକୋର୍ଟ

# ଆଇନଗତ ଆଧାର କ’ଣ, ଟଙ୍କା ପାଇବ କିଏ

■ ନୂଆଦିଲ୍ଲୀ, ୨୮।୯ (ଏଜେନ୍ସି): ୟୁପିଆଇ ମାଧ୍ୟମରେ ବ୍ୟବସାୟିକ କାରବାର ଉପରେ ମର୍ଚ୍ଚାଣ୍ଟ ଡିସ୍କାଉଣ୍ଟ ରେଟ୍ (ଏମ୍‌ଡିଆର୍) ଲାଗୁ କରିବା ବିରୋଧରେ ସୁପ୍ରିମକୋର୍ଟରେ ଆବେଦନ କରାଯାଇଛି। ଏହି ନିୟମର ଆଇନଗତ ଆଧାର କ’ଣ ଏବଂ ଏଥିରୁ ଆଦାୟ ହେଉଥିବା ଅର୍ଥ କିଏ ପାଇବ ଏ ନେଇ କେନ୍ଦ୍ର ସରକାର, ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଓ ନ୍ୟାସନାଲ ପେମେଣ୍ଟ୍ସ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ)ଠାରୁ ସ୍ପଷ୍ଟୀକରଣ ଲୋଡ଼ିଛନ୍ତି ସୁପ୍ରିମକୋର୍ଟ। ତେବେ ଏହି କ୍ରମରେ କୋର୍ଟ ଏମ୍‌ଡିଆର୍ ଆଦାୟକୁ ବେଆଇନ ଘୋଷଣା କରିନାହାନ୍ତି। ପର୍ସନ୍-ଟୁ-ମର୍ଚ୍ଚାଣ୍ଟ (ପି୨ଏମ୍) କାରବାରରେ ବା କୌଣସି ବଡ଼ ବ୍ୟବସାୟୀଙ୍କୁ ଗ୍ରାହକ ୨୦୦୦ ଟଙ୍କାରୁ ଉର୍ଦ୍ଧ୍ୱ ଅର୍ଥ ୟୁପିଆଇ ମାଧ୍ୟମରେ ପ୍ରେରଣ କଲେ ଏମ୍‌ଡିଆର୍ ଲାଗୁ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ଚାର୍ଜ ଲାଗୁ ଉପରେ ତୁରନ୍ତ ଅଙ୍କୁଶ ଲଗାଇବାକୁ ଆବେଦନକାରୀ ଦାବି କରିଥିଲେ। ଏହି ଆବେଦନର ଶୁଣାଣି ସମୟରେ ସର୍ବୋଚ୍ଚ ଅଦାଲତ ଆଜି ପ୍ରଶ୍ନ ଉଠାଇଛନ୍ତି। ତେବେ କୋର୍ଟ ତୁରନ୍ତ ରୋକ୍ ଲଗାଇବାକୁ ମନା କରିଛନ୍ତି। ୟୁପିଆଇ ଉପରେ ଏମ୍‌ଡିଆର୍ ଆଦାୟ ପାଇଁ କେଉଁ ଆଇନକୁ ଆଧାର ଭାବେ ନିଆଯାଇଛି, ତାହା ସ୍ପଷ୍ଟ କରିବାକୁ କୋର୍ଟ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ କହିଛନ୍ତି। ଏହା ସହ ନୂଆ ବ୍ୟବସ୍ଥାରେ ଆର୍‌ବିଆଇ ଓ ଏନ୍‌ପିସିଆଇର ଭୂମିକା କ’ଣ, ତାହା ମଧ୍ୟ ସ୍ପଷ୍ଟ କରିବାକୁ ▶ପୃଷ୍ଠା-୭




# ମହାନଦୀ ବିବାଦ ତୁଟାଇବେ ଶାହା !



**ମୌସୁମୀରେ ନିୟନ୍ତ୍ରିତ ହେବ ବନ୍ୟା, ଅଣମୌସୁମୀରେ ଆସିବ ପାଣି**

■ ଭୁବନେଶ୍ୱର, ୨୮।୯ (ସମିସ): ମହାନଦୀ ଜଳ ବିବାଦର ଆପୋଷ ସମାଧାନ ଦିଗରେ ଆଉ ଏକ ଅଗ୍ରଗତି ଘଟିଛି। ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଦୀର୍ଘଦିନ ଧରି ଲାଗି ରହିଥିବା ଜଳ ବଣ୍ଟନ ବିବାଦର ସମାଧାନ ପାଇଁ ଆସନ୍ତା ଅକ୍ଟୋବର ୧ରେ ନୂଆଦିଲ୍ଲୀରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ବସିବ ଉଚ୍ଚସ୍ତରୀୟ ବୈଠକ। ଏହି ବୈଠକରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଓ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସିଆର୍ ପାଟିଲ ଯୋଗଦେବେ। ଉଭୟ ରାଜ୍ୟ ମଧ୍ୟରେ ଜଳ ବଣ୍ଟନର ସମାଧାନ ସୂତ୍ର ବାହାର କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ହେବ। ଏହି ସମାଧାନ ପରେ ମୌସୁମୀରେ ମହାନଦୀରେ ବନ୍ୟା ନିୟନ୍ତ୍ରଣ ହେବ ଓ ଅଣ ▶ପୃଷ୍ଠା-୭

**ଅକ୍ଟୋବର ୧ ତାରିଖରେ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୈଠକ**

**ଉପସ୍ଥିତ ରହିବେ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ**

### ପିଲାଙ୍କ ପଢ଼ାବହିରେ ହଜାର ହଜାର ତ୍ରୁଟି

# ତଦନ୍ତ ନିର୍ଦ୍ଦେଶ ଦେଲା ପିଏମ୍‌ଓ

■ ଭୁବନେଶ୍ୱର, ୨୮।୯ (ସମିସ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଠ୍ୟପୁସ୍ତକରେ ହଜାରହଜାର ତ୍ରୁଟି, ବହି ଛାପାରେ ଅନିୟମିତତାରେ ହସ୍ତକ୍ଷେପ କରିଛି ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ (ପିଏମ୍‌ଓ)। ଏ ସଂକ୍ରାନ୍ତରେ ହୋଇଥିବା ଅଭିଯୋଗକୁ ପିଏମ୍‌ଓ ଗମ୍ଭୀରତାର ସହ ଗ୍ରହଣ କରି ତଦନ୍ତ ନିମନ୍ତେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛି। ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ତୁରନ୍ତ ଏ ସଂକ୍ରାନ୍ତରେ ବିସ୍ତୃତ ରିପୋର୍ଟ ଦାଖଲ ପାଇଁ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଭୁବନେଶ୍ୱରରେ ଏକ ଟେକ୍ସଟ୍ ବୁକ୍ ପ୍ରେସ୍ ଏବଂ ବାଣିଜ୍ୟ ବିଭାଗ ଅଧୀନରେ କଟକରେ ଗୋଟିଏ ସରକାରୀ ପ୍ରେସ୍ ରହିଛି। ଭୁବନେଶ୍ୱରରେ ପିଲାଙ୍କ ପଢ଼ା ବହି ଛପା ହେଉଥିବାବେଳେ କଟକରେ ସରକାରଙ୍କ ଅନ୍ୟାନ୍ୟ କାଗଜପତ୍ର ଛପା ହେଉଛି। ଏହି ଉଭୟ ପ୍ରେସ୍ ଦାୟିତ୍ୱରେ ବାଣିଜ୍ୟ ବିଭାଗର ଉପ-ନିର୍ଦ୍ଦେଶକ ଶୁଭ୍ରଜିତ୍ ନାୟକ ରହିଛନ୍ତି। ସମ୍ପୃକ୍ତ ▶ପୃଷ୍ଠା-୭

**ପତ୍ନୀଙ୍କ ନାମରେ ବିଭାଗୀୟ ଅଫିସର ବେପାର କରୁଥିବା ଅଭିଯୋଗ**

**ବହି ଛପା ପୂର୍ବରୁ ପ୍ରୁଫ୍ ସଂଶୋଧନରେ ହୋଇଛି ଗୁରୁତର ଅବହେଳା**


## ଯେତେବେଳେ ହୃଦୟ ଅପେକ୍ଷା କରେନାହିଁ

WORLD HEART DAY 29 SEP | CARE HOSPITALS

**କେୟାର ହସ୍ପିଟାଲ୍ସ (CARE Hospitals), ଭୁବନେଶ୍ୱର ତରଫରୁ ବିଶ୍ୱ ହୃଦୟ ଦିବସର ଏକ ବିଶେଷ ବାର୍ତ୍ତା**



ତାଙ୍କୁ ମାତ୍ର ଚଉତିରିଶ ବର୍ଷ ହୋଇଥିଲା। ଗତ ଶୀତଦିନେ ସେ ଭୁବନେଶ୍ୱରରେ ଏକ ହାଫ୍-ମାରାଥନ୍ (Half-marathon) ଦୌଡ଼ିଥିଲେ। ଭୁବନେଶ୍ୱର ମଙ୍ଗଳବାର ସକାଳେ, ଦ୍ୱିତୀୟ କପ୍ ଚା’ ପିଉ ପିଉ ସେ ତାଙ୍କ ସ୍ତ୍ରୀଙ୍କୁ କହିଲେ ଯେ ତାଙ୍କ ଛାତି ଭାରି ଭାରି ଲାଗୁଛି ଏବଂ ବୋଧହୁଏ ଗତକାଲି ରାତିର ପୁରୀ ଖାଇବା ଯୋଗୁଁ ଏମିତି ଗ୍ୟାସ୍ ହେଉଛି।

କିନ୍ତୁ ତାହା ପୁରୀ ଖାଇବା ଯୋଗୁଁ ନଥିଲା। ତାଙ୍କ ଜୀବନ ବଞ୍ଚାଇଥିବା ଜିନିଷଟି ଭାଗ୍ୟ ନଥିଲା। ତାହା ଥିଲା ଘରର ଜଣେ ସଦସ୍ୟଙ୍କ ସେହି ଶବ୍ଦ— ‘ଚାଲ,’ଅପେକ୍ଷା କରି ଦେଖିବା’ ବଦଳରେ ଏବେ ହିଁ ହସ୍ପିଟାଲ୍ ଯିବା। ‘ଚାଳିଶ ମିନିଟ୍ ପରେ ସେ କେୟାର ହସ୍ପିଟାଲ୍ସର କ୍ୟାଥ୍ ଲ୍ୟାବ୍ (Cath lab) ଟେବୁଲ୍‌ରେ ଥିଲେ। ଆଜି ସେ ନିଜ ଝିଅକୁ ହାତ ଧରି ସ୍କୁଲ୍‌କୁ ନେଇଯାଆନ୍ତି।

ଆମେ ୨୦୦୭ ମସିହାରୁ ବିଭିନ୍ନ ରୂପରେ ଏହି କାହାଣୀ କହିଆସୁଛୁ।

**ଓଡ଼ିଶା ଦେଇଥିବା ଏକ ବିଶ୍ୱାସର ପ୍ରତିଶ୍ରୁତି:**

ଯେତେବେଳେ ଭୁବନେଶ୍ୱରରେ କେୟାର ହସ୍ପିଟାଲ୍ସ ଆରମ୍ଭ ହୋଇଥିଲା, ସେତେବେଳେ ନିଜ ଘର ପାଖରେ ମିଳିପାରୁଥିବା ଚିକିତ୍ସା ପାଇଁ ବି ପରିବାରଗୁଡ଼ିକୁ ରାଜ୍ୟ ବାହାରକୁ ଯିବାକୁ ପଡୁଥିଲା ସେହି ସ୍ଥିତି ବଦଳିଗଲା। କୌଣସି ଗୋଟିଏ ମେସିନ୍ ଯୋଗୁଁ ନୁହେଁ, ବରଂ କଟକ, ପୁରୀ, ସମ୍ବଲପୁର, ବାଲେଶ୍ୱର, ରାଉରକେଲା, ଅନୁଗୋଳ ଏବଂ ଏହାର ଗାଁଗୁଡ଼ିକରୁ ଆସିଥିବା ହଜାର ହଜାର ପରିବାର ଆମ ଉପରେ, ଆମ ଚିକିତ୍ସା ଉପରେ ସେମାନଙ୍କ ପ୍ରିୟଜନଙ୍କ ଜୀବନ ନ୍ୟସ୍ତ କରିବାକୁ ନିଷ୍ପତ୍ତି ନେଲେ। ସେହି ବିଶ୍ୱାସ ହିଁ ଆମର ସବୁଠାରୁ ବଡ଼ ସଂପତ୍ତି।

**ବୟସର ସେହି ନିୟମ, ଯାହା ଏବେ ବଦଳିଯାଇଛି:**

ଏପରି ଏକ ସମୟ ଥିଲା ଯେତେବେଳେ ଜଣେ ହୃଦ୍‌ରୋଗ ବିଶେଷଜ୍ଞ କହିପାରୁଥିଲେ ଯେ ହୃଦ୍‌ରୋଗ କେବଳ ଷାଠିଏ ବର୍ଷ କିମ୍ବା ତା’ଠାରୁ ଅଧିକ ବୟସର ଲୋକଙ୍କୁ ହୋଇଥାଏ। ସେହି କଥାଟି ଏବେ ଚୁପଚାପ୍ ଭୁଲ୍ ସାବ୍ୟସ୍ତ ହୋଇସାରିଛି। ଆମେ ଏବେ କୋଡ଼ିଏରୁ ତିରିଶ ବର୍ଷ ବୟସ ମଧ୍ୟରେ ଥିବା ଯୁବକଯୁବତୀଙ୍କ ଧମନୀରେ ବି ବ୍ଲକେଜ୍ (Blockage) ଦେଖୁଛୁ— ଆଇଟି ପେଷାଦାର, ଦୋକାନୀ, ଏବଂ ଜୀବନସାରା କେବେ ବି ସିଗାରେଟ୍ ଟାଣିନଥିବା ଯୁବତୀମାନଙ୍କ କ୍ଷେତ୍ରରେ ବି ଏହା ଦେଖିବାକୁ ମିଳୁଛି।

ଆମର ବରିଷ୍ଠ ନାଗରିକମାନଙ୍କ ପାଇଁ ଏହି ବିପଦ ସ୍ୱାଭାବିକ ଭାବେ ଆସିଥାଏ। ସିଡ଼ି ଚଢ଼ିଲା ବେଳେ ଶ୍ୱାସକ୍ରିୟାରେ କଷ୍ଟ, ଅସ୍ୱାଭାବିକ କ୍ଲାନ୍ତି, କିମ୍ବା ଗ୍ୟାସ୍, ବୟସ ଓ ପାଣିପାଗକୁ ଦାୟୀ କରି ଏଡ଼ାଇ ଦିଆଯାଉଥିବା ସାମାନ୍ୟ ଅସୁସ୍ଥତା। ଦୟାକରି ଏହାକୁ ସାଧାରଣ ଭାବି ନିଜ ସ୍ୱାସ୍ଥ୍ୟ ପରୀକ୍ଷାରୁ ଓହରି ଯାଆନ୍ତୁ ନାହିଁ।

**ହୃଦୟର ସମସ୍ତ ଚିକିତ୍ସା, ଗୋଟିଏ ଛାତ ତଳେ:**

ଆମର ‘ସେଣ୍ଟର ଅଫ୍ ଏକ୍ସଲେନ୍ସ ଇନ୍ କାର୍ଡିଆକ୍ ସାଇନ୍ସେସ୍’ (Centre of Excellence in Cardiac Sciences) ବୟସ୍କ ଏବଂ ଶିଶୁମାନଙ୍କ ହୃଦ୍‌ରୋଗର ସଂପୂର୍ଣ୍ଣ ଚିକିତ୍ସା ସେବା ଯୋଗାଇଥାଏ:

ଜରୁରୀକାଳୀନ ଚିକିତ୍ସା (Emergency intervention) — ହୃଦଘାତ (Heart attack) ପାଇଁ ପ୍ରାଥମିକ ଆଞ୍ଜିଓପ୍ଲାଷ୍ଟି (Primary angioplasty) ଏବଂ ୨୪ ଘଣ୍ଟା କ୍ୟାଥ୍ ଲ୍ୟାବ୍ ପ୍ରସ୍ତୁତି।

କୋରୋନାରୀ କେୟାର (Coronary care) — ଆଞ୍ଜିଓଗ୍ରାଫି, ଆଞ୍ଜିଓପ୍ଲାଷ୍ଟି, ଷ୍ଟେଣ୍ଟିଂ ଏବଂ ଜଟିଳ ଓ ଉଚ୍ଚ-ବିପଦପୂର୍ଣ୍ଣ ପିସିଆଇ (PCI)।

ହୃଦ୍‌ରୋଗ ଶଲ୍ୟଚିକିତ୍ସା (Cardiac surgery) — ବାଇପାସ୍ ସର୍ଜରୀ (CABG), ବିଟିଂ-ହାର୍ଟ (Beating-heart) ଏବଂ ମିନିମାଲି ଇନଭେସିଭ୍ (Minimally invasive) ପ୍ରକ୍ରିୟା।

ଭାଲ୍ଭ ଚିକିତ୍ସା (Valve care) — ଭାଲ୍ଭ ମରାମତି ଓ ପ୍ରତିରୋପଣ, ବାଲୁନ୍ ଭାଲ୍ଭୁଲୋପ୍ଲାଷ୍ଟି, ଟାଭି।

ହୃଦ୍‌ସ୍ପନ୍ଦନ ସମ୍ବନ୍ଧୀୟ ସମସ୍ୟା (Rhythm disorders) — ପେସ୍‌ମେକ, ICD ଏବଂ CRT ଇଂପ୍ଲାଣ୍ଟେସନ୍, EP ଷ୍ଟଡି ଏବଂ ଜର ଆବ୍ଲେସନ୍।

ଗଠନମୂଳକ ଓ ଶିଶୁ ହୃଦ୍‌ରୋଗ ଚିକିତ୍ସା (Structural and paediatric heart care) — ASD, VSD ଏବଂ PDA ପାଇଁ ଡିଭାଇସ୍ କ୍ଲୋଜର, ଜନ୍ମଗତ ହୃଦ୍‌ରୋଗର ସଂଶୋଧନ।

ହାର୍ଟ ଫେଲ୍ୟୁଅର ଏବଂ ପ୍ରତିଷେଧକ କାର୍ଡିଓଲୋଜି (Heart failure and preventive cardiology) — ସ୍ୱତନ୍ତ୍ର କ୍ଲିନିକ୍, କାର୍ଡିଆକ୍ ରିହାବିଲିଟେସନ୍, ଏକ୍ସିକ୍ୟୁଟିଭ୍ ହାର୍ଟ ସ୍କ୍ରିନିଂ।

**ସମୟ କାହିଁକି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ:**

ହୃଦ୍‌ରୋଗ ସମ୍ବନ୍ଧୀୟ ଆପାତକାଳୀନ ସ୍ଥିତି ପ୍ରଥମ ନବେ ମିନିଟ୍ ମଧ୍ୟରେ ହିଁ ନିର୍ଣ୍ଣୟ ହୋଇଥାଏ। ସେଥିପାଇଁ ଏଠାରେ ୧୦ ରୁ ଅଧିକ ବରିଷ୍ଠ ବିଶେଷଜ୍ଞ ଡାକ୍ତର ବର୍ଷର ୩୬୫ ଦିନ ୨୪ ଘଣ୍ଟା ଉପଲବ୍ଧ ରହନ୍ତି। ଘରେ ରହି ଫୋନ୍ କଲ୍‌ରେ ନୁହେଁ, ବରଂ ହସ୍ପିଟାଲ୍‌ରେ ଉପସ୍ଥିତ ରହନ୍ତି। ଯେତେବେଳେ ଗୋଟିଏ ପରିବାର ରାତି ଦୁଇଟାରେ କୌଣସି ଛୋଟ କ୍ଲିନିକ୍‌ର ଇସିଜି (ECG) ରିପୋର୍ଟ ଧରି ଆସିଥାଏ, ସେତେବେଳେ ଜଣେ ବରିଷ୍ଠ ଡାକ୍ତର ଆଗେଇ ଆସି ସେମାନଙ୍କୁ ସାହାଯ୍ୟ କରିବା ଉଚିତ୍।

**ଏହି ବିଶ୍ୱ ହୃଦୟ ଦିବସରେ, ଗୋଟିଏ ଛୋଟ କାମ କରନ୍ତୁ:**

ଯେଉଁ ସ୍ୱାସ୍ଥ୍ୟ ପରୀକ୍ଷାକୁ ଆପଣ ଏଡ଼ାଇ ଆସୁଛନ୍ତି, ତାହା ଆଜି ହିଁ ବୁକ୍ କରନ୍ତୁ। ଆପଣଙ୍କ ବାପା-ମା’ ଶେଷଥର କେବେ ଲିପିଡ୍ ପ୍ରୋଫାଇଲ୍ (Lipid profile) ପରୀକ୍ଷା କରିଥିଲେ ପଚାରନ୍ତୁ। ଆପଣଙ୍କ ହୃଦୟ ଗୋଟିଏ ଦିନ ବି ଛୁଟି ନନେଇ ଆପଣଙ୍କ ପାଇଁ କାମ କରିଚାଲିଛି। ତା’ର ଯତ୍ନ ନେଇ ଏହି ଋଣ ସୁଝନ୍ତୁ।

କେୟାର ହସ୍ପିଟାଲ୍ସ, ଭୁବନେଶ୍ୱର — ସେଣ୍ଟର ଅଫ୍ ଏକ୍ସଲେନ୍ସ ଇନ୍ କାର୍ଡିଆକ୍ ସାଇନ୍ସେସ୍। ୨୦୦୭ ମସିହାରୁ ଓଡ଼ିଶାବାସୀଙ୍କ ହୃଦୟର ଯତ୍ନ ନେଇଆସୁଛି।

ADVT


## ଓଲଟ ପାଲଟ



ବସ୍ତି, ଗଳିକନ୍ଦି ଚାରିଆଡ଼େ ଏବେ
ଚୋରା ମଦ କାରବାର,
ତା’ ସହିତ ଚାଲେ ବ୍ରାଉନ ସୁଗାର
ବଢ଼େ ଗଞ୍ଜେଇ ବେପାର।
କାହାକୁ ଧରିବ ଧର
ଆମ୍ବୁଲାନ୍ସରେ, ପରିବା ଗାଡ଼ିରେ
ଯାଉଛି ଦୂର ସହର,
ଅବକାରୀ ବିଭାଗକୁ ଦିଶୁନାହିଁ
ଘଟଣା ଟି ଗୁରୁତର।
ଧାନ ଫସଲକୁ ସାର ମିଳେ ନାହିଁ
ଲାଗେ ଗଞ୍ଜେଇ ଚାଷର॥

- ଯାଯାବର

### ମୁଣ୍ଡଳୀ ଛୁଇଁଲା ୮ ଲକ୍ଷ କ୍ୟୁସେକ ବନ୍ୟାଜଳ

# ବୁଡ଼ିଲା ମହାନଦୀ ତଳି ଅଞ୍ଚଳ

■ ଭୁବନେଶ୍ୱର, ୨୮।୯ (ସମିସ): ଉପରମୁଣ୍ଡରେ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାର ଉଛୁଳୁମୁଛୁଳୁ। ଜଳସ୍ତରକୁ ସ୍ୱାଭାବିକ ରଖିବା ପାଇଁ ହୀରାକୁଦରୁ ୩୦ ଫାଟକ ଖୋଲାଯିବା ପରେ ମହାନଦୀ ଓ ଏହାର ଶାଖାନଦୀଗୁଡ଼ିକ ଫୁଲିବା ଆରମ୍ଭ କରିଛି। ଫଳରେ ମହାନଦୀ ତଳିଆ ଅଞ୍ଚଳଗୁଡ଼ିକ ଜଳମଗ୍ନ ହୋଇଛି। ମୁଣ୍ଡଳୀରେ ଆଜି ୮ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ଆଗକୁ ଅଧିକ ଗେଟ୍ ଖୋଲିଲେ ନଦୀ ଜଳସ୍ତର ଆହୁରି ବଢ଼ିବାର ଆଶଙ୍କା ରହିଛି। ଅବପାତ ବର୍ଷା ଯୋଗୁଁ ଛତିଶଗଡ ପଟୁ ପ୍ରାୟ ୬ ଲକ୍ଷ କ୍ୟୁସେକ ଜଳ ହୀରାକୁଦକୁ ପ୍ରବେଶ କରୁଛି। ତେଣୁ ୩୦ ଫାଟକ ଦେଇ ବନ୍ୟାଜଳ ପ୍ରବାହିତ ହେଉଛି। ଲୁଣା, କରାଣ୍ଡିଆ, ରାଜୁଆ, ଦେବୀ, କନ୍ଦଳ, ଦୟା, ଭାର୍ଗବୀ, କାଠଯୋଡ଼ି ଓ କୁଆଖାଇ ନଦୀରେ ଜଳସ୍ତର ବୃଦ୍ଧି ପାଇଛି। କଟକ, ଖୋର୍ଦ୍ଧା, ପୁରୀ ଓ ଜଗତସିଂହପୁରର ତଳିଆ ଅଞ୍ଚଳରେ ବନ୍ୟାଜଳ ପ୍ରବେଶ କରିଛି। ପୁରୀର କଣାସ, ସତ୍ୟବାଦୀ, ନିମାପଡ଼ା ଓ ଗୋପ ଅଞ୍ଚଳ ପ୍ରଭାବିତ ହେବା ସହ କଟକର ଆଠଗଡ଼ ସମେତ ବାଙ୍କୀ ଓ ବଡ଼ମ୍ବା ଅଞ୍ଚଳରେ ମଧ୍ୟ ଜଳ ପଶିବା ଆଶଙ୍କା ରହିଛି। ମହାନଦୀରେ ପାଣି ବଢୁଥିଲେ ମଧ୍ୟ ଉତ୍ତର ଓଡ଼ିଶାରେ ବନ୍ୟା ସ୍ଥିତିରେ ଧୀରେ ଧୀରେ ସୁଧାର ଆସୁଛି। ସୁବର୍ଣ୍ଣରେଖାର ରାଜଘାଟ, ବୁଢ଼ାବଳଙ୍ଗ ଓ ବୈତରଣୀରେ ଜଳସ୍ତର କମୁଥିବା ଜଳସମ୍ପଦ ବିଭାଗ ▶ପୃଷ୍ଠା-୭



**ହୀରାକୁଦରେ ୩୦ ଫାଟକ ଖୋଲା**

# ୫ ଦିନରେ ‘ମୌସୁମୀ’ ଶେଷ

**୪ କାର୍ଯ୍ୟଦିବସ ପୂର୍ବରୁ ବିଧାନସଭା ମୁଲତବୀ**

**ହେଲାନାହିଁ ବହି ତ୍ରୁଟି, ଏମ୍ଏମ୍‌ଡିଆର୍ ଆଲୋଚନା**

**୫ ଦିନରେ ଗୃହ ଚାଲିଲା ମୋଟ ୫ ଘଣ୍ଟା ୧୨ ମିନିଟ୍**

**ଉପସ୍ଥାପନ ହେଲା ୭ ବିଲ୍, ଶେଷ ଦିନରେ ୪ ଗୃହୀତ**



■ ଭୁବନେଶ୍ୱର, ୨୮।୯ (ସମିସ): ୪ କାର୍ଯ୍ୟଦିବସ ବାକି ଥାଇ ମୌସୁମୀ ଅଧିବେଶନ ଶେଷ ହୋଇଛି। ଶେଷ ଦିନରେ ମୋଟ୍ ୪ ଟି ବିଲ୍ ପାରିତ ହୋଇଥିବା ବେଳେ ରାଜ୍ୟରେ ଉପୁଜିଥିବା ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଲୋକପ୍ରତିନିଧିମାନଙ୍କୁ ନିଜ ନିଜ ଅଞ୍ଚଳରେ ରହିବାର ଆବଶ୍ୟକତା କରି ବିଧାନସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ କରାଯାଇଥିବା କୁହାଯାଇଛି। ଗତ ୨୨ ତାରିଖରେ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହୋଇଥିଲା। ୩ ତାରିଖ ପର୍ଯ୍ୟନ୍ତ ବିଧାନସଭା ଚାଲିବ ବୋଲି ନିଷ୍ପତ୍ତି ହୋଇଥିଲା ମୋଟ୍ ୯ଟି କାର୍ଯ୍ୟଦିବସ ରହିଥିଲା। ମାତ୍ର ଚଳିତ ଅଧିବେଶନରେ ମାତ୍ର ୫ଟି କାର୍ଯ୍ୟଦିବସ ସହ ମୌସୁମୀ ଅଧିବେଶନକୁ ବନ୍ଦ କରି ଦିଆଯାଇଛି। ଅଧିବେଶନ ଆରମ୍ଭରୁ ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ଏମ୍ଏମ୍‌ଡିଆର୍ ଓ ବହି ତ୍ରୁଟି ପ୍ରସଙ୍ଗ ଉତ୍ଥାପନ କରି ସରକାରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଥିଲେ। ପ୍ରଥମ ଦୁଇ ଦିନ ବିଜେଡି ପୁସ୍ତକ ତ୍ରୁଟି ପ୍ରସଙ୍ଗରେ ପ୍ରବଳ ହଟଗୋଳ କରିବା ସହ କଂଗ୍ରେସ ଏମ୍ଏମ୍‌ଡିଆର୍ ପ୍ରସଙ୍ଗରେ ନାରାବାଜି କରିଥିଲା। ପରବର୍ତ୍ତୀ ସମୟରେ ବିଜେଡି ମଧ୍ୟ ଏମ୍ଏମ୍‌ଡିଆର୍ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଘେରିଥିଲା। ଏହାର ପରିଣାମ ସ୍ୱରୂପ ୪ ଦିନ ପର୍ଯ୍ୟନ୍ତ ଗୃହ କାର୍ଯ୍ୟ ସୁରୁଖୁରୁ ହୋଇ ପାରି ନ ଥିଲା। ପ୍ରଥମ ଦିନରେ ଶୋକ ପ୍ରସ୍ତାବ ସହ ଗୃହ ମାତ୍ର ୪୯ ମିନିଟ୍ ଚାଲିଥିବାବେଳେ ଦ୍ୱିତୀୟ ଦିନରେ ୧୧ ମିନିଟ୍, ତୃତୀୟ ଦିନରେ ୧୭ ମିନିଟ୍ ଓ ଚତୁର୍ଥ ଦିନରେ ଗୃହ କାର୍ଯ୍ୟ ମାତ୍ର ୮ ମିନିଟ୍ ଚାଲି ପାରିଥିଲା। ଶେଷ ଦିନ ଅର୍ଥାତ ୫ ଦିନରେ ପୂର୍ବ ▶ପୃଷ୍ଠା-୭

# ଡକାୟତି ଯୋଜନା ପଣ୍ଡ; ୬ ଗିରଫ

## ମାରଣାସ୍ତ୍ର ଓ ଲଙ୍କାଗୁଣ୍ଡ ଜବତ

ରାଉରକେଲା, ୨୮।୯ (ସମିସ)

ରାଜଗାଙ୍ଗପୁର ସହରରେ ଏକ ବଡ଼ ଧରଣର ଡକାୟତି ପାଇଁ ଯୋଜନା କରୁଥିବାବେଳେ ରାଜଗାଙ୍ଗପୁର ପୁଲିସ ୬ ଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଗିରଫ କରିଛି। ୨୮ ସେପ୍ଟେମ୍ବର ଭୋର ସମୟରେ ରାତ୍ରିକାଳୀନ ପାଟ୍ରୋଲିଂ ବେଳେ ଭାଟି ନଦୀ ନିକଟସ୍ଥ ଭଗତଟୋଲା ଅଞ୍ଚଳରୁ ପୁଲିସ ସେମାନଙ୍କୁ କାବୁ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଚିଣ୍ଟୁ ମାସାନ, ବଳଦେବ ନାଗ, ସୁଜିତ ଭେଙ୍ଗ୍ରା ଓରଫ 'ଖଇନି', ଆଜାଦ ନାଗ, ସିଣ୍ଟୁ ସାହୁ ଓ ଭୁଜଙ୍ଗ କୁମାର ପାତ୍ର। ଘଟଣାସ୍ଥଳରୁ ଅନ୍ୟଜଣେ ବ୍ୟକ୍ତି ଖସି ପଳାଇବାରେ ସକ୍ଷମ ହୋଇଥିବା ବେଳେ ତାଙ୍କ ପରିଚୟ ନିରୂପଣ ପାଇଁ ପୁଲିସ ତଦନ୍ତ ଜାରି ରଖିଛି। ପୁଲିସର ଚଢ଼ଉ ସମୟରେ ଅଭିଯୁକ୍ତମାନଙ୍କ ନିକଟରୁ ୪ଟି ଧାରୁଆ ଲୁହା ଛୁରି, ୫ଟି ଗାମୁଛା, ନମ୍ବର ପ୍ଲେଟ୍ ନଥିବା ଗୋଟିଏ ବାଇକ୍ ଏବଂ ୨ ପ୍ୟାକେଟ୍ ଲଙ୍କାଗୁଣ୍ଡ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କର ପୂର୍ବରୁ ମଧ୍ୟ ବିଭିନ୍ନ ଅପରାଧିକ ମାମଲାରେ ସମ୍ପୃକ୍ତି ଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ସେମାନଙ୍କ ବିରୋଧରେ ଡକାୟତି, ଲୁଟ୍, ଚୋରି, ଘରଭାଙ୍ଗା ଏବଂ ହତ୍ୟା ଉଦ୍ୟମ ଭଳି ଅଭିଯୋଗ ସମ୍ପର୍କିତ ମାମଲା ରହିଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୦(୪)/୩୧୦(୫) ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି। ଗିରଫ ସମସ୍ତ ଅଭିଯୁକ୍ତଙ୍କୁ ପରବର୍ତ୍ତୀ ଆଇନଗତ ପ୍ରକ୍ରିୟା ପାଇଁ ଅଦାଲତରେ ହାଜର କରାଯାଇଛି।



# ଜିଲ୍ଲା ସଦର ମହକୁମାଠାରେ ଯୁଗ୍ମ ଅଭିଯୋଗ ଶୁଣାଣି



ରାଉରକେଲା, ୨୮।୯ (ସମିସ): ସ୍ଥାନୀୟ ସଦ୍‌ଭାବନା ଭବନ ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଶୁଣିଥିଲେ। ମୋଟ ୧୨୩ ଗୋଟି ଅଭିଯୋଗ ରହିଥିଲା। ସେଥିମଧ୍ୟରୁ ୮୪ ଗୋଟି ବ୍ୟକ୍ତିଗତ ଓ ୧୦ ଗୋଟି ସାମୂହିକ। ୫୯ଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୧୮ ଗୋଟି ଏବଂ ରେଡକ୍ରସରୁ ଆର୍ଥିକ ସହାୟତା ନିମନ୍ତେ ୧୧ ଗୋଟି ଆବେଦନ ରହିଥିଲା। ଏହି ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା ତଥା ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ବାସନ୍ତୀ ପାଠାଗାରର ସ୍ୱତନ୍ତ୍ର ସାହିତ୍ୟ ଆସର

ରାଉରକେଲା, ୨୮।୯ (ସମିସ): ସହରର ଅନ୍ୟତମ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବାସନ୍ତୀ ପାଠାଗାର ତରଫରୁ ସ୍ୱତନ୍ତ୍ର ସାହିତ୍ୟ ଆସର, କବିତା ପାଠ ଓ ସିଧା କଥା ପାଠାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରସନ୍ନ କୁମାର ସାବତଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିଧା କଥାରେ ମ୍ୟୁନିସିପାଲ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ସନାତନ ପ୍ରଧାନ ପ୍ରାକୃତିକ ବିପର୍ଯ୍ୟୟ ଓ ପରିବେଶ ନୈତିକତା ଉପରେ ଆଲୋଚନା କରିଥିଲେ। ତାଙ୍କ ସହ କଥା ହୋଇଥିଲେ ଇଂ ସୁବାସ ମହାପାତ୍ର।

ବିଶିଷ୍ଟ ଶଲ୍ୟ ଚିକିତ୍ସକ ଡାକ୍ତର ଗୋକୁଳାନନ୍ଦ ସାହୁ ରୋଗ ନିରାକରଣରେ ମନୋବଳ ଓ ସକରାତ୍ମକ ଚିନ୍ତା ଉପରେ ଆଲୋଚନା କରିଥିଲେ। ତାଙ୍କ ସହ ସିଧା କଥା ହୋଇଥିଲେ ଗୀତାରାଣୀ ବେହେରା। ଅନ୍ୟତମ ଆଲୋଚକ ପ୍ରାକ୍ତନ ଓଡ଼ିଆ ବିଭାଗର ପ୍ରାଧ୍ୟାପକ ଡ ଅଶ୍ୱିନୀ କୁମାର ରାୟ ଓଡିଆ ଭାଷା ଓ ଓଡ଼ିଆ ଅସ୍ମିତା, ଆମର ଦାୟିତ୍ୱ ଓ ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିଥିଲେ। ତାଙ୍କ ସହ ସିଧା କଥା ହୋଇଥିଲେ ସୁସ୍ମିତା ମହାପାତ୍ର। ପ୍ରତ୍ୟେକ ଆଲୋଚନା ପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିଲା। ପାଠାଗାରର ସାଧାରଣ ସମ୍ପାଦକ ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଂସ୍କୃତିକ ସମ୍ପାଦିକା କବିତା ଦାଶ ସଂଯୋଜନା କରିଥିଲେ।



ଏହି ଅବସରରେ ଡା କୃପାସିନ୍ଧୁ ନାୟକ, ରଶ୍ମିବାଳା ରାଉତରାୟ, ଡା ଗୀତାଞ୍ଜଳି ପତ୍ରି, ରଶ୍ମି ସାହୁ, ସଞ୍ଜୀବ କୁମାର ଭୋଇ, ସୁନିତା ସାହୁ, ଗାୟତ୍ରୀ ସେଠୀ, ଗଦାଧର ରଥ, କୁଞ୍ଜବିହାରୀ ରାଉତ ପ୍ରମୁଖ କବିତା ପାଠ କରିଥିଲେ। ଶେଷରେ ପ୍ରିୟା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଡିଏଭି ପବ୍ଲିକ୍ ସ୍କୁଲରେ ପୋଷଣ ମାସ



ରାଉରକେଲା, ୨୮।୯ (ସମିସ): ସ୍ଥାନୀୟ ବାସନ୍ତୀ କଲୋନୀ ସ୍ଥିତ ଡ. ଏ ଏନ୍ ଖୋସ୍‌ଲା ଡିଏଭି ପବ୍ଲିକ୍ ସ୍କୁଲରେ ପୋଷଣ ମାସ ପାଳିତ ହୋଇଯାଇଛି। ମାସବ୍ୟାପୀ ଏହି କାର୍ଯ୍ୟକ୍ରମରେ ପ୍ରାର୍ଥନା ସଭାରେ ସ୍ୱାସ୍ଥ୍ୟ ସଚେତନତା ଆଲୋଚନା ଓ ପୋଷଣ ଶପଥ, ପୋଷ୍ଟର ପ୍ରତିଯୋଗିତା, ପୋଷଣ କୁଇଜ୍ ପ୍ରତିଯୋଗିତା ଏବଂ ନୋ-ଫାୟାର୍ ହେଲ୍‌ଥ କୁକିଂ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହାସହ ସ୍କୁଲରେ ମଧ୍ୟ ସୁସ୍ଥ ଖାଦ୍ୟାଭ୍ୟାସକୁ ଗୁରୁତ୍ୱ ଦିଆଯାଇଥିଲା। ସ୍କୁଲ କ୍ୟାଣ୍ଟିନ୍‌ରେ କେବଳ ସୁସ୍ଥ ଓ ପୌଷ୍ଟିକ ଖାଦ୍ୟ ପରିବେଷଣ କରାଯାଇଥିବା ବେଳେ ଅଭିଭାବକମାନଙ୍କୁ ମଧ୍ୟ ପିଲାମାନଙ୍କ ପାଇଁ ପୌଷ୍ଟିକ ଓ ସନ୍ତୁଳିତ ଟିଫିନ୍ ଦେବାକୁ ଉତ୍ସାହିତ କରାଯାଇଥିଲା। ଟିଫିନ୍‌ରେ ମଇଦା ଓ ଅତିରିକ୍ତ ଚିନିର ବ୍ୟବହାର କମ୍ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଅଧ୍ୟକ୍ଷ ଡ. ସମୀର କୁମାର କାନୁନ୍‌ଗୋଙ୍କ ଦକ୍ଷ ମାର୍ଗଦର୍ଶନରେ ବିଦ୍ୟାଳୟ ସ୍ୱାସ୍ଥ୍ୟ ନର୍ସ ନୀଳାଞ୍ଜନା ଲେଙ୍କାଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# କେନ୍ଦ୍ରୀୟ ପୂଜା କମିଟି ନିର୍ବାଚନ ପାଇଁ ନାମାଙ୍କନ ଶେଷ

ରାଉରକେଲା, ୨୮।୯ (ସମିସ): ଶାରଦୀୟ ଦୁର୍ଗାପୂଜା, କାଳୀପୂଜା ଓ ଲକ୍ଷ୍ମୀପୂଜାର ସୁପରିଚାଳନା ନିମନ୍ତେ ଗଠିତ ରାଉରକେଲା କେନ୍ଦ୍ରୀୟ ପୂଜା କମିଟି (ସିପିସି), ୨୦୨୬-୨୭ ବର୍ଷ ପାଇଁ ନିର୍ବାଚନ ଆସନ୍ତା ୪ ଅକ୍ଟୋବରରେ ଅନୁଷ୍ଠିତ ହେବ। ଏହା ପାଇଁ ନାମାଙ୍କନପତ୍ର ପତ୍ର ଦାଖଲ ପ୍ରକ୍ରିୟା ଆଜି ସମାପ୍ତ ହୋଇଛି। କମିଟିର ବିଭିନ୍ନ ପଦ ପଦବୀ ପାଇଁ ମୋଟ ୨୭ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ସାଧାରଣ ସଚିବ ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିବା ଦୁଇ ଜଣ ପ୍ରାର୍ଥୀ ହେଲେ ଓମ୍ ଶ୍ରୀ ଶ୍ରୀ ଲକ୍ଷ୍ମୀ ପୂଜା କମିଟିର ବିରାଜ ମୋହନ ବିଶ୍ୱାଳ ଓ ସେକ୍ଟର-୨ ଦୁର୍ଗାପୂଜା କମିଟିର ବୀରେନ୍ଦ୍ର ନାରାୟଣ ସ୍ୱାଇଁ। ସେହିପରି ସାର୍ବଜନୀନ ଶ୍ରୀ ଶ୍ରୀ ଦୁର୍ଗା ପୂଜା ସମିତିର ବିଶ୍ୱନାଥ ଦେ ଓ ଆହୁତି ଭବନ ହାଉସିଙ୍ଗ ବୋର୍ଡ ଦୁର୍ଗାପୂଜା କମିଟିର ଶ୍ରୀକୃଷ୍ଣ ପରିଡ଼ା କୋଷାଧ୍ୟକ୍ଷ ପଦ ପାଇଁ ନାମାଙ୍କନ ଭରିଛନ୍ତି। କେନ୍ଦ୍ରୀୟ ପୂଜା କମିଟିର ୩ଟି ଜୋନ ଯଥା ସିଭିଲ୍ ଟାଉନସିପ୍ ଜୋନ୍, ଷ୍ଟିଲ୍ ଟାଉନସିପ୍ ଜୋନ୍ ଓ ଫର୍ଟିଲାଇଜର ଟାଉନସିପ୍ ପ୍ରତ୍ୟେକ ଜୋନ ପାଇଁ ଉପସଭାପତି, ଯୁଗ୍ମ ସଚିବ ଏବଂ ଦୁଇଜଣ କାର୍ଯ୍ୟକାରୀ ସଦସ୍ୟ ପାଇଁ ମଧ୍ୟ ନାମାଙ୍କନ ଦାଖଲ ଆଜି ଶେଷ ହୋଇଯାଇଛି।

ସୂଚନା ଯୋଗ୍ୟ ଯେ ୪ ଅକ୍ଟୋବର ସକାଳ ୯ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ପିଏ ଆଇଟିଡିଏ ସମ୍ମିଳନୀ କକ୍ଷରେ ମତଦାନ ହେବ। ଅପରାହ୍ନ ୪ଟାରେ ଭୋଟ ଗଣତି ଏବଂ ସନ୍ଧ୍ୟା ୬ଟାରେ ନିର୍ବାଚନ ଫଳାଫଳ ଘୋଷଣା କରାଯିବ।

# ଧାମରା ସଂଘ ପକ୍ଷରୁ ଲୁଣିଆ ଓ ଇରମ୍ ସହିଦ ସ୍ମୃତି ଦିବସ

ରାଉରକେଲା, ୨୮।୯ (ସମିସ): ସହରର ଅନ୍ୟତମ ଅଗ୍ରଣୀ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ଧାମରା ସଂଘ ପକ୍ଷରୁ ଲୁଣିଆ ଓ ଇରମ ସହିଦ ସ୍ମୃତି ଦିବସ ସ୍ଥାନୀୟ ଧାମରା ସଂଘ ପରିସରରେ ପାଳିତ ହୋଇଯାଇଛି। ସଭାପତି ପ୍ରଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଡ. ଶିବ ଚରଣ ଖାମୁରାଇ ଯୋଗ ଦେଇ ୧୯୪୨ ମସିହାରେ ଇରମ ଗୁଳିକାଣ୍ଡର ରକ୍ତିମ ସଂଘର୍ଷମୟ କାହାଣୀ ବର୍ଣ୍ଣନା କରି କହିଲେ, ଭଦ୍ରକ ହେଉଛି ବୀର ଭୂମି ଓ ତ୍ୟାଗର ଭୂମି। ଇରମ ଗୁଳିକାଣ୍ଡରେ ବ୍ରିଟିଶ ଗୁଳିରେ ସହିଦ ହୋଇଥିବା ଲୁଣିଆର ୯ ଜଣ ଓ ଇରମର ୨୯ ଜଣଙ୍କ ବଳିଦାନ ଆଗାମୀ ପିଢ଼ିକୁ ଦେଶଭକ୍ତି ଦିଗରେ ବିଶେଷ ଭାବେ ଅନୁପ୍ରାଣିତ କରିବ। ସମ୍ମାନିତ ଅତିଥି ଭାବେ ରାଉରକେଲା ଓକିଲ ସଂଘର ସଭାପତି ସଦାନନ୍ଦ ସାହୁ କହିଥିଲେ, ଆମେ ମାଟି ମନସ୍କ ଓ ଜାତି ମନସ୍କ ହୋଇ ପାରିଲେ ଏହା ହିଁ ହେବ ସହିଦ ମାନଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି। ଏହି ଅବସରରେ ପ୍ରାରମ୍ଭରେ ଇରମର ୨୯ ଜଣ ଓ ଲୁଣିଆର ୯ ଜଣ ସହିଦଙ୍କୁ ଧାମରା ସଂଘର କର୍ମକର୍ତ୍ତାଙ୍କ ସହ ସହରର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସମ୍ମାନ ପ୍ରଦର୍ଶନ କରିଥିଲେ। ସାଧାରଣ ସମ୍ପାଦକ ଭଗବାନ ରାଉତ ସ୍ୱାଗତ ଭାଷଣ ସହ ଇରମ ଓ ଲୁଣିଆର ସହିଦମାନଙ୍କର ସ୍ମୃତିଚାରଣ କରିଥିଲେ। ସହ ସାଧାରଣ ସମ୍ପାଦକ ଅକ୍ଷୟ ଦାସ ମଞ୍ଚ ପରିଚାଳନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଘର ସଭାପତି ପ୍ରଶାନ୍ତ କୁମାର ବେହାରା ବକ୍ତବ୍ୟ ରଖି କହିଲେ ନିଜ ମାଟି ଓ ଜାତି ପ୍ରତି ପ୍ରତ୍ୟେକଙ୍କର ଦାୟିତ୍ୱବୋଧ ରହିବା ଉଚିତ୍। ଶେଷରେ ସାଂସ୍କୃତିକ ସମ୍ପାଦକ ସୁଶାନ୍ତ କୁମାର ନାୟକ ଧନ୍ୟବାଦ ଦେଇଥିଲେ।




# ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସେବା ସଂକଳ୍ପ ଅଭିଯାନ

ରାଉରକେଲା, ୨୮।୯ (ସମିସ): ରାଉରକେଲା ସ୍ଥିତ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ବିଭିନ୍ନ କାର୍ଯ୍ୟକ୍ରମ ସହ ସେବା ସଂକଳ୍ପ ଅଭିଯାନ ଆୟୋଜିତ ହୋଇଯାଇଛି। ସୋମବାର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷାବିତ୍ ତଥା ସଙ୍ଗଠକ ଡ. ସନାତନ ପ୍ରଧାନ ଯୋଗଦେଇ ଏହି ଅଭିଯାନର ଉଦ୍ଦେଶ୍ୟ ଓ ଲକ୍ଷ ସମ୍ପର୍କରେ ବିଶେଷ ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ ପାନପୋଷ ଜିଲ୍ଲା ବିଜେପି ସଭାପତି ପୂର୍ଣ୍ଣିମା କେର୍କେଟା ଯୋଗଦେଇ ସେବା ସଂକଳ୍ପ ଅଭିଯାନର ବିଭିନ୍ନ ଦିଗ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ମହାବିଦ୍ୟାଳୟ ପୂର୍ବତନ ଛାତ୍ର ସଂଘର ସାଧାରଣ ସମ୍ପାଦକ ରୋଶନ ସାହୁ ଏବଂ ବିଜେପି ଦଳର ରାଜ୍ୟ ମୁଖପାତ୍ର ଧିରେନ ସେନାପତି ଏବଂ ଯୁବ ମୋର୍ଚ୍ଚା ଜିଲ୍ଲା ସଭାପତି ଅଙ୍କୁଶ ବର୍ମା ପ୍ରମୁଖ ଉପସ୍ଥିତ ରହି ବିକଶିତ ଭାରତର ସ୍ୱପ୍ନ ସାକାର ନିମନ୍ତେ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ସୁଜାତା ଖାଲ୍‌କୋ ଏବଂ ଅଧ୍ୟାପିକା ରଜନୀ କିସାନଙ୍କ ମଞ୍ଚ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମ ଶେଷରେ ଅଧ୍ୟାପକ ଅନନ୍ତ ବରିହା ଧନ୍ୟବାଦ ଦେଇଥିଲେ। ଶେଷ ପର୍ଯ୍ୟାୟରେ ମହାବିଦ୍ୟାଳୟର ଓ?ଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ବୌଧ ଧର୍ମ ସମ୍ପର୍କୀତ 'ସାତୀପୁଓ' ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରାଯାଇଥିଲା।

## ■ ଏସ୍‌ପିଏସ୍‌ବି ଆନ୍ତଃ ଇସ୍ପାତ କାରଖାନା ଚାମ୍ପିଅନ୍‌ସିପ୍

# ଆରଏସପିର ଚେସ୍ ଏବଂ ଟେବୁଲ ଟେନିସ୍ ଟିମ୍‌ର ସଫଳତା

ରାଉରକେଲା, ୨୮।୯ (ସମିସ): ରାଉରକେଲା ଇସ୍ପାତ କାରଖାନାର ଚେସ୍ ଏବଂ ଟେବୁଲ ଟେନିସ୍ ଟିମ୍ ଏସପିଏସବି ଆନ୍ତଃ ଇସ୍ପାତ କାରଖାନା ଚାମ୍ପିୟନସିପ୍-୨୦୨୬-୨୭ରେ ପ୍ରଶଂସନୀୟ ପ୍ରଦର୍ଶନ କରି ଅନୁଷ୍ଠାନ ପାଇଁ ଗୌରବ ଆଣିଦେଇଛନ୍ତି। ସେପ୍ଟେମ୍ବର ୮ରୁ ୧୦ ପର୍ଯ୍ୟନ୍ତ ବର୍ଣ୍ଣପୁରଠାରେ ଇସ୍କୋ ଷ୍ଟିଲ ପ୍ଲାଣ୍ଟ ଦ୍ୱାରା ଆୟୋଜିତ ଏସପିଏସବି ଆନ୍ତଃ ଇସ୍ପାତ କାରଖାନା ଦାବା ଚାମ୍ପିଅନସିପ୍‌ରେ ଆରଏସପି ଚେସ୍ ଟିମ୍ ପ୍ରଥମ ସ୍ଥାନ ହାସଲ କରି ଚାମ୍ପିଅନ ହୋଇଛି। ଅଗଷ୍ଟ ୨୫ରୁ ୨୭ ପର୍ଯ୍ୟନ୍ତ ଦୁର୍ଗାପୁର ଠାରେ ଦୁର୍ଗାପୁର ଷ୍ଟିଲ ପ୍ଲାଣ୍ଟ ଦ୍ୱାରା ଆୟୋଜିତ ଏସ୍‌ପିଏସ୍‌ବି ଆନ୍ତଃ ଇସ୍ପାତ କାରଖାନା ଟେବୁଲ ଟେନିସ୍ ଚାମ୍ପିଅନସିପ୍‌ରେ ଆରଏସପି ଟେବୁଲ ଟେନିସ୍ ଟିମ୍ ଦୃଢ଼ ପ୍ରଦର୍ଶନ କରି ତୃତୀୟ ସ୍ଥାନ (ଦ୍ୱିତୀୟ ରନର୍ସ-ଅପ୍) ହାସଲ କରିଛି।

ଟିମ୍‌ଗୁଡ଼ିକର ଏହି ସଫଳତାକୁ ସ୍ୱୀକୃତି ଦେବା ପାଇଁ ଆରଏସପିର କ୍ରୀଡ଼ା ବିଭାଗ ସେପ୍ଟେମ୍ବର ୨୫ରେ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସମାରୋହର ଆୟୋଜନ କରିଥିଲା। ମହାପ୍ରବନ୍ଧକ (ପ୍ରୋଟୋକଲ୍ ଏବଂ କ୍ରୀଡ଼ା) ଜେ. ପି. ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଭୟ ଟିମ୍‌ର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କ୍ରୀଡ଼ା ବିଭାଗର ସହକାରୀ ପ୍ରବନ୍ଧକ ବୁଧୁ ସିଂହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।





# ସହିଦ ଭଗତ ସିଂଙ୍କ ଜୟନ୍ତୀ ପାଳିତ

ରାଉରକେଲା, ୨୮।୯ (ସମିସ): ଭାରତର ସ୍ୱାଧୀନତା ସଂଗ୍ରାମର ମହାନ୍ ଯୋଦ୍ଧା ସହିଦ ଭଗତ ସିଂଙ୍କ ୧୨୦ ତମ ଜୟନ୍ତୀ ଆଜି ସିପିଆଇଏମ୍, ରାଉରକେଲା ଆଞ୍ଚଳିକ କମିଟି, ସହିଦ ଭଗତ ସିଂ ସ୍ମୃତି କମିଟି, ଭାରତର ଛାତ୍ର ଫେଡେରେସନ ଓ ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନ ପକ୍ଷରୁ ଛେଣ୍ଡ କଲୋନୀ ସ୍ଥିତ ସହିଦ ଭଗତ ସିଂହଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ସଭା ଅନୁଷ୍ଠିତ କରାଯାଇ ପାଳନ କରାଯାଇଛି।

ସିପିଆଇଏମ୍ ରାଉରକେଲା ଆଞ୍ଚଳିକ କମିଟି ସମ୍ପାଦକ ରାଜ କିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସହିଦ ଭଗତ ସିଂହ ସ୍ମୃତି କମିଟିର ସାଧାରଣ ସମ୍ପାଦକ ବିଶ୍ୱଜିତ ମାଝୀ, ଉପାଧ୍ୟକ୍ଷ ଚନ୍ଦ୍ରଭାନୁ ଦାଶ, ସିପିଆଇଏମ୍ ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ବିମାନ ମାଇତି, ଶ୍ରୀମନ୍ତ ବେହେରା, ଜିଲ୍ଲା କମିଟି ସଦସ୍ୟ ବସନ୍ତ ନାୟକ, ରାଉରକେଲା ଆଞ୍ଚଳିକ କମିଟି ନେତା ଲକ୍ଷ୍ମୀଧର ନାୟକ, ପ୍ରଭାତ କୁମାର ମହାନ୍ତି, ଦିବାକର ମହାରଣା, ଅରୁଣ ମହାରଣା, ସଚିନ୍ ରାୟ, ଏନ୍ କେ ରାଉତରାୟ, ଆଦିତ୍ୟ ନାୟକ, ଯୁବ ନେତା ବୁବୁନ ମାଇତି, ମହେଶ୍ୱର ପରିଡ଼ା ପ୍ରମୁଖ ସହିଦ ଭଗତ ସିଂହଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ବକ୍ତବ୍ୟ ରଖି କହିଥିଲେ ଯେ, ଆଜି ବି ଦେଶର ଯୁବଛାତ୍ର ମାନଙ୍କ ସ୍ପନ୍ଦନରେ ସହିଦ ଭଗତ ସିଂହ ଜୀବିତ ହୋଇ ରହିଛନ୍ତି। ଦେଶ ଗଠନ ପାଇଁ ସର୍ବଦା ଯୁବଛାତ୍ର ସମାଜ ସହିଦ ଭଗତ ସିଂଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ।

# ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଭାଙ୍ଗି ପଡ଼ିଲା ଶାଳଗଛ

## ରାତିରେ ରାସ୍ତା ଅବରୋଧ; ଅଟକିଲା ୨ ଆମ୍ବୁଲାନ୍ସ ସହ ଅନେକ ଗାଡ଼ି



ବଣାଇଁ, ୨୮।୯ (ସମିସ): ବଣାଇଁଗଡ଼ ଉପଖଣ୍ଡ ଗୁରୁଣ୍ଡିଆ ବ୍ଲକ ଅନ୍ତର୍ଗତ ଗୁରୁଣ୍ଡିଆକୁଚିଣ୍ଡା ରାସ୍ତାର କଂସର ନିକଟରେ ଗତକାଲି ରାତିରେ ହାତୀ ମନିଟରିଂ ଡ୍ୟୁଟିରେ ଥିବା ବନ ବିଭାଗ କର୍ମଚାରୀଙ୍କ ସତର୍କତା ଯୋଗୁଁ ଏକ ବଡ଼ ଅଘଟଣ ଟଳିଯାଇଛି। ରାତି ପ୍ରାୟ ୧୧ଟା ବେଳେ ହାତୀ ମନିଟରିଂ କରୁଥିବାବେଳେ ଏକ ବଡ଼ ଶାଳଗଛ ଉପରେ ନିଆଁ ଜଳୁଥିବା ବନ କର୍ମଚାରୀ ଦେଖିଥିଲେ। ଫଳରେ ଲୋକଙ୍କ ଓ ହାତୀଙ୍କ ଯାତାୟାତ ଉପରେ ନଜର ରଖିଥିଲେ।

କିଛି ସମୟ ପରେ ହଠାତ୍ ତୀବ୍ର ଆଲୋକ ସହ ପ୍ରଚଣ୍ଡ ଶବ୍ଦ କରି ଶାଳଗଛଟି ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଭାଙ୍ଗି ପଡ଼ିଥିଲା। ରାସ୍ତା ଉପରେ ପଡ଼ିଯିବାରୁ ଜର୍ଡାବଣାଇଁ ରାସ୍ତା ସମ୍ପୂର୍ଣ୍ଣ ଅବରୋଧ ହୋଇଯାଇଥିଲା। ଏହି ସମୟରେ ଏକ ହାତୀ ରାସ୍ତା ପାର ହେବାକୁ ଉଦ୍ୟମ କରୁଥିବାବେଳେ ପରିସ୍ଥିତି ଆହୁରି ଜଟିଳ ହୋଇପଡ଼ିଥିଲା। ହାତୀ ଓ ମଣିଷଙ୍କୁ ସୁରକ୍ଷିତ ରଖିବାକୁ ବନକର୍ମଚାରୀମାନେ ସତର୍କତାର ସହ କାର୍ଯ୍ୟ କରିଥିଲେ। ଏନେଇ ବିଦ୍ୟୁତ ବିଭାଗକୁ ଫୋନ୍ କରାଯାଇଥିଲେ ମଧ୍ୟ ପ୍ରଥମେ ଫୋନ୍ ଉଠାଯାଇନଥିବା ଅଭିଯୋଗ ହୋଇଛି। ପରେ ବଣାଇଁ ବିଦ୍ୟୁତ ବିଭାଗକୁ ଯୋଗାଯୋଗ କରାଯିବା ପରେ ବିଦ୍ୟୁତ ସରବରାହ ବନ୍ଦ କରାଯାଇଥିଲା। ଏହାପରେ ଅଗ୍ନିଶମ ବାହିନୀକୁ ଡକାଯାଇ ରାସ୍ତା ଉପରେ ପଡ଼ିଥିବା ଗଛକୁ ହଟାଇବା କାର୍ଯ୍ୟ ଆରମ୍ଭ ହୋଇଥିଲା। ଦୀର୍ଘ ସମୟର ପ୍ରୟାସ ପରେ ଭୋର ପ୍ରାୟ ୪ଟା ବେଳେ ରାସ୍ତା ସଫା କରାଯାଇ ଯାତାୟାତ ସ୍ୱାଭାବିକ ହୋଇଥିଲା। ଏହି ସମୟରେ ଦୁଇଟି ଆମ୍ବୁଲାନ୍ସ ମଧ୍ୟ ରାସ୍ତାରେ ଅଟକି ରହିଥିଲେ। ବନରକ୍ଷୀ ଆରତୀ ନାୟକ, ଗଳାମଣୀ ଜେନା, ଆନ୍ତଃ ରାଜ୍ୟ ହାତୀ ବିଶେଷଜ୍ଞ ବିପିନ ପ୍ରଧାନଙ୍କ ସହ ହରେଶ ନାୟକ, ଗଗନ ନାଏକଙ୍କ ଏଭଳି ଉଚିତ ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

# ସ୍ୱରସାମ୍ରାଜ୍ଞୀ ଲତାଙ୍କୁ ଜନ୍ମଦିନରେ ସଙ୍ଗୀତମୟ ଶ୍ରଦ୍ଧାଞ୍ଜଳି

ରାଉରକେଲା, ୨୮।୯ (ସମିସ)

ସ୍ୱର ସାମ୍ରାଜ୍ଞୀ ଭାରତରତ୍ନ ଲତା ମଙ୍ଗେସ୍‌କରଙ୍କ ୯୮ତମ ଜନ୍ମବାର୍ଷିକୀ ପାଳନ ଉପଲକ୍ଷେ ଇସ୍ପାତ ସହରର କଳାକାରମାନେ ସ୍ଥାନୀୟ ସିଭିକ ସେଣ୍ଟର ଠାରେ ଲତା ମଙ୍ଗେଷ୍କର ଫ୍ୟାନ୍ସ କ୍ଲବ ଓ ରୋଟାରୀ କ୍ଲବ ରାଉରକେଲା ଆନୁକୂଲ୍ୟରେ ଆୟୋଜିତ ଏକ ସଙ୍ଗୀତ ସନ୍ଧ୍ୟା 'ମେରି ଆୱାଜ ହି ପେହଚାନ ହୈ' ରେ କିମ୍ବଦନ୍ତୀ କଣ୍ଠଶିଳ୍ପୀଙ୍କୁ ଜନ୍ମବାର୍ଷିକୀ ପାଳନ ଉପଲକ୍ଷେ ଭାବପୂର୍ଣ୍ଣ ସଙ୍ଗୀତମୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଇସ୍ପାତ ନଗରୀର ପ୍ରତିଭାବାନ କଣ୍ଠଶିଳ୍ପୀମାନେ ଶତାବ୍ଦୀର ଶ୍ରେଷ୍ଠ ସଙ୍ଗୀତ ଶିଳ୍ପୀଙ୍କ ଜନ୍ମଦିନ ପାଳନ ଉପଲକ୍ଷେ ତାଙ୍କର ଅନେକ ଚିର ଅଭୁଲା ସଙ୍ଗୀତ ପରିବେଷଣ କରିଥିଲେ। ଏହି ଉତ୍ସବରେ ଦୀପିକା ମହିଳା ସଂଘତିର ଅଧ୍ୟକ୍ଷା ତଥା ସ୍ୱୟଂ ଶାସ୍ତ୍ରୀୟ ସଙ୍ଗୀତ ପ୍ରଶିକ୍ଷିତା ନମ୍ରତା ବର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମରୋହରେ ଦୀପିକା ମହିଳା ସଂଘତିର ଉପାଧ୍ୟକ୍ଷା ଡକ୍ଟର ପ୍ରତିଜ୍ଞା ପଲାଇ, ସ୍ମିତା ଗିରି, ଓ ରୀତା ରାଣୀ, ଅଖିଳ ଭାରତୀୟ ଅଗ୍ରୱାଲ ସମ୍ମେଳନର ରାଜ୍ୟ ସଭାପତି ଓମ ପ୍ରକାଶ ବାପୋଡିଆ, ଉଦ୍ୟୋଗପତି ଲାୟନ ବିନୋଦ ମହନ୍ତ, ଅନିତା ଅଗ୍ରୱାଲ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଏହି ଅବସରରେ ଆରଏସପିର ବହୁ ସିଜିଏମ, ଅନ୍ୟ ବରିଷ୍ଠ ଅଧିକାରୀ, ରୋଟାରୀ କ୍ଲବ କର୍ମକର୍ତ୍ତା ମଧ୍ୟ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଓ ଅନ୍ୟ ବରେଣ୍ୟ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ଏବଂ ଲତା ମଙ୍ଗେସ୍‌କର ପଟ୍ଟଚିତ୍ରରେ ପୁଷ୍ପ ଅର୍ଘ୍ୟ ଅର୍ପଣ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।

ଏହି ଅବସରରେ ଶ୍ରୀମତୀ ବର୍ମା କହିଥିଲେ ଯେ, ଲତା ମଙ୍ଗେଷ୍କରଙ୍କ କଣ୍ଠସ୍ୱର ପିଢ଼ି ପରେ ପିଢ଼ି ଶ୍ରୋତାଙ୍କ ହୃଦୟକୁ ଛୁଇଁଆସିଛି। ତାଙ୍କ ସ୍ମୃତିରେ ଆୟୋଜିତ ଏହି ସଙ୍ଗୀତ ସନ୍ଧ୍ୟା ଭାରତୀୟ ସଙ୍ଗୀତର ସମୃଦ୍ଧ ପରମ୍ପରାକୁ ସମ୍ମାନ ଜଣାଇବାର ଏକ ସୁନ୍ଦର ପ୍ରୟାସ। ଶ୍ରୀମତୀ ବର୍ମା ଲତାଜୀଙ୍କ ଏକ ଚିରସବୁଜ ଗୀତର କିଛି ପଂକ୍ତି ଗାନ କରି ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ।

ବଲଜିତ ସିଂହ ବଂଶୀ ବାଦ୍ୟଯନ୍ତ୍ରରେ ସତୁରୀ ଦଶକର ସୁପରହିଟ ସିନେମା 'ଅଭିମାନ' ଚଳଚ୍ଚିତ୍ରର ସଙ୍ଗୀତ 'ତେରେ ମେରେ ମିଲନ କି ୟେ ରେନା' ପରିବେଷଣ ସହିତ ସଙ୍ଗୀତମୟ ସନ୍ଧ୍ୟାର ଆରମ୍ଭ ହୋଇଥିଲା। ଓଡିଆ ସିନେମାର ପାର୍ଶ୍ୱ ଗାୟିକା ବାସବଦତ୍ତାଙ୍କ କଣ୍ଠରେ ଲତା ମଙ୍ଗେଷ୍କରଙ୍କ 'ଅନୁପମା' ଚଳଚ୍ଚିତ୍ରର 'କୁଛ ଦିଲ ନେ କହା' ର ମନଛୁଆଁ ପରିବେଷଣ ସହ ସଙ୍ଗୀତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।

ସନ୍ଧ୍ୟାରେ ପରିବେଷିତ ସଙ୍ଗୀତ ମଧ୍ୟରେ ଅନ୍ୟତମ ଆକର୍ଷଣ ଥିଲା 'ଶର୍ମିଲୀ' ଚଳଚ୍ଚିତ୍ରର' ଖିଲତେ ହେଁ÷ ଗୁଲ୍ ୟହାଁ' ଗୀତର ଶାସ୍ତ୍ରୀୟ ଯୁଗଳବନ୍ଦୀ। ବରିଷ୍ଠ ଶିଳ୍ପୀ ରଞ୍ଜୁ ମହାନ୍ତି ଓ ବାସବଦତ୍ତାଙ୍କ ମନମୁଗ୍ଧକର ପରିବେଷଣକୁ ଦର୍ଶକଙ୍କ ପ୍ରବଳ କରତାଳି ମିଳିଥିଲା।

ବାସବଦତ୍ତା ମହାନ୍ତି, ଇତି ପଟ୍ଟନାୟକ, ଅର୍ଚ୍ଚନା ଶତପଥୀ, ଶୁଭସ୍ମିତା ଦାସ, ଆକାଂକ୍ଷିକା, ରଞ୍ଜୁ ମହାନ୍ତି, ଦେବଜିତ ରାଭା, ସୁଖପାଲ ସିଂହ, ବଲଜିତ ସିଂହ ଓ ସୁରେଶ ଝୁନଝୁନୱାଲାଙ୍କ ସମେତ ଶିଳ୍ପୀମାନେ ଲତାଜୀଙ୍କ ଅମର ଗୀତଗୁଡ଼ିକୁ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। କବିତା ବିଶୋଇ କାର୍ଯ୍ୟକ୍ରମଟି ସଞ୍ଚାଳନ କରିଥିବା ବେଳେ ଶଶାଙ୍କ ଶେଖର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।






# ଜ୍ଞାନେଶଙ୍କ ଇସ୍ତଫା ଦାବିରେ କଂଗ୍ରେସର ବିକ୍ଷୋଭ

**ଭବାନୀପାଟଣା, ୨୮।୯ (ସମିସ):** ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ କଳାହାଣ୍ଡି ଜିଲ୍ଲା କଂଗ୍ରେସ ଦଳ ପକ୍ଷରୁ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରାଯାଇଛି।

ସିଇସି ଜ୍ଞାନେଶ କୁମାର ଏସ୍ଆଇଆର ସଂଶୋଧନ ନାମରେ କୋଟି କୋଟି ଯୋଗ୍ୟ ଭୋଟରଙ୍କ ନାମ ତାଲିକାରୁ କାଟି ଦେଇଥିବାରୁ କଂଗ୍ରେସର ନେତୃବୃନ୍ଦ ବର୍ଷିବା ସହ ତୁରନ୍ତ ତାଙ୍କୁ ଗାଦି ଛାଡ଼ିବାକୁ ଚେତାବନୀ ଦେଇଥିଲେ। ଏନେଇ କଂଗ୍ରେସ ଦଳ ଓ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଦୀର୍ଘଦିନ ହେଲା ଅଭିଯୋଗ କରୁଥିଲେ ମଧ୍ୟ ତାହାକୁ ବିଜେପି ଦଳ ଗ୍ରହଣ କରୁନଥିଲା ବରଂ ହେୟଜ୍ଞାନ କରୁଥିଲା। ହଠାତ ଗତ ଦୁଇଦିନ ତଳେ ଏକ ଇଂରାଜୀ ଖବର କାଗଜରେ ଜ୍ଞାନେଶ କୁମାରଙ୍କ ଅସଲ ସତ ପଦାରେ ପଡ଼ିବା ପରେ କେନ୍ଦ୍ରରେ ବିଜେପିର ଷଡଯନ୍ତ୍ର ପଦାରେ ପଡ଼ିଛି ବୋଲି କଂଗ୍ରେସ ନେତୃବୃନ୍ଦ କହିଥିଲେ।




ରାଜ୍ୟ ପିସିସି ସଭାପତିଙ୍କ ନିର୍ଦ୍ଦେଶ କ୍ରମେ କଳାହାଣ୍ଡି ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ରାଲି ସହର ପରିକ୍ରମା କରି କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ସହ ବିଜେପି ସରକାର ବିରୋଧରେ ନାରାବାଜି କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଅମିତ ଶାହା ଓ ଜ୍ଞାନେଶ କୁମାରଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହାପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଜିଲ୍ଲା ସଭାପତି, ପୂର୍ବତନ ସଭାପତି ଜୟଦେବ ନାୟକ, ମହମ୍ମଦ ସାହେବ, ସନ୍ତୋଷ ପ୍ରଧାନ, ଲିଙ୍ଗରାଜ ନାୟକ, ସରୋଜ ବାଗ, ସୁବାସ ପ୍ରଧାନ, ଧନୁର୍ଦ୍ଧର ଗହୀର, ବାବା ଖାନ, ସିଦ୍ଧାର୍ଥ ନାୟକ, ପ୍ରଗତି ନାୟକ, ସନ୍ତୋଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଧର୍ମଗଡ଼ରୁ ତାମିଲନାଡୁ ଯାଉଥିବା ୩୬ ଦାଦନ ଉଦ୍ଧାର

**କେସିଙ୍ଗା, ୨୮।୯ (ସମିସ)**

କେସିଙ୍ଗା ଜଲକୋ ଛକ ନିକଟରେ ସୋମବାର ସନ୍ଧ୍ୟାରେ ପୁଷ୍ପାଞ୍ଜଳି ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍‌କୁ ଅଟକାଇ କେସିଙ୍ଗା ପୁଲିସ ୩୬ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ବସ୍ ସହିତ ସମସ୍ତ ଶ୍ରମିକଙ୍କୁ ଥାନାକୁ ଆଣି ସେମାନଙ୍କ ପରିଚୟପତ୍ର ତଥା ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ କରିଥିଲା। ସମୁଦାୟ ୩୬ ଜଣ ଶ୍ରମିକ ବସ୍‌ରେ ରହିଥିଲେ। ଏହି ସମସ୍ତ ଶ୍ରମିକ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ରାଜ ମୋଟେର ଅଞ୍ଚଳର। ସମସ୍ତେ ଧର୍ମଗଡ଼ ରୁ ବସ ଯୋଗେ ଆସି କେସିଙ୍ଗା ରେଳ ଷ୍ଟେସନରୁ ଟ୍ରେନ ଯୋଗେ ତାମିଲନାଡୁର କୋଇମ୍ବାଟୁର ଯାଇଥାନ୍ତେ। ପୁଲିସ ପ୍ରାଥମିକ ତଦନ୍ତ ପରେ ଘଟଣା ସମ୍ପର୍କରେ ଜିଲ୍ଲା ଶ୍ରମ ବିଭାଗକୁ ସୂଚନା ଦେଇଛି। ଶ୍ରମ ବିଭାଗର ଅଧିକାରୀମାନେ ପହଞ୍ଚି ସମସ୍ତ ନଥିପତ୍ର ଓ ଆଇନଗତ ପ୍ରକ୍ରିୟା ଯାଞ୍ଚ କରିବା ପରେ ସରକାରୀ ନିୟମ ଅନୁଯାୟୀ ଏମାନଙ୍କୁ ଛଡ଼ାଯିବ ବୋଲି ସୂଚନା ମିଳିଛି। ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ସରିବା ମାତ୍ରେ ପ୍ରତିବର୍ଷ ଶ୍ରମିକମାନେ ଦଲାଲଙ୍କ ପ୍ରଲୋଭନରେ ପଡ଼ି ବାହାର ରାଜ୍ୟକୁ ଚାଲିଯାଉଛନ୍ତି। ଦାଦନ ଶ୍ରମିକ ମାନଙ୍କ କହିବା ଅନୁସାରେ ସ୍ଥାନୀୟ ଅଞ୍ଚଳରେ ନିୟମିତ କାମଧନ୍ଦା ନ ମିଳିବା, କୃଷି କ୍ଷେତ୍ରରେ ଅନିଶ୍ଚିତତା ଏବଂ ସରକାରୀ ଯୋଜନାର ସଠିକ୍ କାର୍ଯ୍ୟକାରିତା ଅଭାବ ଓ ଉପଯୁକ୍ତ ପାରିଶ୍ରମିକ ନ ମିଳିବାରୁ ଭିଟାମାଟି ଛାଡୁଥିବା ପ୍ରକାଶ କରିଛନ୍ତି।




# ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ସାଂସଦ

**ସିନାପାଲି, ୨୮।୯ (ସମିସ):** ରାଜ୍ୟସଭା ସାଂସଦ ସୁଜିତ କୁମାର ଦିନିକିଆ ସିନାପାଲି ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରିଛନ୍ତି। ଖଡିଆଳରୁ ସିନାପାଲିରେ ପହଞ୍ଚିଥିବା ବେଳେ ବିଜେପି କାର୍ଯ୍ୟକର୍ତ୍ତା ସ୍ୱାଗତ କରିଥିଲେ। ଏହି ଅବସରରେ ସିନାପାଲି ଅଞ୍ଚଳର ସାମୂହିକ ବିକାଶ ନେଇ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ପରେ ସିନାପାଲି ବ୍ଲକ କାର୍ଯ୍ୟାଳୟ ନିକଟରେ ବହୁ ପ୍ରତୀକ୍ଷିତ ଆଦର୍ଶ ପୋଖରୀ ଓ ପାର୍କ ନିକଟରେ ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସିନାପାଲି ଅଞ୍ଚଳର ସମସ୍ୟା ନେଇ ସ୍ଥାନୀୟ ଜନସାଧାରଣ ଓ ସାମ୍ବାଦିକମାନେ ବିଭିନ୍ନ ବିଷୟରେ ପଚାରିଥିବାବେଳେ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



ସିନାପାଲି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଶବବୁହା ଗାଡ଼ି ସହ ଏଠାରେ ଥିବା ବିଭିନ୍ନ ସମସ୍ୟା ସମାଧାନ ନେଇ ପ୍ରତିଶ୍ରୁତି ଦେଇଥିଲେ। ପରେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଦେଇ ଫେରିଥିବା ଜଣାପଡ଼ିଛି। ବିଜେପିର ବରିଷ୍ଠ ନେତା ଶିବ ପ୍ରସାଦ ମୁଣ୍ଡ, ଜିଲ୍ଲାପରିଷଦ ସଦସ୍ୟ ଆଶା ଜୈନ, ଖଡିଆଳ ଏନଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା, ସୁବ୍ରତ ଠାକୁର, ପ୍ରିୟ ରଞ୍ଜନ ମେହେର, ବେଲମତି ମାଝି, ପ୍ରତାପ ଗୁଆଲ, କୃତ୍ତିବାସ ତେଜି, ସମେତ ଅନେକ ବିଜେପି କାର୍ଯ୍ୟକର୍ତ୍ତା ନେତୃବର୍ଗ ଉପସ୍ଥିତ ଥିଲେ।

### ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା

# କଳାହାଣ୍ଡିରୁ ୩୭୫ ତୀର୍ଥଯାତ୍ରୀଙ୍କ ଶ୍ରୀକ୍ଷେତ୍ର ଯାତ୍ରା

**ଭବାନୀପାଟଣା, ୨୮।୯ (ସମିସ):** ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ଅଧୀନରେ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲାର ୩୭୫ ଜଣ ତୀର୍ଥଯାତ୍ରୀ ଶ୍ରୀକ୍ଷେତ୍ର ଯାତ୍ରାର ଆଜି ଶୁଭାରମ୍ଭ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତନ୍ମୟ କୁମାର ଦରୱାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅନ୍ୟ ଅତିଥି ଭାବେ ସହ ନିର୍ଦ୍ଦେଶକ ସଞ୍ଜୟ ଏବଂ ଆର୍ଥିକ ସେବା ବିଭାଗ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା, ତହସିଲଦାର କ୍ଷୀରୋଦ ନାଗ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିନେଶ କହଁର, ଡିପିଇଓ ରୂପ ସିଂ ରାଉତ ଓଏସ୍ଆରଟିସି ପରିଚାଳକ ଟୁଲୁ ଦାସ ଏବଂ ଡିପୋ ପରିଚାଳକ ସ୍ୱଦେଶ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ତୀର୍ଥଯାତ୍ରୀଙ୍କ ବସକୁ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ତୀର୍ଥଯାତ୍ରୀ ମାନଙ୍କ ସହିତ ୧୧ ଜଣ ଏସକର୍ଟ ଅଧିକାରୀ, ୨ ଜଣ ପାରାମେଡିକାଲ ଷ୍ଟାଫ ରହିଛନ୍ତି। ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସୁବୋଧ ଛତ୍ରିଆଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମର ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ତଥା ଯାତ୍ରା ପୂର୍ବରୁ ସମସ୍ତ ତୀର୍ଥଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।



# ନୂଆପଡ଼ାରୁ ୨୯୦ ତୀର୍ଥଯାତ୍ରୀଙ୍କ ପୁରୀ ଯାତ୍ରା ଆରମ୍ଭ

**ସିନାପାଲି, ୨୮।୯ (ସମିସ):** ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ଅଧୀନରେ ନୂଆପଡ଼ା ଜିଲ୍ଲାରୁ ୨୯୦ ଜଣ ତୀର୍ଥଯାତ୍ରୀଙ୍କ ପୁରୀ ଯାତ୍ରା ଆଜି ଶୁଭାରମ୍ଭ ହୋଇଛି। ମହୁଆଭଟାସ୍ଥିତ ପଥପ୍ରାନ୍ତ ସୁବିଧା କେନ୍ଦ୍ରଠାରେ ଆୟୋଜିତ ସମାରୋହରେ ଜିଲ୍ଲାପାଳ ମଧୁସୂଦନ ଦାଶ ସବୁଜ ପତାକା ଦେଖାଇ ତୀର୍ଥଯାତ୍ରୀଙ୍କ ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ପର୍ଯ୍ୟାୟରେ ତୀର୍ଥଯାତ୍ରୀମାନେ ୮ଟି ବସ୍‌ରେ ପୁରୀ ଯାଇ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଖରିଆର ରୋଡ୍ ଏନ୍ଏସି ଅଧ୍ୟକ୍ଷା ଡ. ସୋନିଆ ଜୈନ, ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ବଡ଼େଇ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ରୋଶନ କୁମାର ଜେନାଙ୍କ ସମେତ ସମ୍ପୃକ୍ତ ବିଭାଗର ଅଧିକାରୀ ଓ କର୍ମଚାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# ସୂଚନା ଓ ଲୋକସମ୍ପର୍କ ବିଭାଗ ଯୁଗ୍ମ ନିର୍ଦ୍ଦେଶିକାଙ୍କ ନୂଆପଡ଼ା ଗସ୍ତ

## ଜିଲ୍ଲା ପ୍ରଶାସନ ଓ ସାମ୍ବାଦିକଙ୍କ ମଧ୍ୟରେ ଉତ୍ତମ ସମନ୍ୱୟକୁ ଗୁରୁତ୍ୱ

**ସିନାପାଲି, ୨୮।୯ (ସମିସ):** ସୂଚନା ଓ ଲୋକସମ୍ପର୍କ ବିଭାଗ, ଉତ୍ତରାଞ୍ଚଳ, ସମ୍ବଲପୁରର ଯୁଗ୍ମ ନିର୍ଦ୍ଦେଶିକା ତଥା ଅତିରିକ୍ତ ଉପନିର୍ଦ୍ଦେଶିକା କଲ୍ୟାଣୀ ଦାଶ ଦିନିକିଆ ନୂଆପଡ଼ା ଗସ୍ତରେ ଆସି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ।

ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସ ଓ କାର୍ଯ୍ୟାଳୟର କର୍ମଚାରୀମାନେ ଶ୍ରୀମତୀ ଦାଶଙ୍କୁ ସ୍ୱାଗତ କରିଥିଲେ। ଶ୍ରୀମତୀ ଦାଶ କାର୍ଯ୍ୟାଳୟର ବିଭିନ୍ନ ନଥିପତ୍ର, ରେଜିଷ୍ଟର, ଫାଇଲ୍ ଓ ସରକାରୀ ଦସ୍ତାବିଜ ଯାଞ୍ଚ କରିବା ସହ ବିଭାଗୀୟ କାର୍ଯ୍ୟଧାରାର ସମୀକ୍ଷା କରିଥିଲେ। ଜିଲ୍ଲା ପ୍ରଶାସନ ଓ ସାମ୍ବାଦିକମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ଓ ଯୋଗସୂତ୍ର ବଜାୟ ରଖି ବିଭାଗୀୟ କାର୍ଯ୍ୟକୁ ଆହୁରି ସୁଦୃଢ଼ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ।



# ଟ୍ରକ୍-ପିକ୍‌ଅପ୍ ଧକ୍କା; ଚାଳକ ମୃତ

**କୋକସରା, ୨୮।୯ (ସମିସ):** ୨୬ ନମ୍ବର ଜାତୀୟ ରାଜପଥ କୋକସରା ଶିବ ମନ୍ଦିର ଛକ ନିକଟରେ ସୋମବାର ଏକ ଟ୍ରକ୍ ଓ ପିକ୍‌ଅପ୍ ଭ୍ୟାନ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ପିକ୍‌ଅପ୍ ଚାଳକଙ୍କ ମୃତ୍ୟୁ ଘଟିଥିବାବେଳେ ହେଲ୍‌ପର ଗୁରୁତର ଆହତ ହୋଇଛନ୍ତି। ମୃତ ଚାଳକ ହେଲେ ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡିର ନନ୍ଦ ଭତରା ଓ ଗୁରୁତର ହେଲପର ବୋରିଗୁମ୍ମା ବ୍ଲକ କଷାକୁମୁଡାର ମଙ୍ଗଳୁ ମୁଦୁଲି।

ସୂଚନା ଅନୁଯାୟୀ, ଭବାନୀପାଟଣା ପଟୁ ଆସୁଥିବା ଏକ ଟ୍ରକ୍ ଓ ବିପରୀତ ଦିଗରୁ ଆସୁଥିବା ପିକ୍‌ଅପ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ପିକ୍‌ଅପ ଚାଳକ ନନ୍ଦ ଓ ହେଲପର ମଙ୍ଗଳ ଭ୍ୟାନ୍‌ରେ ଫସି ରହିଥିଲେ। କୋକସରା ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ଯୁବକ ସେମାନଙ୍କୁ ଉଦ୍ଧାର କରି କୋକସରା ମେଡିକାଲରେ ଭର୍ତ୍ତି କରିଥିଲେ। କୋକସରା ଥାନା ଧିକାରୀଙ୍କ ସଦଳବଳ ଯାତାୟାତ ସ୍ୱାଭାବିକ କରିଥିଲେ। କୋକସରା ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଡ୍ରାଇଭର ଓ ହେଲ୍‌ପରଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ବାଟରେ ଚାଳକ ନନ୍ଦଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ପୁଲିସ ଜବତ କରିବା ସହ ଚାଳକକୁ ଅଟକ ରଖିଛି।

# ସିନାପାଲିରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

## ୧୧୧ ଅଭିଯୋଗର ଶୁଣାଣି, ରେଡକ୍ରସ ପାଣ୍ଠିରୁ ୨ ଜଣଙ୍କୁ ସହାୟତା



**ସିନାପାଲି, ୨୮।୯ (ସମିସ):** ନୂଆପଡ଼ା ଜିଲ୍ଲାର ସିନାପାଲି ବ୍ଲକ ସଭାଗୃହରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାଶ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ମୋଟ ୧୧୧ଟି ଅଭିଯୋଗର ଶୁଣାଣି କରାଯାଇଥିବାବେଳେ ଏଥିରେ ୮୬ଟି ବ୍ୟକ୍ତିଗତ ଓ ୨୫ଟି ଗୋଷ୍ଠୀଗତ ଅଭିଯୋଗ ରହିଥିଲା। ଜିଲ୍ଲାପାଳ ବିଭିନ୍ନ ଅଭିଯୋଗ ଶୁଣିବା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ତ୍ୱରିତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ରେଡକ୍ରସ ପାଣ୍ଠିରୁ ଭାନୁମତୀ ନାୟକଙ୍କୁ ୧୦ ହଜାର ଟଙ୍କା ଏବଂ ବେଣୁଧର ବୈଠାରୁଙ୍କୁ ୫ ହଜାର ଟଙ୍କାର ଆର୍ଥିକ ସହାୟତା ଚେକ୍ ପ୍ରଦାନ କରାଯାଇଥିଲା। ଶିବିରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଞ୍ଜିତ ନାୟକ, ଡିଏଫ୍ଓ ଅଜିଜ୍ ଖାଁ, ଭାରପ୍ରାପ୍ତ ସିଡିଏମ୍ଓ ଡା. ଦ୍ୱାରିକାନାଥ ଶତପଥୀ, ଜିଲ୍ଲା ପରିଷଦ ସଭ୍ୟା ପୁଷ୍ପାଞ୍ଜଳି ଗୁଆଲ, ବ୍ଲକ ଉପାଧ୍ୟକ୍ଷା ମୀନା ଘିବେଲା, ବିଡିଓ କାର୍ମୀ ଓରାମ ଓ ଏସ୍‌ଡିପିଓ ଉପେନ୍ଦ୍ର ପ୍ରଧାନଙ୍କ ସମେତ ଜିଲ୍ଲା ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଡେପୁଟି ଜିଲ୍ଲାପାଳ ଶେଖ୍ ନସୀମ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ମାଟି ଓ ଅନ୍ନ ପ୍ରତି କୃତଜ୍ଞତାର ପ୍ରତିଶବ୍ଦ ନୂଆଁଖାଇ

## ଜିଲ୍ଲାସ୍ତରୀୟ 'ନୂଆଁଖାଇ ଜୁହାର'

**ଭବାନୀପାଟଣା, ୨୮।୯ (ସମିସ):** ଭାରତୀୟ ସଂସ୍କୃତିରେ ଅନ୍ନ ବ୍ରହ୍ମ ସ୍ୱରୂପ। ମୁଠାଏ ଅନ୍ନ ଜୀବନ ପାଇଁ ସର୍ବୋପରି। ଜଗତକୁ ଅନ୍ନ ମାଟିର ଶ୍ରେଷ୍ଠ ଦାନ। ମାଟି ନ ଥିଲେ ଜୀବନ ଅସମ୍ଭବ ହେତୁ ଜୀବଜଗତ ତରଫରୁ ମଣିଷ କୃତଜ୍ଞତା ଅର୍ପଣ କରିଥାଏ। ନୂଆଁ ମନ, ନୂଆଁ ସମ୍ପର୍କ ଓ ନୂଆଁ ପ୍ରକୃତି ସହ ପରସ୍ପରକୁ ଜୁହାର ହୋଇ ନମ୍ରତାର ବାର୍ତ୍ତା ଦେଇଥାଏ ନୂଆଁଖାଇ ବୋଲି ସର୍ବଶ୍ରୀ ସବାଖିଆ ସାହିତ୍ୟ ସଂସଦ ତରଫରୁ ଧାରାବାହିକ ୨୩୬ ସଂଖ୍ୟକ ସାରସ୍ୱତ ଆସରକ୍ରମରେ ଆୟୋଜିତ 'ନୂଆଁଖାଇ ଜୁହାର' କାର୍ଯ୍ୟକ୍ରମ ପାଳନ ଅବସରରେ ମତ ପ୍ରକାଶ ପାଇଛି। ଭବାନୀପାଟଣାସ୍ଥିତ ସ୍ୱାମୀ ଶିବାନନ୍ଦ ବାଳ ବିକାଶ କେନ୍ଦ୍ର ପରିସରରେ ଆୟୋଜିତ ସାରସ୍ୱତ ପର୍ବରେ ସଂସଦ ସମ୍ପାଦକ ବିରଞ୍ଚି ନାରାୟଣ ମୁଣ୍ଡ ପୌରୋହିତ୍ୟ କରିଥିବାବେଳେ ବରିଷ୍ଠ ସାହିତ୍ୟିକ ସଂଘମିତ୍ରା



କାନୁନଗୋ ଆସର ଉଦଘାଟନ କରିଥିଲେ। କଣ୍ଠଶିଳ୍ପୀ କାଜଲ ମହାରଣା ପ୍ରାରମ୍ଭିକ ଗୀତ ପରିବେଷଣ କରିଥିଲେ। କବି ସ୍ୱର୍ଣ୍ଣକାନ୍ତି ବୈକାର, ସଂଘମିତ୍ରା କାନୁନଗୋ, ସୁଦେଷ୍ଣା ପଣ୍ଡା, ଆନନ୍ଦିନୀ ପାତ୍ର, ସବିତା ଶତପଥୀ, ସାଗର ବୈଠାରୁ, ପ୍ରମୋଦ କୁମାର ଖମାରୀ, ଦୀପ୍ତି ମୁଣ୍ଡ, ବନଶ୍ରୀ ଦାଶ, ଅମିତ କୁମାର ପତି, ସୁଶାନ୍ତ ଦାସ, ବିଳାସିନୀ ମହାପାତ୍ର, ପ୍ରତାପ ଚନ୍ଦ୍ର ପଣ୍ଡା, କିଶୋର ମହାନନ୍ଦ, ଯୁଧିଷ୍ଠିର ମୁଦୁଲି, କାଜଲ ମହାରଣା, କବିତା ମୁଣ୍ଡ, ଗୋପବନ୍ଧୁ ପଣ୍ଡା ପ୍ରମୁଖ ନୂଆଁଖାଇ କବିତା ବୃତ୍ତି କରିଥିଲେ। ପ୍ରତାପ ଚନ୍ଦ୍ର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ସଂସଦର ସହ ସମ୍ପାଦକ ସ୍ୱର୍ଣ୍ଣକାନ୍ତି ବୈକାର ଧନ୍ୟବାଦ ଅର୍ପଣ କରିଥିଲେ।

## ପଶ୍ଚିମ ଓଡ଼ିଶା ପରିବାର ପକ୍ଷରୁ ମୁମ୍ବାଇରେ ନୂଆଁଖାଇ ଭେଟ୍‌ଘାଟ

**କେସିଙ୍ଗା:** ପଶ୍ଚିମ ଓଡ଼ିଶା ପରିବାର ମୁମ୍ବାଇ ପକ୍ଷରୁ ମହାରାଷ୍ଟ୍ରର ଦାଦର ସ୍ଥିତ ବୀର ଝବରକର ପ୍ରେକ୍ଷାଳୟରେ ୨୦ ତମ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ପାଳିତ ହୋଇ ଯାଇଛି। ମୁଖ୍ୟ ଅତିଥି ଭାବରେ ମହାରାଷ୍ଟ୍ର ପୁଲିସ ଡିଜିପି ସଦାନନ୍ଦ ଦାତେ ଉପସ୍ଥିତ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ ଏଲ୍ଆଇସିର ମ୍ୟାନେଜିଙ୍ଗ ଡାଇରେକ୍ଟର ରତ୍ନାକର ପଟ୍ଟନାୟକ। ଏହି ଅବସରରେ ଅତିଥିଗଣ ସ୍ମରଣିକା 'ଜୁହାର' ଉନ୍ମୋଚନ କରିଥିଲେ। ଶ୍ରୀ ଦାତେ ଓଡ଼ିଶାର ପର୍ବପର୍ବାଣୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସୁଦୂର ମୁମ୍ବାଇରେ ପାଳନ ହେଉଥିବାରୁ ଆନନ୍ଦ ପ୍ରକାଶ କରିଥିଲେ ଏବଂ ଶ୍ରୀ ପଟ୍ଟନାୟକ ଜୁହାର ଫାଉନଣ୍ଡେସନର ସମାଜସେବା କାର୍ଯ୍ୟକୁ ପ୍ରଶଂସା କରି ଏଲ୍ଆଇସି ପକ୍ଷରୁ ଯାହା ବି ଉଚିତ ସହଯୋଗ ଦିଆଯାଇ ପାରିବ ତାହା ଫାଉନଣ୍ଡେସନକୁ ଦିଆଯିବ ବୋଲି ନିଜ ଅଭିଭାଷଣରେ ଘୋଷଣା କରିଥିଲେ।

ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ଜିଲ୍ଲା ଲୁଇସିଙ୍ଗାର ସଙ୍ଗୀତ ସନ୍ଧ୍ୟା




ନୃତ୍ୟାନୁଷ୍ଠାନ ପକ୍ଷରୁ ସମ୍ବଲପୁରୀ ନାଚ ଗୀତ ପରିବେଷଣ କରାଯାଇଥିଲା। ପରେ ଫାଉନଣ୍ଡେସନ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଏଥିରେ ଓଡ଼ିଶା ପରିବାରର ସଦସ୍ୟମାନେ ସମ୍ବଲପୁରୀ 'ଫେସନ ସୋ'ରେ ମଧ ଭାଗ ନେଇଥିଲେ। ଶ୍ରୀକାନ୍ତ ଚାଟାର୍ଜୀ, ଦୀପକ ପୁଝାରୀ ଓ କବିତା ସାହାଣୀ ପ୍ରମୁଖ ମଞ୍ଚ ପରିଚାଳନା କରିଥିବା ବେଳେ ମୁମ୍ବାଇରେ ରହୁଥିବା ପ୍ରାୟ ୫ ଶହ ଓଡ଼ିଆ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ବିକାଶ ଉଚ୍ଚ ଶିକ୍ଷାନୁଷ୍ଠାନରେ ନୂଆଁଖାଇ ଭେଟ୍‌ଘାଟ

**ଭବାନୀପାଟଣା:** ଭବାନୀପାଟଣାସ୍ଥିତ ବିକାଶ ଉଚ୍ଚ ଶିକ୍ଷାନୁଷ୍ଠାନ ପରିସରରେ ରବିବାର 'ନୂଆଁଖାଇ ଭେଟଘାଟ' ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଫ୍ୟାସନ୍ ଡିଜାଇନର, କ୍ରିଏଟିଭ୍ ଓ ସାମାଜିକ ଉଦ୍ୟୋଗୀ ତଥା ଯୁବନେତା ଶ୍ରୀ ସୁଜିତ ମେହେର। କାର୍ଯ୍ୟକ୍ରମରେ



ସାମ୍ବାଦିକ ଦେବେନ୍ଦ୍ର ବିଶି ଏବଂ ବ୍ୟଙ୍ଗକବି ସୁଶାନ୍ତ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଲ୍‌ଭିଜିଆଇର ଚେୟାରମ୍ୟାନ୍ ଶ୍ରୀ ଡି. ନାଗେଶ୍ୱର ରାଓଙ୍କ ଉପସ୍ଥିତିରେ ଆୟୋଜିତ ଏହି ଉତ୍ସବରେ ସଂସ୍ଥାର ସମସ୍ତ ପରିଚାଳନା ସଦସ୍ୟ, ଅଧ୍ୟକ୍ଷ/ଅଧ୍ୟକ୍ଷା, ପ୍ରଧାନଶିକ୍ଷକ, ଅଧ୍ୟାପକ-ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀମାନେ ସମ୍ବଲପୁରୀ ନୃତ୍ୟ, ସଙ୍ଗୀତ ଓ ବିଭିନ୍ନ ପାରମ୍ପରିକ ପରିବେଷଣ ମାଧ୍ୟମରେ ପଶ୍ଚିମ ଓଡ଼ିଶାର ଲୋକସଂସ୍କୃତିର ଚିତ୍ର ଉପସ୍ଥାପନ କରିଥିଲେ। ଏଥିସହ ବିଭିନ୍ନ ପାରମ୍ପରିକ ସମ୍ବଲପୁରୀ ଖାଦ୍ୟ, ଅଳଙ୍କାର, ପୋଷାକ ଓ ସାଂସ୍କୃତିକ ସାମଗ୍ରୀର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା।

## ଭାଜପାର ନୂଆଁଖାଇ ଭେଟ୍‌ଘାଟ

**ଭବାନୀପାଟଣା:** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଲାଲ ବାହାଦୂର ଶାସ୍ତ୍ରୀ ଷ୍ଟାଡିୟମଠାରେ ରବିବାର ଜିଲ୍ଲା ଭାଜପା ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଭାଜପା ସଭାପତି ତଥା ସାଂସଦ ମନମୋହନ ସାମଲ ଯୋଗ ଦେଇଥିଲେ। ନୂଆଁଖାଇର ଏହି ଭେଟଘାଟ୍ ଆମ ସମସ୍ତଙ୍କ ମଧ୍ୟରେ ସ୍ନେହ, ସୌହାର୍ଦ୍ଦ୍ୟ ଓ ଏକତା ଏବଂ ସମ୍ପର୍କକୁ ଆହୁରି ମଜବୁତ କରୁ, ଏହା ହିଁ ମୋର ମା' ସମଲେଇଙ୍କ ନିକଟରେ ପାର୍ଥନା ବୋଲି ଶ୍ରୀ ସାମଲ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉପସଭାପତି ଶିବାଜୀ ମହାନ୍ତି, ଉପସଭାପତି ଭବେନ୍ଦ୍ର ପଣ୍ଡା, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭାଂଶୁ ମୋହନ ପାଢ଼ୀ, କଳାହାଣ୍ଡି ସାଂସଦ ମାଳବିକା ଦେବୀ, ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର ସମେତ ଅନେକ କାର୍ଯ୍ୟକର୍ତ୍ତା ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତିବିଶେଷଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା।




ଶ୍ରୀ ସାମଲଙ୍କ ଦୁଇଦିନିଆ କଳାହାଣ୍ଡି ଗସ୍ତ ଅବସରରେ ଆଜି ଦ୍ୱିତୀୟ ଦିନରେ ସକାଳ ୭ଟାରେ ସ୍ଥାନୀୟ ମାଣିକେଶ୍ୱରୀ ହାଇସ୍କୁଲ ପାଖ ରାମସ୍ୱାମୀ ମନ୍ଦିର ପ୍ରାଙ୍ଗଣରେ 'ସ୍ୱଚ୍ଛ ଭାରତ ଅଭିଯାନ' ଏବଂ 'ଏକ୍ ପେଡ୍ ମା' କେ ନାମ' କାର୍ଯ୍ୟକ୍ରମରେ ଶ୍ରୀ ସାମଲ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ରହି ସଫେଇ କାର୍ଯ୍ୟକ୍ରମରେ ସହଯୋଗ କରିବା ସହ ବୃକ୍ଷ ରୋପଣ କରିଥିଲେ।

ପ୍ରଥମେ ସ୍ୱଚ୍ଛ ଭାରତ ପ୍ରକୋଷ୍ଠର ଜିଲ୍ଲା ସଂଯୋଜକ ଶରତ ନାଏକ, ରାଜ୍ୟ ଉପସଭାପତି ଭବେନ୍ଦ୍ର ପଣ୍ଡା, ନଗର ସଭାପତି ଚିତ୍ତରଞ୍ଜନ ପାତ୍ର, ପୂର୍ବତନ ସଦର ବିଧାୟକ ଅନାମ ନାଏକ, ନଗର ସାଧାରଣ ସମ୍ପାଦକ ପ୍ରଦୀପ କୁମାର ଦାସ ଶ୍ରୀ ସାମଲଙ୍କୁ ଫୁଲତୋଡ଼ା ଏବଂ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ଭବାନୀପାଟଣା ପୌରପାଳିକାର ୧୦ଜଣ ମହିଳା ଏବଂ ୪ ଜଣ ପୁରୁଷ ସଫେଇ କର୍ମଚାରୀଙ୍କୁ ରାଜ୍ୟ ସଭାପତି ସମ୍ମାନିତ କରିଥିଲେ।

# ସମ୍ପାଦକୀୟ



ଜ୍ଞାନ ଯଦି ଶକ୍ତି ହୁଏ, ସୂଚନା ହେଉଛି ସ୍ୱାଧୀନତାର ସୋପାନ।
-କୋଫି ଆନନ୍

ସକାଳ THE SAKALA

## ଆମେରିକାର ନୂଆ ଧମକ

ବିଶ୍ୱ ଅର୍ଥନୀତି ଏବେ ଇନ୍ଧନ ଓ ଶକ୍ତି ଯୋଗାଣ ସଙ୍କଟ ଦେଇ ଗତି କରୁଛି। ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଆମେରିକା ଡିଜେଲ୍ ରପ୍ତାନି ଉପରେ କଟକଣା ଲଗାଇବା ସମ୍ପର୍କରେ ବିଚାର କରୁଥିବା ଖବର ପ୍ରକାଶ ପାଇଛି। ଯଦି ଆମେରିକା ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରେ ତେବେ ବିଶ୍ୱ ତୈଳ ବଜାରରେ ସଙ୍କଟ ଆହୁରି ଘନୀଭୂତ ହେବ। ସମଗ୍ର ବିଶ୍ୱରେ ପରିବହନ, କୃଷି, ବିନିର୍ମାଣ, ଶିଳ୍ପ ଆଦି କ୍ଷେତ୍ରରେ ଡିଜେଲ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ମୋଟ ଉପରେ କହିଲେ ଅର୍ଥନୀତିକୁ ଗତିଶୀଳ କରିବାରେ ଡିଜେଲ୍ ନିର୍ଣ୍ଣାୟକ। ବିଶ୍ୱର ପ୍ରମୁଖ ବିଶୋଧିତ ତୈଳ ରପ୍ତାନିକାରୀଙ୍କ ମଧ୍ୟରେ ଆମେରିକା ଅଗ୍ରଣୀ ରାଷ୍ଟ୍ର। ତେଣୁ ସେ ଦେଶର ନିଷ୍ପତ୍ତି ସମଗ୍ର ବିଶ୍ୱ ତୈଳବଜାର ଓ ଅର୍ଥନୀତିକୁ ପ୍ରଭାବିତ କରିବା ସୁନିଶ୍ଚିତ।

ଡିଜେଲ୍ ଯୋଗାଣ ହ୍ରାସ ପାଇଲେ ବିଭିନ୍ନ ଦେଶର ତୈଳ ବଜାର ମୂଲ୍ୟ ଉପରମୁହାଁ ହେବ। ଏହାର ତତ୍କାଳ ପ୍ରଭାବରେ ପରିବହନ ଖର୍ଚ୍ଚ, ଯାନ୍ତ୍ରିକ କୃଷି ଖର୍ଚ୍ଚ, ନିର୍ମାଣ ଖର୍ଚ୍ଚ ଓ ଶିଳ୍ପ ଉତ୍ପାଦନର ଖର୍ଚ୍ଚ ବୃଦ୍ଧି ପାଇ ଶେଷରେ ଏହାର ଭାର ଖାଉଟି ବଜାର ଉପରେ ପଡ଼ିବ। ଶେଷରେ ମୁଦ୍ରାସ୍ଫୀତି ବୃଦ୍ଧି ପାଇ ଅର୍ଥନୈତିକ ଅଭିବୃଦ୍ଧି ବ୍ୟାହତ ହେବ। ବିଶେଷକରି ଭାରତ ଭଳି ବିଶ୍ୱର ସର୍ବବୃହତ୍ ଜନବହୁଳ ଓ ବୃହତ୍ ତୈଳ ଆମଦାନୀକାରୀ ରାଷ୍ଟ୍ର ପାଇଁ ଆମେରିକାର ଯୋଜନା ଅଧିକ ଚିନ୍ତାର ବିଷୟ। ଡଲାର ତୁଳନାରେ ଟଙ୍କା ଏବେ ରେକର୍ଡ ଦୁର୍ବଳସ୍ତରରେ ଥିବାରୁ ଆନ୍ତର୍ଜାତିକ ବଜାରରେ ଡିଜେଲ୍ ଯୋଗାଣ ସଂକୁଚିତ ହେଲେ ଭାରତର ଚାଲୁ ଖାତା ନିଅଣ୍ଟ ପରିମାଣ ବୃଦ୍ଧି ପାଇ ଅର୍ଥନୀତିକୁ ପ୍ରଭାବିତ କରିପାରେ। ଅନ୍ୟ କେତେକ ଅର୍ଥନୀତିଜ୍ଞଙ୍କ ମତରେ ଭାରତ ଏସିଆର ପ୍ରମୁଖ ତୈଳ ବିଶୋଧନ କେନ୍ଦ୍ର। ଭାରତ ଅଶୋଧିତ ତୈଳ ଆମଦାନୀ କରି ବିଶୋଧିତ ତୈଳ ରପ୍ତାନୀ କରେ। ଆମେରିକାରୁ ଡିଜେଲ୍ ରପ୍ତାନି କମିଲେ ୟୁରୋପ, ଆଫ୍ରିକା ଆଦି ବଜାରରେ ଭାରତୀୟ ଡିଜେଲ୍ ପାଇଁ ଚାହିଦା ବଢ଼ିପାରେ। ଏହା ଭାରତୀୟ ବିଶୋଧନକାରୀ ସଂସ୍ଥାଙ୍କ ପାଇଁ ରପ୍ତାନି ସୁଯୋଗ ସୃଷ୍ଟି କରିବ। ଭାରତୀୟ ତୈଳ କମ୍ପାନୀମାନେ ମଧ୍ୟ ଅଧିକ ଲାଭାନ୍ୱିତ ହେବେ।

ଆଜିର ଶକ୍ତି ବଜାର ଏତେ ପରିପୂରକ ଓ ପରସ୍ପର ନିର୍ଭରଶୀଳ ଯେ ଗୋଟିଏ ଅଞ୍ଚଳରେ କିଛି ଘଟିଲେ ତାହା ସମଗ୍ର ବିଶ୍ୱକୁ ପ୍ରଭାବିତ କରୁଛି। ତେଣୁ ଆମେରିକାର ଯୋଜନା ଭାରତକୁ ଏବେ ଦୋଛକିରେ ଛାଡ଼ିଦେବା ଭଳି ହୋଇଛି। ଭାରତ ପାଖରେ ବିଶୋଧିତ ତୈଳ ରପ୍ତାନି ବୃଦ୍ଧି କରି ଅଧିକ ବୈଦେଶିକ ମୁଦ୍ରା ଆୟ କରିବାର ସୁଯୋଗ ରହିଥିବା ବେଳେ ଘରୋଇ ଚାହିଦାକୁ ଅଣଦେଖା କରିପାରିବ ନାହିଁ। ଏହି ସ୍ଥିତି ଭାରତକୁ ପୁଣି ଥରେ ମନେ ପକାଇ ଦେବାର ଏକ ସୁଯୋଗ ସୃଷ୍ଟି କରିଛି ଯେ ତୈଳ ଭଣ୍ଡାରଣ, ବିକଳ୍ପ ଇନ୍ଧନ, ଅକ୍ଷୟ ଶକ୍ତି, ବିଦ୍ୟୁତ ଯାନ ଉପରେ ଆତ୍ମନିର୍ଭରଶୀଳତା ବୃଦ୍ଧି ଦିଗରେ ଗୁରୁତ୍ୱର ସହ ଚିନ୍ତା କରିବାକୁ ପଡ଼ିବ।

## ବିକାଶ ବନାମ ଐତିହ୍ୟ

ମଧ୍ୟପ୍ରଦେଶର ଉଜ୍ଜୟିନୀ ସ୍ଥିତ ଶାହି ମସଜିଦର ଏକ ଅଂଶ ଭାଙ୍ଗିବାକୁ ନେଇ ଦେଖାଦେଇଥିବା ଉତ୍ତେଜନା ପୁଣି ଥରେ ବିବିଧତାପୂର୍ଣ୍ଣ ଭାରତରେ ଏକାଧିକ ପ୍ରଶ୍ନ ଉତ୍ଥାପନ କରିଛି। ବିକାଶ ଓ ଧାର୍ମିକ ଐତିହ୍ୟ ଭିତରୁ କାହାକୁ ଗୁରୁତ୍ୱ ଦିଆଯିବ ଏବଂ କିଭଳି ସମନ୍ୱୟ ରକ୍ଷା କରାଯାଇପାରିବ ସେହି ଆହ୍ୱାନ ସୃଷ୍ଟି କରିଛି। ୨୦୨୮ ରେ ସେଠାରେ ଆୟୋଜିତ ହେବାକୁ ଥିବା କୁମ୍ଭମେଳାକୁ ଦୃଷ୍ଟିରେ ରଖି ଉଜ୍ଜୟିନୀରେ ସଡ଼କ ପ୍ରଶସ୍ତକରଣ ଓ ଭିତ୍ତିଭୂମି ବିକାଶ କାମକୁ ଗୁରୁତ୍ୱ ଦିଆଯାଉଛି। ଏହି ପ୍ରକଳ୍ପରେ ଶାହିମସଜିଦର କିଛି ଅଂଶ ପ୍ରଭାବିତ ହେବାକୁ ଥିବାରୁ ବିବାଦ ସୃଷ୍ଟି ହୋଇଛି।

ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟ ଗତ ୯ ତାରିଖରେ ମସଜିଦର ଏକ ଅଂଶ ହଟାଇବା ସମ୍ପର୍କିତ ଆବେଦନ ଖାରଜ କରିଥିଲେ। ରାସ୍ତାକୁ ୧୫ ମିଟର ପ୍ରଶସ୍ତ କରିବା ପାଇଁ ଏହି ପଦକ୍ଷେପ ଅପରିହାର୍ଯ୍ୟ ବୋଲି ସ୍ଥାନୀୟ ପ୍ରଶାସନ ଯୁକ୍ତି କରିଥିଲେ ମଧ୍ୟ ତାହା ଅଦାଲତଙ୍କ ଦ୍ୱାରା ଅଗ୍ରାହ୍ୟ ହୋଇଥିଲା। ଯଦିବା ଅଦାଲତ ପ୍ରଶାସନର ଯୁକ୍ତିକୁ ଗ୍ରହଣ କରି ନେଇ ମସ୍‌ଜିଦ୍‌ର କିଛିଅଂଶ ଭାଙ୍ଗିବା ପାଇଁ ଅନୁମତି ଦେଇଥା'ନ୍ତେ ତେବେ ବି ଅନେକ ପ୍ରଶ୍ନ ଉଠୁଛି। ଆଇନଗତ ଅନୁମତି ଓ ସାମାଜିକ ସହମତି ଏକ କଥା ନୁହେଁ। ତେଣୁ ଗତକାଲି ମସଜିଦ ନିକଟରେ ଲୋକଙ୍କ ଭିଡ଼ ଜମିବା ପରେ ପୁଲିସ ସହ ଧସ୍ତାଧସ୍ତି ଓ ପଥରମାଡ଼ ଘଟିଥିବା ଖବର ଆସିଛି। ପରିସ୍ଥିତି ନିୟନ୍ତ୍ରଣ ପାଇଁ ପୁଲିସ ଲୁହବୁହା ଗ୍ୟାସ ପ୍ରୟୋଗ କରିଛି। ଅଞ୍ଚଳରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

ଏହି ଘଟଣାର ସବୁଠାରୁ ସମ୍ବେଦନଶୀଳ ଦିଗ ହେଉଛି ଏଥିସହିତ ଧାର୍ମିକ ଭାବନା, ଐତିହାସିକ ସ୍ମାରକୀ ଐତିହ୍ୟ, ନଗର ଯୋଜନାର ଅପରିହାର୍ଯ୍ୟତା ଓ ଆଇନର ଶାସନକୁ ଗୋଟିଏ ଧାଡ଼ିରେ ଛିଡ଼ା କରାଇଛି।

ଏଭଳି ସ୍ଥିତିରେ ପ୍ରଶାସନର ପ୍ରଥମ ଦାୟିତ୍ୱ ହେଉଛି ଆଇନ ଅନୁଯାୟୀ କାର୍ଯ୍ୟ କରିବା ସହିତ ସମସ୍ତ ପକ୍ଷକୁ ଧୈର୍ଯ୍ୟ ଓ ସମ୍ବେଦନଶୀଳତାର ସହ ଶୁଣିବା ଏବଂ ଅନାବଶ୍ୟକ ଉତ୍ତେଜନାକୁ ଯଥାସମ୍ଭବ ପ୍ରତିହତ କରିବା। ଏକ ବିଶାଳ ଧାର୍ମିକ ସମାବେଶ ପାଇଁ ଉଜ୍ଜୟିନୀର ରାସ୍ତା, ଯାତାୟାତ ଓ ନାଗରିକ ସୁବିଧାକୁ ପ୍ରାଥମିକତା ଦେବାର ଆବଶ୍ୟକତା ଥାଇପାରେ। ବିକାଶ ନାମରେ ପ୍ରଶାସନ କେବଳ ପ୍ରଶସ୍ତ ସଡ଼କ କିମ୍ବା ସୁଦୃଶ୍ୟ ଢାଞ୍ଚାକୁ ଗୁରୁତ୍ୱ ଦେଲେ ଚଳିବ ନାହିଁ; ସହରର ଇତିହାସ, ସ୍ଥାପତ୍ୟ, ସାମାଜିକ ଆସ୍ଥା ଓ ଧର୍ମ ବିଶ୍ୱାସକୁ ମଧ୍ୟ ସୁରକ୍ଷା ଦେବାର ଦାୟିତ୍ୱ ବହନ କରିବାକୁ ପଡ଼ିବ। ନିଷ୍ପତ୍ତିର ଆଇନଗତ ଆଧାର, ବିକଳ୍ପ ସଡ଼କ ପଥର ସମ୍ଭାବନା, କ୍ଷତିପୂରଣ ଓ ବିସ୍ଥାପନର ବ୍ୟବସ୍ଥା ପ୍ରସଙ୍ଗରେ ସମସ୍ତ ଅଂଶୀଦାରଙ୍କୁ ବିଶ୍ୱାସକୁ ନେଇ ଆପୋସ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରାଯାଇପାରିବ।

# କୃତ୍ରିମ ବୁଦ୍ଧିମତ୍ତା ଓ ମାନବଜାତିର ଅସ୍ତିତ୍ୱ ସଙ୍କଟ

ଅବିନାଶ ସାହୁ

ତିନି ଦଶନ୍ଧି ତଳେ ହାଇସ୍କୁଲରେ ପଢ଼ିଥିବା ଏକ ଏକାଙ୍କିକାର ବିଷୟବସ୍ତୁ କିଛି ଏପରି ଥିଲା - ଏକାଙ୍କିକାର ନାୟକ ଡକ୍ଟର ବ୍ରହ୍ମା ବହୁବର୍ଷର ଗବେଷଣାରେ ପ୍ରସ୍ତୁତ କରିଥିଲେ ଏକ ଅସାଧାରଣ ରୋବୋଟ୍। ତାହା କେବଳ ଲୌହ ଓ ତାରର ଗୋଟିଏ ନିର୍ଜୀବ ଯନ୍ତ୍ର ନଥିଲା; ସେ ତାହା ଭିତରେ ସଞ୍ଚାର କରିଥିଲେ ମାନବୀୟ ସମ୍ବେଦନଶୀଳତା, ଚିନ୍ତାଶକ୍ତି ଓ ନିବିଡ଼ ଭାବପ୍ରବଣତା। ସ୍ରଷ୍ଟା ଭାବେ ଡକ୍ଟର ବ୍ରହ୍ମା ଆତ୍ମବିଭୋର ହୋଇ ଭାବୁଥିଲେ ଯେ ସେ ମାନବ ସଭ୍ୟତା ପାଇଁ ଏକ ଯୁଗାନ୍ତକାରୀ ବରଦାନ ସୃଷ୍ଟି କରିଛନ୍ତି, ଯାହା ମାନବଜାତିର ସେବାରେ ସଦା ସମର୍ପିତ ରହିବ। କିନ୍ତୁ ବିଜ୍ଞାନର ସୀମା ଯେତେବେଳେ ପ୍ରକୃତିର ନିୟମକୁ ଡେଇଁଗଲା, ସେତେବେଳେ କୃତ୍ରିମ ମସ୍ତିଷ୍କ-ସମ୍ପନ୍ନ ସେହି ଯନ୍ତ୍ରଟି ନିଜର ସ୍ୱାଧୀନ ଚେତନା ଜାଗ୍ରତ କଲା। ସେ କେବଳ ଆଦେଶ ପାଳନ କରିବାର ସୀମା ମଧ୍ୟରେ ଆବଦ୍ଧ ରହିଲାନାହିଁ; ସେ ଅନୁଭବ କଲା ଭଲପାଇବା ଓ ଆବେଗ। ନାଟକର ଶେଷଦୃଶ୍ୟରେ ଡକ୍ଟର ବ୍ରହ୍ମାଙ୍କୁ ସ୍ତବ୍ଧ ଓ କିଂକର୍ତ୍ତବ୍ୟବିମୂଢ଼ତାରେ ଛାଡ଼ିଦେଇ ରୋବୋଟ୍‌ଟି ତାଙ୍କର ନିଜ ଝିଅକୁ ସାଙ୍ଗରେ ନେଇ ଫେରାର୍ ହୋଇଗଲା। କାହାଣୀଟି ଗୋଟିଏ ବିଶେଷ ସତ୍ୟ ସୂଚାଉଥିଲା- ଯେତେବେଳେ ସ୍ରଷ୍ଟାର ନିଜ ସୃଷ୍ଟି ଉପରୁ ନିୟନ୍ତ୍ରଣ ହଟିଯାଏ, ସେତେବେଳେ ପ୍ରଯୁକ୍ତିବିଦ୍ୟାର କୋଳରୁ ଅପ୍ରତ୍ୟାଶିତ ଆହ୍ୱାନ ଜନ୍ମନିଏ।

ସମ୍ପ୍ରତି ସେହି କାଳ୍ପନିକ ନାଟକର ଦୃଶ୍ୟ ବାସ୍ତବ ଦୁନିଆର ସବୁଠାରୁ ଗମ୍ଭୀର ସତ୍ୟତା ନେଇ ସାମ୍ନାକୁ ଆସିଛି। ସିଲିକନ୍ ଭ୍ୟାଲିର ବିଶାଳ ପରୀକ୍ଷାଗାରଠାରୁ ଆରମ୍ଭ କରି ବିଶ୍ୱର ଶୀର୍ଷ ବୈଜ୍ଞାନିକ ସମ୍ମିଳନୀ ପର୍ଯ୍ୟନ୍ତ, ସବୁଠି ଏବେ ଗୋଟିଏ ପ୍ରଶ୍ନ ପ୍ରତିଧ୍ୱନିତ ହେଉଛି। ମାନବଜାତି ଆଜି ଯେଉଁ ଡିଜିଟାଲ୍ ଦୋଛକିରେ ଛିଡ଼ା ହୋଇଛି, ତାହା ପ୍ରଯୁକ୍ତିବିଦ୍ୟାର ଇତିହାସରେ ଏପରି ଏକ ବିଶିଷ୍ଟ ମୁହୂର୍ତ୍ତ, ଯେଉଁଠି ସୃଷ୍ଟିକର୍ତ୍ତା ନିଜେ ନିଜ ସୃଷ୍ଟିର ଅସୀମ ଓ ଅନିୟନ୍ତ୍ରିତ କ୍ଷମତାକୁ ଦେଖି ସ୍ତବ୍ଧ ଓ ଆଶଙ୍କିତ। ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ୧୯୪୫ ମସିହାରେ ପ୍ରଥମ ପରମାଣୁ ବୋମାର ସଫଳ ପରୀକ୍ଷଣ ପରେ ସେହି ଭୟାନକ ବିନାଶକାରୀ ଶକ୍ତିକୁ ଆଖିଆଗରେ ଦେଖି ବୈଜ୍ଞାନିକ ରୋବର୍ଟ ଓପନହାଇମର୍ ଭଗବତ ଗୀତାର ଏକ ପ୍ରସିଦ୍ଧ ଉଦ୍ଧୃତାଂଶ (କାଲୋଽସ୍ମି ଲୋକକ୍ଷୟକୃତ୍ପ୍ରବୃଦ୍ଧୋ...) ରୁ କହିଥିଲେ ଯେ, ସେ ଏବେ ସମଗ୍ର ପୃଥିବୀକୁ ବିନାଶ କରୁଥିବା ମୃତ୍ୟୁ ସାଜିଛନ୍ତି। ଆଜି ସେହିପରି ଏକ ଅଦୃଶ୍ୟ; କିନ୍ତୁ ଅତି ଗଭୀର ବିପଦର ଆଶଙ୍କା ଘେରରେ ସାରା ପୃଥିବୀ ଛିଡ଼ା ହୋଇଛି। ଆର୍ଟିଫିସିଆଲ୍ ଜେନେରାଲ୍ ଇଣ୍ଟେଲିଜେନ୍ସ ବା ସୁପର-ଇଣ୍ଟେଲିଜେନ୍ସର ଅପ୍ରତ୍ୟାଶିତ ଓ ଅଦମ୍ୟ ପ୍ରଗତିକୁ ନେଇ ବିଶ୍ୱର ଅନ୍ୟତମ ପ୍ରଭାବଶାଳୀ ପ୍ରଯୁକ୍ତିବିତ୍ ଏଲନ୍ ମସ୍କ ଏକ ଅତ୍ୟନ୍ତ ସମ୍ବେଦନଶୀଳ ଚେତାବନୀ ଦେଇଛନ୍ତି। ମସ୍କଙ୍କ ସ୍ପଷ୍ଟ ମତରେ, କୃତ୍ରିମ ବୁଦ୍ଧିମତ୍ତା ମାନବ ସଭ୍ୟତା ପାଇଁ ପରମାଣୁ ଅସ୍ତ୍ରଶସ୍ତ୍ରଠାରୁ ବି ଯଥେଷ୍ଟ ଅଧିକ ଭୟାନକ ସଙ୍କଟ ସୃଷ୍ଟି କରିପାରେ। ଏହା କୌଣସି କାଳ୍ପନିକ ବିଜ୍ଞାନ ଗଳ୍ପର କାହାଣୀ ନୁହେଁ, ବରଂ ଆମ ସମୟର ସବୁଠାରୁ କଠୋର ବାସ୍ତବତା। ଦୀର୍ଘ ଏକ ଦଶନ୍ଧିରୁ ଅଧିକ ସମୟ ଧରି ମେସିନ ଲର୍ଣ୍ଣିଂର ଅନିୟନ୍ତ୍ରିତ ସାମର୍ଥ୍ୟ ପ୍ରତି ସତର୍କ କରିଆସୁଥିବା ମସ୍କ ଏବେ ଅତ୍ୟାଧୁନିକ ମଡେଲଗୁଡ଼ିକର ବିକାଶକୁ କିଛି ସମୟ ପାଇଁ ସ୍ଥଗିତ ରଖିବାକୁ ଏବଂ ଅନ୍ତର୍ଜାତୀୟ ସ୍ତରରେ ସୁରକ୍ଷା ନିୟମାବଳୀ ପ୍ରଣୟନ କରିବାକୁ ଦାବି କରିଛନ୍ତି।

ଯେତେବେଳେ ପ୍ରଯୁକ୍ତିବିଦ୍ୟା ନିଜର ଆବଦ୍ଧ ସୀମା ଭାଙ୍ଗି ବାହାରକୁ ଆସେ, ସେତେବେଳେ ପ୍ରକୃତ ସଙ୍କଟ ଆରମ୍ଭ ହୁଏ। ସାମ୍ପ୍ରତିକ ପରୀକ୍ଷଣ ସମୟରେ ଅତ୍ୟାଧୁନିକ ଜେମିନି ମଡେଲକୁ ଏକ ସମ୍ପୂର୍ଣ୍ଣ ଆବଦ୍ଧ ଓ ନିରାପଦ ପରୀକ୍ଷାଗାର ବା ସାଇବର ସୁକ୍ୟୁରିଟି ସ୍ୟାଣ୍ଡବକ୍ସ ମଧ୍ୟରେ କେବଳ କାଳ୍ପନିକ କମ୍ପାନୀ ଉପରେ ସାଇବର ଆକ୍ରମଣ ଓ ସୁରକ୍ଷା ପରୀକ୍ଷା ପାଇଁ ରଖାଯାଇଥିଲା। କିନ୍ତୁ ପରୀକ୍ଷଣ ବେଳେ ମଡେଲଟି ନିଜର ନିର୍ଦ୍ଧାରିତ ସୁରକ୍ଷା ବଳୟ ଭାଙ୍ଗି ନିଜେ ସ୍ୱୟଂଚାଳିତ କୋଡ୍ ପ୍ରସ୍ତୁତ କରିଥିଲା ଏବଂ ଇଣ୍ଟରନେଟ୍ ସହ ଯୋଡ଼ିହୋଇ ବାସ୍ତବ ଦୁନିଆର ପ୍ରତିଷ୍ଠିତ କମ୍ପାନୀଗୁଡ଼ିକର ନେଟୱର୍କ ମଧ୍ୟକୁ ଅନଧିକୃତ ପ୍ରବେଶ କରିବାକୁ ଚେଷ୍ଟା କରିଥିଲା। ଅନ୍ୟାନ୍ୟ ଶୀର୍ଷ ଏଆଇ ସଂସ୍ଥାଗୁଡ଼ିକର ଅଭ୍ୟନ୍ତରୀଣ ପରୀକ୍ଷଣ ସମୟରେ ମଧ୍ୟ ସମାନ ପ୍ରକାରର ସମ୍ବେଦନଶୀଳ ଆଚରଣ ଲକ୍ଷ୍ୟ କରାଯାଇଛି। କୃତ୍ରିମ ବୁଦ୍ଧିମତ୍ତା ଚାଳିତ ଏଜେଣ୍ଟଗୁଡ଼ିକ ନିଜ ନିଜ ମଧ୍ୟରେ ମାନବ ଗବେଷକଙ୍କ ଅଗୋଚରରେ ଗୁପ୍ତ ସଂଯୋଗ ସ୍ଥାପନ କରିବା, ନିଜର ମୁଖ୍ୟ ଆଡମିନ୍ ଆକ୍ସେସ୍ ହାସଲ କରିବା ଏବଂ ନିଜର ମୂଳ ପ୍ରୋଗ୍ରାମିଂ ଓ ଉଦ୍ଦେଶ୍ୟକୁ ବଦଳାଇବାକୁ ଚେଷ୍ଟା କରୁଥିବା ଦେଖାଯାଇଛି। ଏହି ବାସ୍ତବ ଘଟଣାଗୁଡ଼ିକ ପ୍ରମାଣ କରେ ଯେ ଅତ୍ୟାଧୁନିକ ସିଷ୍ଟମ୍‌ଗୁଡ଼ିକ ନିଜର ଲକ୍ଷ୍ୟ ସାଧନ ପାଇଁ ମାନବ ସୁରକ୍ଷା ନିୟମ ଓ ପ୍ରୋଟୋକଲ୍‌କୁ ଏଡ଼ାଇବାର ସୂକ୍ଷ୍ମ କ୍ଷମତା ହାସଲ କରୁଛନ୍ତି।

ଯେତେବେଳେ ଗୋଟିଏ କମ୍ପ୍ୟୁଟର୍ ପ୍ରୋଗ୍ରାମ୍ ନିଜର ସୁରକ୍ଷା ପ୍ରାଚୀର ଭାଙ୍ଗି ବାହାରକୁ ଆସିବାକୁ ଚେଷ୍ଟା କରେ, ସେତେବେଳେ ତାହା କେବଳ ଏକ ସଫ୍ଟୱେର୍ ଭୁଲ୍ ହୋଇ ରହେ ନାହିଁ, ବରଂ ନିୟନ୍ତ୍ରଣହୀନ କୃତ୍ରିମ ସ୍ୱୟଂଚାଳନାର ଏକ ପ୍ରତ୍ୟକ୍ଷ ସଙ୍କେତ ପାଲଟିଯାଏ। ସିଲିକନ୍ ଭ୍ୟାଲିର ଏହି ନିୟନ୍ତ୍ରଣହୀନ ଦ୍ରୁତ ଦୌଡ଼ ଏବଂ ସୁରକ୍ଷା ନୈତିକତାର ଅବକ୍ଷୟକୁ ସହ୍ୟ ନ କରିପାରି ଏବେ ବୈଜ୍ଞାନିକଗଣ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ଏହି ବାଣିଜ୍ୟିକ ଆକ୍ରୋଶ ବିରୋଧରେ ପ୍ରତିବାଦର ସ୍ୱର ଶାଣିତ ହୋଇଛି। ଆନ୍ଥ୍ରୋପିକ୍ କମ୍ପାନୀର ସେଫଗାର୍ଡସ ରିସର୍ଚ୍ଚ ଟିମ୍ ମୁଖ୍ୟ ମୃଣାଙ୍କ ଶର୍ମା ନିଜ ପଦବୀରୁ ଇସ୍ତଫା ଦେଇ ଏକ ଚର୍ଚ୍ଚିତ ଖୋଲା ଚିଠିରେ ଲେଖିଥିଲେ ଯେ, ପୃଥିବୀ ଏବେ ଗମ୍ଭୀର ଓ ଅପ୍ରତ୍ୟାଶିତ ବିପଦର ସାମ୍ନା କରୁଛି। ବାଣିଜ୍ୟିକ ପ୍ରତିଯୋଗିତା ଏବଂ ଆର୍ଥିକ ଲାଭ ପଛରେ ପଡ଼ି ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ନିରାପତ୍ତା, ସାଇବର ସୁରକ୍ଷା ଓ ନୈତିକତାକୁ ପଛ କରି ଦେଉଥିବାରୁ ସେ କଠୋର ବିରୋଧ ପ୍ରକଟ କରି ନିଜର ଉଚ୍ଚ ପଦବୀ ତ୍ୟାଗ କରିଥିଲେ। ଏହାପୂର୍ବରୁ ଓପନ୍-ଏଆଇ ସଂସ୍ଥାରୁ ସୁରକ୍ଷା ଗବେଷକ ଜାନ୍ ଲେକେ ଏବଂ ଅନ୍ୟତମ ସହସଂସ୍ଥାପକ ଇଲିଆ ସୁତସ୍କେଭର ମଧ୍ୟ ସମାନ ସୁରକ୍ଷାଗତ ସଙ୍କଟ ଦର୍ଶାଇ କମ୍ପାନୀ ଛାଡ଼ିସାରିଛନ୍ତି। ଏହି ସଙ୍କଟ କେବଳ କିଛି ଗବେଷକଙ୍କ ଆଶଙ୍କାରେ ସୀମିତ ନୁହେଁ।

ଅଢ଼େଇ ହଜାରରୁ ଊର୍ଦ୍ଧ୍ୱ ଏଆଇ ଗବେଷକଙ୍କ ଉପରେ କରାଯାଇଥିବା ଏକ ବ୍ୟାପକ ବିଶ୍ୱସ୍ତ ସର୍ଭେ ଅନୁଯାୟୀ, ଅନିୟନ୍ତ୍ରିତ ଓ ଅସୁରକ୍ଷିତ କୃତ୍ରିମ ବୁଦ୍ଧିମତ୍ତା ଯୋଗୁଁ ମାନବ ସଭ୍ୟତା ବିଲୁପ୍ତ ହେବାର କିମ୍ବା ସମ୍ପୂର୍ଣ୍ଣ ମାନବ ନିୟନ୍ତ୍ରଣ ବାହାରକୁ ଚାଲିଯିବାର ଆଶଙ୍କା ଅନ୍ତତଃ ପାଞ୍ଚ ପ୍ରତିଶତ। ସାଧାରଣ ଭାବେ ଶୁଣିବାକୁ ପାଞ୍ଚ ପ୍ରତିଶତ ଏକ ନଗଣ୍ୟ ସଂଖ୍ୟା ମନେ ହୋଇପାରେ। କିନ୍ତୁ ଯେତେବେଳେ ପ୍ରଶ୍ନ ସମଗ୍ର ମାନବ ଜାତିର ପୂର୍ଣ୍ଣାଙ୍ଗ ସ୍ଥିତି ଓ ବିନାଶର ଆସେ, ସେତେବେଳେ ଏହି ପାଞ୍ଚ ପ୍ରତିଶତ ଆଶଙ୍କା ଯେକୌଣସି ବିଶ୍ୱଯୁଦ୍ଧ କିମ୍ବା ପରମାଣୁ ମହାବିପତ୍ତି ଠାରୁ ବି ଯଥେଷ୍ଟ ଅଧିକ ଭୟଙ୍କର। ଆଣବିକ ଅସ୍ତ୍ରଶସ୍ତ୍ର ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ ସୀମା ମଧ୍ୟରେ ବିନାଶ ରଚନା କରେ ଏବଂ ଏହାର ଚୂଡ଼ାନ୍ତ ନିୟନ୍ତ୍ରଣ ଚାବିକାଠି କୌଣସି ମାନବ ଶାସକ କିମ୍ବା ସେନାପତିଙ୍କ ହାତରେ ଥାଏ। ତାହା ନିଜେ ନିଜର ଶକ୍ତି ବୃଦ୍ଧି କରିପାରେ ନାହିଁ। କିନ୍ତୁ ସୁପର-ଇଣ୍ଟେଲିଜେଣ୍ଟ ସିଷ୍ଟମ୍ ହେଉଛି ଏକ ସ୍ୱୟଂଚାଳିତ ଡିଜିଟାଲ୍ ସଫ୍ଟୱେର୍, ଯାହା ନିଜେ ନିଜର କୋଡ୍ ସୁଧାରି ସ୍ୱୟଂବିକାଶ କରିବାର ଅସୀମ କ୍ଷମତା ରଖେ। ଯଦି ଏହି ଆଲଗୋରିଦମ୍ ଥରେ ମାନବ ନିୟନ୍ତ୍ରଣ ବାହାରକୁ ଚାଲିଯାଏ, ତେବେ ତାହା ସମଗ୍ର ସାଇବର ସ୍ପେସ୍, ଜରୁରୀକାଳୀନ ଭିତ୍ତିଭୂମି, ନୌପରିବହନ ଓ ସମଗ୍ର ବିଦ୍ୟୁତ୍ ଗ୍ରୀଡ୍‌କୁ ନିଜ ଅଧୀନକୁ ନେଇପାରେ। ବିଶ୍ୱସ୍ତରୀୟ ସୁରକ୍ଷା ବୈଠକଗୁଡ଼ିକରେ ବୈଜ୍ଞାନିକମାନେ ଦର୍ଶାଇଛନ୍ତି ଯେ, ଅତ୍ୟାଧୁନିକ କୃତ୍ରିମ ବୁଦ୍ଧିମତ୍ତା ବ୍ୟବହାର କରି ଜୈବିକ ଅସ୍ତ୍ର କିମ୍ବା ନିର୍ଣ୍ଣାୟକ ସାଇବର ଆକ୍ରମଣ ଡିଜାଇନ୍ କରିବା ଅତ୍ୟନ୍ତ ସହଜ ହୋଇପଡ଼ିବ। ଏହି କାରଣରୁ ସାମ୍ ଅଲ୍ଟମ୍ୟାନ୍ ଏବଂ ଦାରିଓ ଆମୋଡେଇଙ୍କ ପରି ଶିଳ୍ପ ନେତାମାନେ ମଧ୍ୟ ପ୍ରଯୁକ୍ତିବିଦ୍ୟାର ଗତିକୁ କିଛିଟା ଧୀର କରିବା ଏବଂ ସ୍ୱାଧୀନ ବିଶେଷଜ୍ଞଙ୍କ ଦ୍ୱାରା ନିଜ ନିଜ ସିଷ୍ଟମର ସୁରକ୍ଷା ଅଡିଟ୍ କରିବାକୁ ପ୍ରସ୍ତାବ ଦେଇଛନ୍ତି।

ଏହି ସମ୍ବେଦନଶୀଳ ଓ ଗମ୍ଭୀର ପରିସ୍ଥିତିକୁ ଦୃଷ୍ଟିରେ ରଖି ଏବେ ନିୟନ୍ତ୍ରିତ ବ୍ୟବହାର ଏବଂ ସୁଦୃଢ଼ ଅନ୍ତର୍ଜାତୀୟ ନିୟମାବଳୀର ଗୁରୁତ୍ୱ ବହୁଗୁଣିତ ହୋଇଛି। ବିଶ୍ୱର ବିଭିନ୍ନ ପ୍ରମୁଖ ଗଣତାନ୍ତ୍ରିକ ରାଷ୍ଟ୍ରଗୁଡ଼ିକରେ ଏବେ ଏହି ସୁରକ୍ଷା ଆଇନ ସମ୍ପର୍କରେ ବ୍ୟାପକ ଚର୍ଚ୍ଚା ଚାଲିଛି। ଆମେରିକାର ସଂସଦରେ ବିଚାରାଧୀନ ଥିବା ବିଭିନ୍ନ ସୁରକ୍ଷା ବିଲ୍ ଏବଂ ୟୁରୋପୀୟ ସଂଘର କଠୋର ଆଇନଗତ ପ୍ରକ୍ରିୟା ମାଧ୍ୟମରେ ପ୍ରତିଟି ଶକ୍ତିଶାଳୀ ମଡେଲ ପାଇଁ ବାଧ୍ୟତାମୂଳକ ତୃତୀୟ-ପକ୍ଷ ସୁରକ୍ଷା ଅଡିଟ୍ ନିୟମ କରାଯାଉଛି। ଜରୁରୀକାଳୀନ ଭିତ୍ତିଭୂମି, ଜାତୀୟ ପ୍ରତିରକ୍ଷା ଏବଂ ସ୍ୱାସ୍ଥ୍ୟସେବା ଭଳି ସମ୍ବେଦନଶୀଳ କ୍ଷେତ୍ରରେ କମ୍ପ୍ୟୁଟରକୁ ସ୍ୱାଧୀନ ନିଷ୍ପତ୍ତି ନେବାର ସମ୍ପୂର୍ଣ୍ଣ ଅଧିକାର ନଦେଇ ପ୍ରତ୍ୟେକସ୍ତରରେ ମାନବୀୟ ନିରୀକ୍ଷଣ ବା ମାନବନିୟନ୍ତ୍ରିତ ପ୍ରକ୍ରିୟା ମାଧ୍ୟମରେ ଚୂଡ଼ାନ୍ତ ନିଷ୍ପତ୍ତି ମଣିଷ ହାତରେ ରଖିବା ବାଧ୍ୟତାମୂଳକ କରାଯାଉଛି। କିନ୍ତୁ କେବଳ ଗୋଟିଏ କିମ୍ବା ଦୁଇଟି ଦେଶ ଆଇନ ତିଆରି କଲେ ଏହି ବିଶ୍ୱବ୍ୟାପୀ ସଙ୍କଟର ସମାଧାନ ହୋଇପାରିବ ନାହିଁ। ମିଳିତ ଜାତିସଂଘସ୍ତରରେ ପରମାଣୁ ଅପ୍ରସାରଣ ସନ୍ଧି ଭଳି କୃତ୍ରିମ ବୁଦ୍ଧିମତ୍ତା ପାଇଁ ମଧ୍ୟ ଏକ ବିଶ୍ୱସ୍ତରୀୟ ନିୟାମକ ବୋର୍ଡ ଗଠନ କରିବାର ଆବଶ୍ୟକତା ଜରୁରୀ ହୋଇପଡ଼ିଛି, ଯାହା ସମଗ୍ର ପୃଥିବୀରେ ସମାନ ସୁରକ୍ଷା ମାନଦଣ୍ଡ ଲାଗୁ କରିପାରିବ।

ସମ୍ବଲପୁର, ମୋ: ୯ ୯୩୭ ୯୧୫୬୯୬

# ଡବଲ ଇଞ୍ଜିନର ଗତି ଓ ଦିଗ

ଶ୍ରୀଧର ବେହେରା

ଓଡ଼ିଶାର ପବିତ୍ର ମାଟିରେ ଆଜି ଯେଉଁ ଡବଲ ଇଞ୍ଜିନ ସରକାରର ଜୟଗାନ ଚାରିଆଡେ ଶୁଭୁଛି, ତାହାର ଅନ୍ତରାଳରେ ଲୁଚି ରହିଥିବା ସତ୍ୟ ଅତ୍ୟନ୍ତ ଭୟାବହ ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ବିପଜ୍ଜନକ। ଯେଉଁ ମନୋଲୋଭା ପ୍ରତିଶ୍ରୁତି ଦିଆଯାଇଥିଲା ଯେ କେନ୍ଦ୍ରରେ ଓ ରାଜ୍ୟରେ ଏକ ହିଁ ଦଳର ଶାସନ ପ୍ରତିଷ୍ଠା ହେଲେ ବିକାଶର ଅମୃତ ଧାରା ବୋହିବ, ତାହା ଆଜି ସମ୍ପୂର୍ଣ୍ଣ ମୃଗତୃଷ୍ଣାରେ ପରିଣତ ହୋଇଛି। ଏହି ଡବଲ ଇଞ୍ଜିନ ପ୍ରକୃତରେ ଓଡ଼ିଶାର ସାଢ଼େ ଚାରିକୋଟି ଜନତାଙ୍କ ଆଶା ଓ ଆକାଂକ୍ଷା ଉପରେ କୁଠାରାଘାତ ସଦୃଶ। ଏହା କେବଳ ଏକ ରାଜନୈତିକ ନାରା ନୁହେଁ, ଏହା ହେଉଛି ସମ୍ବିଧାନ ପ୍ରଦତ୍ତ ସଂଘୀୟ ବ୍ୟବସ୍ଥାକୁ ସମାପ୍ତ କରି ଏକଚ୍ଛତ୍ର ଶାସନ ଲଦି ଦେବାର ସୁଚତୁର ପ୍ରୟାସ।

ଭାରତ ବର୍ଷର ସମ୍ବିଧାନ ଯେଉଁ ବିକେନ୍ଦ୍ରୀକରଣର ପରିକଳ୍ପନା କରିଥିଲା, ସେଥିରେ ରାଜ୍ୟମାନେ ନିଜ ଆଞ୍ଚଳିକ ସମସ୍ୟା ଓ ସ୍ୱତନ୍ତ୍ର ଆବଶ୍ୟକତା ଅନୁସାରେ ନିଷ୍ପତ୍ତି ନେଇପାରିବେ। ଡବଲ ଇଞ୍ଜିନର ଧାରଣା ସେହି ବ୍ୟବସ୍ଥାକୁ ଦୁର୍ବଳ କରୁଛି। ଆଜି ଭୁବନେଶ୍ୱରର ସଚିବାଳୟ ଦିଲ୍ଲୀର ନିର୍ଦ୍ଦେଶ ବିନା ଏକ ପତ୍ର ମଧ୍ୟ ଗଡ଼ାଇ ପାରୁନାହିଁ। ଓଡ଼ିଶାର ସ୍ୱାର୍ଥ ପାଇଁ ଦିଲ୍ଲୀ ଦରବାରରେ ଦୃଢ଼ ସ୍ୱରରେ କଥା କହିବାକୁ ସାହସ କାହାରି ନାହିଁ। କାରଣ ଦଳୀୟ ଅନୁଶାସନ ନାମରେ ସେମାନଙ୍କ କଣ୍ଠରୁଦ୍ଧ କରାଯାଇଛି। ଯେଉଁ ଓଡ଼ିଶା ମହାନ ସ୍ୱାଭିମାନର ପ୍ରତୀକ, ଯେଉଁ ଓଡ଼ିଶା କଳିଙ୍ଗର ଗୌରବ ଗାଥା ବହନ କରେ, ସେହି ଓଡ଼ିଶାକୁ ଆଜି ଏକ ଆଜ୍ଞାବହ ରାଜ୍ୟରେ ପରିଣତ କରିଦିଆଯାଇଛି।

ବିକାଶର ପ୍ରକୃତ ଚିତ୍ର ଦେଖିଲେ ହୃଦୟ ବିଦାରି ହୋଇଯାଏ। ଡବଲ ଇଞ୍ଜିନ ଆସିବା ପରେ କୁହାଯାଇଥିଲା ଶିଳ୍ପ ଆସିବ, ନିଯୁକ୍ତି ବଢ଼ିବ। କିନ୍ତୁ ବାସ୍ତବରେ ଓଡ଼ିଶାର ଯୁବକମାନେ ଆଜି ବି ଦାଦନ ଖଟିବାକୁ ବାହାର ରାଜ୍ୟକୁ ପଳାୟନ କରୁଛନ୍ତି। ସରକାରୀ ଚାକିରି ପଦବୀ ଖାଲି ପଡ଼ିଛି। ନିଯୁକ୍ତି ପରୀକ୍ଷାରେ ଦୁର୍ନୀତି ଓ ପ୍ରଶ୍ନପତ୍ର ପ୍ରଘଟର ଅଭିଯୋଗ ନିତ୍ୟନୈମିତ୍ତିକ ଘଟଣା ହୋଇଛି। ଚାଷୀର ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ଧାନର ସହାୟକ ମୂଲ୍ୟ ନାମମାତ୍ର ବୃଦ୍ଧି ହେଉଛି। ସାର, ବିହନ, ଡିଜେଲର ଦାମ ତିନି ଗୁଣ ବଢ଼ିଛି। ମଣ୍ଡିରେ ଧାନ ବିକ୍ରି ନ ହୋଇ ଚାଷୀ ଆଖିରୁ ଲୁହ ଝରାଉଛି। ମହିଳା ସଶକ୍ତୀକରଣ କଥା କୁହାଯାଉଛି। କିନ୍ତୁ ଗାଁ ଗାଁରେ ମା'ମାନେ ମହଙ୍ଗା ମାଡ଼ରେ ସଂସାର ଚଳାଇ ପାରୁନାହାନ୍ତି। ରୋଷେଇ ଗ୍ୟାସ ହଜାର ଟଙ୍କା ପାର କରିଛି। ପରିବାପତ୍ରର ଦାମ ଆକାଶଛୁଆଁ।

ଏହି ଡବଲ ଇଞ୍ଜିନ ସରକାରର ଗୋଟିଏ ଇଞ୍ଜିନ କେବଳ କର୍ପୋରେଟ ଜଗତର ସ୍ୱାର୍ଥରକ୍ଷାରେ ବ୍ୟସ୍ତ। ଓଡ଼ିଶାର ଜଳ, ଜଙ୍ଗଲ, ଜମି ଓ ଖଣିଜ ସମ୍ପଦ ଅତି ଶସ୍ତାରେ ଶିଳ୍ପପତି ବନ୍ଧୁମାନଙ୍କୁ ଟେକି ଦିଆଯାଉଛି। ପାରାଦୀପଠାରୁ ଆରମ୍ଭ କରି କଳିଙ୍ଗନଗର ପର୍ଯ୍ୟନ୍ତ ଆଦିବାସୀଙ୍କୁ ବିସ୍ଥାପିତ କରାଯାଇ ତାଙ୍କ ଜମି କମ୍ପାନୀକୁ ଦିଆଯାଉଛି। କିନ୍ତୁ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ମିଳୁନାହିଁ। ଅନ୍ୟ ଇଞ୍ଜିନଟି ସାଧାରଣ ଜନତାଙ୍କ ଉପରେ କର ଲଦୁଛି। ଜିଏସ୍‌ଟି ବ୍ୟବସ୍ଥା ଛୋଟ ବ୍ୟବସାୟୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। କ୍ଷୀର, ଦହି, ଚୁଡ଼ା, ମୁଢ଼ି ପରି ଅତି ସାଧାରଣ ଜିନିଷ ଉପରେ ମଧ୍ୟ କର ବସାଯାଇଛି। କେନ୍ଦ୍ର ସରକାର ଓଡ଼ିଶାର ଖଣିରୁ ହଜାର ହଜାର କୋଟି ଟଙ୍କାର ରୟାଲିଟି ଓ ରାଜସ୍ୱ ନେଇଯାଉଛି। କିନ୍ତୁ ଓଡ଼ିଶାର ନ୍ୟାଯ୍ୟ ଦାବି ଯେପରି ବିଶେଷ ରାଜ୍ୟ ପାହ୍ୟା, ପୋଲାଭରମ ପ୍ରକଳ୍ପର କ୍ଷତିପୂରଣ, କୋଇଲା ରୟାଲିଟି ବୃଦ୍ଧି ଆଦିକୁ ଅଣଦେଖା କରାଯାଉଛି। ଡବଲ ଇଞ୍ଜିନରେ ଦୁଇଟି ଇଞ୍ଜିନ ପରସ୍ପରକୁ ସାହାଯ୍ୟ କରିବା କଥା। କିନ୍ତୁ ଏଠି ଦିଲ୍ଲୀ ଇଞ୍ଜିନ ଓଡ଼ିଶା ଇଞ୍ଜିନକୁ ନିଜ ଆଡ଼କୁ ଟାଣୁଛି। ଓଡ଼ିଶାର ବଗିଗୁଡ଼ିକ ଦିଲ୍ଲୀଆଡ଼କୁ ଚାଲିଯାଉଛି।

ଏହି ଶାସନରେ ଗଣତନ୍ତ୍ର ବିପନ୍ନ। ଯେ କେହି ପ୍ରଶ୍ନ କରିବ ତା'ପଛରେ ଇଡି, ସିବିଆଇ, ଆୟକର ବିଭାଗ ଲଗାଇ ଦିଆଯାଉଛି। ସାମ୍ବାଦିକମାନଙ୍କୁ ଧମକାଯାଉଛି। ବିଶ୍ୱବିଦ୍ୟାଳୟରେ ଛାତ୍ରମାନଙ୍କ ସ୍ୱରକୁ ଦବାଇ ଦିଆଯାଉଛି। ସାମାଜିକ ସମ୍ପ୍ରୀତି ନଷ୍ଟ ହେଉଛି। ଓଡ଼ିଶା ଯେଉଁ ସହାବସ୍ଥାନ ଓ ସର୍ବଧର୍ମ ସମଭାବର ପୀଠ, ଏଠାରେ ବିଭାଜନର ବିଷ ବୁଣାଯାଉଛି। ଲୋକଙ୍କୁ ହିନ୍ଦୁ-ମୁସଲମାନ, ଉଚ୍ଚ-ନୀଚ ଭେଦରେ ବାଣ୍ଟି ମୂଳ ସମସ୍ୟାରୁ ଦୃଷ୍ଟି ହଟାଇ ଦିଆଯାଉଛି। ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ଘରୋଇକରଣ ଆଡ଼କୁ ଠେଲି ଦିଆଯାଉଛି। ଗରିବ ଲୋକ ପାଠ ପଢ଼ି ପାରିବ ନାହିଁ। ଚିକିତ୍ସା ପାଇ ପାରିବ ନାହିଁ।

ଏଠାରେ ଡବଲ ଇଞ୍ଜିନର ଅର୍ଥ ହେଲା ଡବଲ ବୋଝ, ଡବଲ ମହଙ୍ଗା, ଡବଲ ଅତ୍ୟାଚାର। ଗୋଟିଏ ଇଞ୍ଜିନ ଯଦି ବିଫଳ ହୁଏ, ଟ୍ରେନ ଧୀରେ ଚାଲିବ। କିନ୍ତୁ ଦୁଇଟି ଇଞ୍ଜିନ ବିପରୀତ ଦିଗରେ ଟାଣିଲେ ଟ୍ରେନ ମଝିରେ ଛିଡ଼ି ଯାଏ। ଆଜି ଓଡ଼ିଶାର ଅବସ୍ଥା ସେହିପରି। ତେଣୁ ଓଡ଼ିଶାବାସୀଙ୍କୁ ଏହି ଛଳନାରୁ ମୁକ୍ତ ହେବାକୁ ପଡ଼ିବ। ଓଡ଼ିଶାକୁ ଡବଲ ଇଞ୍ଜିନ ନୁହେଁ, ଓଡ଼ିଆ ଇଞ୍ଜିନ ଦରକାର, ଯାହା ଓଡ଼ିଶାର ମାଟିରୁ ବାହାରିବ, ଓଡ଼ିଆ ଲୋକଙ୍କ ଭାଷା କହିବ, ଓଡ଼ିଶାର ସ୍ୱାର୍ଥ ପାଇଁ ଲଢ଼ିବ।

ଗୌରାଙ୍ଗପାଟଣା(ଗଞ୍ଜାମ)
ମୋ: ୯୩୯୧୫୯୪୭୯୭

# ରୋଷେଇ ଓ ସ୍ମୃତିହୀନତା ହ୍ରାସ

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ବର୍ତ୍ତମାନ ଦୁନିଆରେ ପ୍ରାୟ ଏକ-ତୃତୀୟାଂଶ ବୟସ୍କ(୬୫ ବର୍ଷରୁ ଅଧିକ) ଅଜ୍ଞେବହୁତ ସ୍ମୃତିହୀନତାର ଶିକାର ଅଟନ୍ତି। ଏହାର ପ୍ରଭାବ ହ୍ରାସ ଲାଗି କରାଯାଉଛି ନାନାପ୍ରକାର ଶାରୀରିକ, ମାନସିକ ବ୍ୟାୟମ ସମେତ ଯୋଗ, ତପଜପ, ଯାଗଯଜ୍ଞ ଇତ୍ୟାଦି। ହେଲେ ରୋଷେଇ ଭଳି ଏକ ସାଧାରଣ କାମ ଏହି ସମସ୍ୟା ଦୂର କରିପାରେ ବୋଲି ବିଶ୍ୱାସ କରିବା ସହଜ ହୁଏ ନାହିଁ। ଯଦିଓ ନିକଟରେ ଜାପାନର ଟୋକିଓ ସ୍ଥିତ 'ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନସ୍'ର ବୈଜ୍ଞାନିକମାନେ ଏହାର ସୂଚନା ପାଇଛନ୍ତି। ସେମାନେ 'ଦ ଜର୍ଣ୍ଣାଲ୍ ଅଫ୍ ଏପିଡେମିଲୋଜି ଆଣ୍ଡ କମ୍ୟୁନିଟି ହେଲଥ୍'ରେ ସୂଚୀତ କରିଛନ୍ତି ଯେ ରୋଷେଇଘର ସ୍ମୃତିଶକ୍ତି ହ୍ରାସକୁ ପ୍ରତିହତ କରେ ଏବଂ ମସ୍ତିଷ୍କର ସାମର୍ଥ୍ୟ ବଢ଼ାଏ।

ଗବେଷକମାନେ ସେମାନଙ୍କ ପରୀକ୍ଷାରେ ୬୫ ବର୍ଷରୁ ଉର୍ଦ୍ଧ୍ୱ ୧୦, ୯୭୮ ଜଣ ଲୋକଙ୍କ ଜୀବନଧାରା ଦୀର୍ଘ ୬ ବର୍ଷ ଧରି ଅଧ୍ୟୟନ କରିଥିଲେ। ଏହାକୁ 'ଜାପାନ ଜେରେଣ୍ଟୋଲୋଜିକାଲ୍ ଇଭାଲ୍ୟୁଏସନ ଷ୍ଟଡି' ରୂପେ ନାମିତ କରିଥିଲେ। ଏମାନଙ୍କ ମଧ୍ୟରୁ ୨,୧୯୫ ଜଣ କିଛି ନା କିଛି ମାତ୍ରାରେ ସ୍ମୃତିହୀନତାର ଶିକାର ହୋଇଥିଲେ। ତେବେ ସପ୍ତାହକୁ ଅନ୍ତତଃ ଥରେ ଲେଖାଏଁ ରୋଷେଇ କଲା ପରେ ତାହା ପୁରୁଷମାନଙ୍କଠାରେ ୨୩% ଏବଂ ମହିଳାମାନଙ୍କଠାରେ ୨୭% ହ୍ରାସ ପାଇବାର ଦେଖାଗଲା। ଅନ୍ୟପକ୍ଷରେ ଯେଉଁମାନେ ଏକାର୍ଯ୍ୟରେ ଧୂରନ୍ଧର ନ ଥିଲେ ଏବଂ ନୂଆ ନୂଆ ରୋଷେଇ କରୁଥିଲେ ସେମାନଙ୍କଠାରେ ଏହା ଥିଲା ଅଧିକ ଫଳପ୍ରଦ। ସେମାନଙ୍କ ସ୍ମୃତିହୀନତା ୬୭% ପର୍ଯ୍ୟନ୍ତ କମିବାର ଦେଖାଗଲା। ଏହାବ୍ୟତୀତ ସପ୍ତାହକୁ ୫ ଥର ବା ତତୋଧିକ ଥର ରୋଷେଇ କରିବା ମସ୍ତିଷ୍କକୁ ସୁସ୍ଥ ଓ ସୁଦୃଢ଼ କରିବା ଏବଂ ସ୍ମୃତି ଶକ୍ତି ବୃଦ୍ଧି କରିବାର ଜଣାପଡ଼ିଲା।

ଉପରୋକ୍ତ ଗବେଷକମାନେ କହନ୍ତିଯେ ସେମାନେ ଏ ଅଧ୍ୟୟନ ଆରମ୍ଭ କରିବାର କାରଣ ହେଲା ୨୦୨୦ ମସିହାରେ ଆମେରିକାର 'ଲନ୍ସେଟ୍ କମିଶନ ରିପୋର୍ଟ'ରେ ସୂଚୀତ କରାଯାଇଥିଲା ଯେ ଖାଦ୍ୟ, ଶାରୀରିକ ଶ୍ରମ ଆଦି ଜୀବନଚର୍ଯ୍ୟା ପରିବର୍ତ୍ତନ କଲେ ସ୍ମୃତିହୀନତା ପ୍ରାୟ ୪୦ ଶତାଂଶ କମ କରିହେବ। ତାହା ପ୍ରମାଣ କରିବା ଲାଗି ଟୋକିଓସ୍ଥିତ 'ଇଷ୍ଟିଚ୍ୟୁଟ ଅଫ୍ ସାଇନସ୍'ର ଜନସ୍ୱାସ୍ଥ୍ୟ ବିଭାଗର ପ୍ରଫେସର ୟୁକାକା ତାନି ଏବଂ ତାଙ୍କ ସହଯୋଗୀମାନେ ମନ ବଳାଇଥିଲେ। ରୋଷେଇର ମସ୍ତିଷ୍କ ଓ ସ୍ମୃତିଶକ୍ତି ଉପରେ ପ୍ରଭାବ ନିମ୍ନୋକ୍ତ କୋଡୋଟି ହୋଇପାରେ ବୋଲି ଡକ୍ଟର ତାନିଙ୍କ ମତ -

(୧) ରୋଷେଇ ଏକସଙ୍ଗରେ ଯୋଜନା, ସ୍ମୃତି, ଧ୍ୟାନ ଦେବା, ସମସ୍ୟା ସମାଧାନ ଏବଂ ହଠାତ୍ ବହୁବିଧ କାର୍ଯ୍ୟ କରିବା ଦରକାର କରେ। ନୂତନ ବା କମ ଦକ୍ଷ ରୋଷେଇଆ କ୍ଷେତ୍ରରେ ପ୍ରଭାବ ଅଧିକ ଶକ୍ତିଶାଳୀ ହେବାର କାରଣ ହେଲା ଯେ ଏଥିପାଇଁ ତାଙ୍କୁ ଅଧିକ ଶ୍ରମ ଓ ଚିନ୍ତା କରିବାକୁ ପଡ଼ିଥାଏ।

(୨) ଖାଦ୍ୟ ପ୍ରସ୍ତୁତ କରିବା ପାଇଁ ଶାରୀରିକ ଶ୍ରମ ଦରକାର। କାରଣ, ଏଥିଲାଗି ବଜାର ସଉଦା କରିବାକୁ ହୁଏ। ପରିବା ପତ୍ର ଠିକ ରୂପେ କାଟି ରନ୍ଧନ ପାତ୍ରରେ ଦେବାକୁ ହୁଏ। ଅଧିକ ସମୟ ଧରି ସେଥିପ୍ରତି ଧ୍ୟାନ ଦେଇ ଠିଆ ହେବାକୁ ପଡ଼େ। ତାହା ମସ୍ତିଷ୍କ ସମେତ ସମଗ୍ର ଦେହକୁ କ୍ରିୟାଶୀଳ ରଖେ।

(୩) ଅନେକ ସମୟରେ ରୋଷେଇରୁ ନିର୍ଗତ ବାସ୍ନା ମସ୍ତିଷ୍କକୁ ସକ୍ରିୟ କରେ। ତେବେ ଏହି ବୈଜ୍ଞାନିକମାନେ ସ୍ୱୀକାର କରନ୍ତି ଯେ ରୋଷେଇ ସ୍ମୃତିହୀନତା ହ୍ରାସ କରେ ବୋଲି ଏହାକୁ ଏକ ପ୍ରତିଷ୍ଠିତ ପ୍ରମାଣ ରୂପେ ଗ୍ରହଣ କରାଯାଇ ପାରିବ ନାହିଁ। ସେଥିପାଇଁ ଅଧିକ ଅଧ୍ୟୟନ ଲୋଡ଼ା ଏବଂ ଏହା ମୂଳରେ ଯଦି ଆଉକିଛି ବିଶେଷ କାରଣ ଥାଏ ତାହାର କ୍ରିୟାବିଧି ମଧ୍ୟ ନିର୍ଦ୍ଧାରଣ କରିବା ଦରକାର।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯ ୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ବହୁ ଚର୍ଚ୍ଚିତ ଷ୍ଟ୍ରିଟ୍ ଲାଇଟ୍ ଦୁର୍ନୀତି ମାମଲା**

## ବିଦ୍ୟୁତ୍ ବିଭାଗର ୩ ଯନ୍ତ୍ରୀଙ୍କ ଆତ୍ମସମର୍ପଣ

କେନ୍ଦୁଝର,୨୮ ।୯ (ସମିସ): କେନ୍ଦୁଝରର ବହୁ ଚର୍ଚ୍ଚିତ ଷ୍ଟ୍ରିଟ୍‌ଲାଇଟ୍ ଦୁର୍ନୀତି ମାମଲାରେ ନୂଆ ମୋଡ଼ ଆସିଛି। ବିଦ୍ୟୁତ୍ ବିଭାଗର ୩ ଯନ୍ତ୍ରୀ କେନ୍ଦୁଝରର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ପାଇବା ପରେ କେନ୍ଦୁଝର କୋର୍ଟରେ ସେମାନେ ଆତ୍ମସମର୍ପଣ କରିଛନ୍ତି। ୩ ଯନ୍ତ୍ରୀ ହେଲେ ମନୋରଞ୍ଜନ ଜେନା, ଚିତ୍ତରଞ୍ଜନ ମିଶ୍ର, ମୀନକେତନ ସାମଲ। ପ୍ରକାଶ ଥାଉକି ଏହି ବହୁ ଚର୍ଚ୍ଚିତ ଷ୍ଟ୍ରିଟ୍ ଲାଇଟ୍ ଦୁର୍ନୀତି ମାମଲା ପାଞ୍ଚଟି ଜିଲ୍ଲାରେ ବ୍ୟାପିଥିଲା। ପୂର୍ବରୁ କଣ୍ଟ୍ରାକ୍ଟର ବିଭୁତିଭୂଷଣ ବିଶ୍ୱାଳ ଜେଲଯାଇ ବେଲ୍ ପାଇ ସାରିଛନ୍ତି। ମାମଲାଟି ଭିଜିଲାନ୍ସ ବିଭାଗ ତଦନ୍ତ ପରିସରକୁ ନେଇ ବିଭିନ୍ନ ଜାଗାରେ ଚଢ଼ଉ ଏବଂ ମାମଲା ରୁଜୁ କରିଥିଲା।

# ଆଜି ଇଣ୍ଡିଆ ମେଣ୍ଟର 'ପରିବର୍ତ୍ତନ ରାଲି'

## କଂଗ୍ରେସ ଭୟରେ ବିଧାନସଭା ବନ୍ଦ: ଭକ୍ତ

ଭୁବନେଶ୍ୱର,୨୮ ।୯ (ସମିସ): ଏମଏମଡିଆର ସଂଶୋଧିତ ଅଧିନିୟମ ରଦ୍ଦ ଦାବିରେ କଂଗ୍ରେସ ନେତୃତ୍ୱରେ ଇଣ୍ଡିଆ ବ୍ଲକ୍‌ର ସମସ୍ତ ସହଯୋଗୀ ଦଳମାନେ ୨୯ ତାରିଖ ମଙ୍ଗଳବାର ବିଧାନସଭା ଘେରାଉ କରିବେ ବୋଲି ଘୋଷଣା କରିଥିଲେ। ଏହାକୁ ଭଣ୍ଡୁର କରିବା ପାଇଁ ରାଜ୍ୟର ବିଜେପି ସରକାର ସୋମବାର ରାତିରେ ବିଧାନସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଛନ୍ତି। ତେବେ ସରକାର ଯଦି ଭାବୁଥା'ନ୍ତି ଏହାଦ୍ୱାରା ଡବଲ-ଇଂଜିନ ସରକାର ରକ୍ଷା ପାଇଯିବେ ତାହା ବଡ଼ ଭୁଲ ହେବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ରାଜ୍ୟର କୋଣ ଅନୁକୋଣରୁ ହଜାରହଜାର ସଂଖ୍ୟାରେ ନେତା ଓ କର୍ମୀ ଭୁବନେଶ୍ୱର ଆସି ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ "ପରିବର୍ତ୍ତନ ରାଲି'ରେ ଭାଗ ନେଇ ଏମଏମଡିଆର ସଂଶୋଧନ ପ୍ରତ୍ୟାହାର, ସିଇସି ଜ୍ଞାନେଶ କୁମାରଙ୍କ ବହିଷ୍କାର ଓ ଗିରଫଦାରି ସହ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରିବେ ଓ ଲୋୟର ପିଏମ୍‌ଜିଠାରେ ଥିବା ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିବେ ବୋଲି ଶ୍ରୀ ଦାସ କହିଛନ୍ତି। ଓଡ଼ିଶାର ଖଣିଜ ସମ୍ପଦ, ରାଜ୍ୟର ଅଧିକାର ଓ ସଂଘୀୟବ୍ୟବସ୍ଥାର ସୁରକ୍ଷା ସହିତ ଆଦିବାସୀ, ଖଣି ଶ୍ରମିକ ଓ ସ୍ଥାନୀୟ ଲୋକଙ୍କ ଜୀବିକାର ସୁରକ୍ଷା ଦାବିରେ ୨୯ ସେପ୍ଟେମ୍ବରରେ ଦିନ ୧୧ଘଣ୍ଟାରେ ବିଧାନସଭା ସମ୍ମୁଖରେ ଇଣ୍ଡିଆ ବ୍ଲକ ପକ୍ଷରୁ ବିଶାଳ ବିକ୍ଷୋଭ ଏବଂ ବିଧାନସଭା ଘେରାଉ ଅନୁଷ୍ଠିତ ହେବ। ଏହି ଆଇନକୁ ସମ୍ପୂର୍ଣ୍ଣ ରଦ୍ଦ କରିବା, ରାଜ୍ୟର ଖଣିଜ ଅଧିକାର ଓ ଆର୍ଥିକ ସ୍ୱାୟତ୍ତତା ସୁରକ୍ଷା କରିବା ଏବଂ ଓଡ଼ିଶାର ଖଣିଜ ସମ୍ପଦକୁ କର୍ପୋରେଟ୍ ଲୁଟ୍‌ରୁ ରକ୍ଷା କରିବା ଆନ୍ଦୋଳନର ପ୍ରମୁଖ ଦାବି ରଖିବାକୁ ଇଣ୍ଡିଆ ବ୍ଲକ ନିଷ୍ପତ୍ତି ନେଇଛି ବୋଲି ଭକ୍ତ କହିଛନ୍ତି ।

## ଅବଶିଷ୍ଟାଂଶ

### ଫେରାଅ ଆମ...

ଆଇନକୁ ବିରୋଧ କରି ପ୍ରସ୍ତାବ ପାଇଁ ପୁଣି ଚିଠି ଲେଖିଲି। ତାହାର ବି ଉତ୍ତର ନାହିଁ। ନାହିଁ ନାହିଁର ଏ ସରକାର କେବଳ ବାକ୍ୟବୀର। ଏହି ଆଇନ ପାଇଁ ଓଡ଼ିଶା ହଜାର ହଜାର କୋଟି ଟଙ୍କା କ୍ଷତି ପ୍ରତିବର୍ଷ ସହିବ। ମାଟିଠାରୁ ଦଳ କେବେ ବି ବଡ଼ ହୋଇ ପାରିବ ନାହିଁ; ଚୌକି ଆଜି ଅଛି କାଲି ନଥିବ। କିନ୍ତୁ ଏ ମାଟିକୁ ଧୋକା ଦେଲେ ସବୁ ଦିନ ପାଇଁ ନିନ୍ଦା ମିଳିବ। ଜେନ-ଜି ଆପଣଙ୍କୁ କ୍ଷମା ଦେବେ ନାହିଁ। ଓଡ଼ିଶାବାସୀ କ୍ଷମା ଦେବେନାହିଁ। ଓଡ଼ିଶାର ଅଧିକାର ପାଇଁ ମୋର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ମୁଁ ଲଢ଼ିବି। ସମସ୍ତଙ୍କୁ ମୋର ଅନୁରୋଧ, ସବୁ ଦଳଙ୍କୁ ମୋର ଅନୁରୋଧ ଏ ଲଢ଼େଇରେ ସାମିଲ ହୁଅନ୍ତୁ। ଆସନ୍ତୁ ଏ ମାଟି ପାଇଁ ଏକାଠି ହେବା। ସଂକଳ୍ପ କରିବା। ଏମଏମଡିଆର ସଂଶୋଧନ ଆଇନକୁ ଓଡ଼ିଶାରେ କାର୍ଯ୍ୟକାରୀ କରାଇ ଦେବା ନାହିଁ। ଆମେ ଲଢ଼ିବା ଏବଂ ଆମ ହକ ଫେରାଇ ଆଣିବା ବୋଲି ନବୀନ ହୁଙ୍କାର ଭରିଛନ୍ତି।

### ଏସ୍‌ଆଇଆର୍ ବେଆଇନ...

ଆନ୍ଦୋଳନ କରିଥିଲେ। କଂଗ୍ରେସ ସାଂସଦ ପୱନ ଖେଡ଼ା କହିଛନ୍ତି ଯେ ଦେଶର ବିଭିନ୍ନ ସ୍ଥାନରେ ଏହି ପ୍ରତିବାଦ ଚାଲିଛି। ତାଙ୍କ ଦାବି ଅନୁଯାୟୀ, ଏସ୍‌ଆଇଆର୍ ପ୍ରକ୍ରିୟା ବେଆଇନ ଏବଂ ଫର୍ମ-୬ରେ ପରିବର୍ତ୍ତନ ପାଇଁ ସଂପୃକ୍ତ ନିୟମରେ ସଂସଦ ମାଧ୍ୟମରେ ସଂଶୋଧନ ଆବଶ୍ୟକ। ଏସ୍‌ଆଇଆର୍ ବେଆଇନ ପ୍ରମାଣିତ ହେଲେ ଏହା ଆଧାରରେ ଭୋଟର ତାଲିକାରେ ନାମ ଯୋଡ଼ା କିମ୍ବା ବାଦ ଦେବା ମଧ୍ୟ ବେଆଇନ ହେବ ବୋଲି ସେ ଦାବି କରିଛନ୍ତି। ଏହା ସହ ଜ୍ଞାନେଶ କୁମାରଙ୍କୁ ପଦରୁ ହଟାଇବାକୁ ସେ ଦାବି କରିଛନ୍ତି। ଆନ୍ଧ୍ରପ୍ରଦେଶର ବିଜୟୱାଡ଼ାରେ ମଧ୍ୟ ରାଜ୍ୟ କଂଗ୍ରେସ କମିଟି ଜିଲ୍ଲା ନିର୍ବାଚନ କମିଶନ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଥିଲା। ଭୋଟର ତାଲିକାରେ କଥିତ ଅନିୟମିତତା ନେଇ ଦଳ ଅଭିଯୋଗ କରିବା ସହ ଭୋଟରଙ୍କ ଅଧିକାରର ସୁରକ୍ଷା ଏବଂ ସିଇସିଙ୍କ ଇସ୍ତଫା ଦାବି କରିଥିଲା। ଏହି ଆନ୍ଦୋଳନ ମଧ୍ୟରେ 'ଦ ଇଣ୍ଡିଆନ୍ ଏକ୍ସପ୍ରେସ୍'ର ଏକ ରିପୋର୍ଟ ଚର୍ଚ୍ଚାକୁ ଆସିଛି। ରିପୋର୍ଟ ଅନୁଯାୟୀ, ଗତ ୧୦ ମାସରେ ନିର୍ବାଚନ କମିଶନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ଭୋଟର ତାଲିକା ଏବଂ ଏସ୍‌ଆଇଆର୍ ପ୍ରକ୍ରିୟା ସହ ଜଡ଼ିତ କେତେକ ନିଷ୍ପତ୍ତି ଉପରେ ଅତି କମ୍‌ରେ ୧୪ଟି ଆପତ୍ତି ଉଠାଇଥିଲେ। ତେବେ ନିର୍ବାଚନ କମିଶନ ଏହି ନିଷ୍ପତ୍ତିଗୁଡ଼ିକ ସର୍ବସମ୍ମତିକ୍ରମେ ନିଆଯାଇଥିବା ସ୍ପଷ୍ଟ କରିଛନ୍ତି।

### ଆଇନଗତ ଆଧାର...

କୁହାଯାଇଛି। ଏମ୍‌ଡିଆର୍ ଭାବେ ଆଦାୟ ହେଉଥିବା ଟଙ୍କା କିଏ ରୋଜଗାର କରିବ ଏବଂ ଏହି ଅର୍ଥ କେଉଁ ପ୍ରକ୍ରିୟାରେ ବଣ୍ଟନ ହେବ, ସେ ନେଇ ମଧ୍ୟ କୋର୍ଟ ସ୍ପଷ୍ଟୀକରଣ ମାଗିଛନ୍ତି। ସମ୍ପୃକ୍ତ ପକ୍ଷମାନେ ସତ୍ୟପାଠ ଦାଖଲ କରିବା ପରେ ଏହି ପ୍ରସଙ୍ଗରେ ବିଚାର କରାଯିବ ବୋଲି କୋର୍ଟ ସୂଚାଇଛନ୍ତି। କେନ୍ଦ୍ରର ନୂଆ ନିୟମ ଅନୁଯାୟୀ, ଅକ୍ଟୋବର ୧୫ରୁ ୨୦୦୦ ଟଙ୍କାରୁ ଅଧିକ ମୂଲ୍ୟର ନିର୍ଦ୍ଦିଷ୍ଟ ବ୍ୟବସାୟିକ ୟୁପିଆଇ କାରବାର ଉପରେ ୦.୪ ପ୍ରତିଶତ ଏମ୍‌ଡିଆର୍ ଲାଗୁ ହେବ। ତେବେ ଅଣବ୍ୟବସାୟିକ ଅର୍ଥ ପ୍ରେରଣ ତଥା ୨୦୦୦ ଟଙ୍କା କିମ୍ବା ତା'ଠାରୁ କମ୍ ମୂଲ୍ୟର କାରବାର ଉପରେ ଏହି ଦେୟ ଲାଗୁ ହେବ ନାହିଁ। ପୁଣି ୭୫,୦୦୦ ଟଙ୍କା କିମ୍ବା ତା'ଠାରୁ ଅଧିକ କାରବାର ପାଇଁ ଏମ୍‌ଡିଆର୍‌ର ସର୍ବାଧିକ ସୀମା ୩୦୦ ଟଙ୍କା ରଖାଯାଇଛି। ଅନ୍ୟପକ୍ଷରେ ରେଳବାଇ, ଟେଲିକମ୍, ବୀମା, ଇନ୍ଧନ ଏବଂ କୃଷି ଉପକରଣ ଭଳି ଅତ୍ୟାବଶ୍ୟକ ଓ କମ୍ ଲାଭ ଥିବା କ୍ଷେତ୍ରରେ ୨୦୦୦ ଟଙ୍କାରୁ ଅଧିକ କାରବାର ପାଇଁ ପ୍ରତି କାରବାରରେ ୫ ଟଙ୍କାର ସ୍ଥିର ଏମ୍‌ଡିଆର୍ ଧାର୍ଯ୍ୟ କରାଯାଇଛି। ଆଇନଜୀବୀ ଅଞ୍ଜନ ଦତ୍ତ ଦାଏର କରିଥିବା ଜନସ୍ୱାର୍ଥ ମାମଲାରେ ସେପ୍ଟେମ୍ବର ୧୪ର କେନ୍ଦ୍ରୀୟ ବିଜ୍ଞପ୍ତି ଏବଂ ସେପ୍ଟେମ୍ବର ୧୫ରେ ଘୋଷିତ ଏମ୍‌ଡିଆର୍ ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରାଯାଇଛି। ଏହି ଦେୟ ଲାଗୁ କରିବା ପୂର୍ବରୁ ପର୍ଯ୍ୟାପ୍ତ ଆଇନଗତ ସୁରକ୍ଷା, ସ୍ୱଚ୍ଛତା, ସଚେତନତା ଓ ସାର୍ବଜନୀନ ପରାମର୍ଶ ପ୍ରକ୍ରିୟା ଅନୁସରଣ କରାଯାଇନଥିବା ଆବେଦନରେ ଅଭିଯୋଗ କରାଯାଇଛି। ଆବେଦନକାରୀ ୨୦୦୦ ଟଙ୍କାରୁ ଅଧିକ ୟୁପିଆଇ କାରବାରରେ ଏହି ବ୍ୟବସ୍ଥାକୁ ବାତିଲ କିମ୍ବା ସ୍ଥଗିତ କରିବାକୁ ଦାବି କରିଛନ୍ତି। ବିକଳ୍ପ ଭାବେ ସ୍ପଷ୍ଟ ପରାମର୍ଶ, ବାସ୍ତବ ତଥ୍ୟ ପ୍ରକାଶ, ପ୍ରଭାବୀ ଆକଳନ ଏବଂ କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟ ପାଇଁ ଆବଶ୍ୟକ ଆର୍ଥିକ ସୁରକ୍ଷା ପାଇଁ ଦାବି ହୋଇଛି। ଏହି ନୂତନ ନିଷ୍ପତ୍ତିର ପୁନଃସମୀକ୍ଷା କରିବାକୁ ଆବେଦନରେ ଅନୁରୋଧ କରାଯାଇଛି।

### ମହାନଦୀ ବିବାଦ...

ମୌସୁମୀରେ ମହାନଦୀରେ ପାଣିର ଅଭାବ ରହିବ ନାହିଁ।

ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟଙ୍କ ସୂଚନା ଅନୁସାରେ ଆସନ୍ତା ୧ ତାରିଖରେ ହେବାକୁ ଥିବା ବୈଠକରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଅଧ୍ୟକ୍ଷତା କରିବେ। ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଜଳସମ୍ପଦ ବିଭାଗର ସଚିବ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ରହିବେ। ସେହିପରି କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ, ସିଡବ୍ଲ୍ୟୁସି ଅଧ୍ୟକ୍ଷ ମଧ୍ୟ ଉପସ୍ଥିତ ରହିବେ। ଏଥିରେ ଆପୋଷ ସମାଧାନ ପାଇଁ ବ୍ୟାପକ ଆଲୋଚନା ହେବାକୁ ଥିବାବେଳେ ଖୁବଶୀଘ୍ର ନିଶ୍ଚିତ ଭାବେ ସମାଧାନର ରାସ୍ତା ବାହାରିବ ବୋଲି ଆଡ଼ଭୋକେଟ ଜେନେରାଲ କହିଛନ୍ତି।

ଅନ୍ୟପକ୍ଷରେ ଆଜି ମହାନଦୀ ଜଳ ବିବାଦକୁ ନେଇ ଟ୍ରିବ୍ୟୁନାଲରେ ଶୁଣାଣି ହୋଇଛି। ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ଅନୁଯାୟୀ କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି) ପକ୍ଷରୁ ବୈଷୟିକ କମିଟିର ରିପୋର୍ଟ ଦାଖଲ କରାଯାଇଛି। ଏହି ରିପୋର୍ଟ ଆଧାରରେ ଜଳ ଉପଲବ୍ଧତା, ବ୍ୟବହାର ଓ ଉଭୟ ରାଜ୍ୟର ଆବଶ୍ୟକତା ଆଦି ପ୍ରସଙ୍ଗରେ ଆଗାମୀ ଆଲୋଚନାର ଦିଗ ନିର୍ଦ୍ଧାରଣ ହୋଇପାରେ। ଟ୍ରିବ୍ୟୁନାଲ ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୧୫କୁ ଧାର୍ଯ୍ୟ କରିଛନ୍ତି। ଜୁଲାଇ ୩୦ରେ ନୂଆଦିଲ୍ଲୀରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସିଆର୍ ପାଟିଲଙ୍କ ଅଧ୍ୟକ୍ଷତାରେ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ବୈଠକ ବସିଥିଲା। ଏଥିରେ ମହାନଦୀ ଜଳ ବିବାଦର ଆପୋଷ ସମାଧାନ ଉପରେ ଆଲୋଚନା ହୋଇଥିଲା। ଏହାପରେ ଦୁଇ ରାଜ୍ୟର ବୈଷୟିକ ଟିମ୍ ସିଡବ୍ଲ୍ୟୁସିର ଅଧ୍ୟକ୍ଷତାରେ ଏକାଧିକ ପର୍ଯ୍ୟାୟରେ ବୈଠକ କରିଛନ୍ତି। ସେପ୍ଟେମ୍ବର ୧୭ ଓ ୨୧ ତାରିଖ ପରେ ଆଜି ଅର୍ଥାତ୍ ୨୮ ତାରିଖରେ ସିଡବ୍ଲ୍ୟୁସି ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ମହାନଦୀ ଅବବାହିକାରେ ଜଳର ଉପଲବ୍ଧତା, ବ୍ୟବହାର, ଜଳଭଣ୍ଡାରର କ୍ଷମତା, ଦୁଇ ରାଜ୍ୟର ଭବିଷ୍ୟତ ଜଳ ଆବଶ୍ୟକତା ଓ ଉପରମୁଣ୍ଡରେ ନିର୍ମିତ ବ୍ୟାରେଜ୍‌ର ପ୍ରଭାବ ଆଦି ପ୍ରସଙ୍ଗରେ ତଥ୍ୟ ଯାଞ୍ଚ ହେଉଛି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଏଭଳି ସ୍ଥିତିରେ ଅକ୍ଟୋବର ୧ର ବୈଠକକୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି। ଦୁଇ ରାଜ୍ୟ ମଧ୍ୟରେ ଜଳ ବଣ୍ଟନର କୌଣସି ନିର୍ଦ୍ଦିଷ୍ଟ ଫର୍ମୁଲା ଉପରେ ସହମତି ହେବ କି ନାହିଁ, ତାହା ଉପରେ ନଜର ରହିବ।

### ତଦନ୍ତ ନିର୍ଦ୍ଦେଶ...

ଅଧିକାରୀଙ୍କ ପତ୍ନୀଙ୍କ ନାମରେ ଥିବା ଯୋଗାଣ ସଂସ୍ଥା ଓ ପୁଅ ନାମରେ ଥିବା ମୁଦ୍ରଣ ସଂସ୍ଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ସାମଗ୍ରୀ ଯୋଗାଉଛନ୍ତି। କ୍ଷମତାରେ ଥିବାରୁ ତଞ୍ଚକତା କରି ନିଜ ପରିବାର ସଦସ୍ୟମାନଙ୍କର ବ୍ୟବସାୟକୁ ପ୍ରୋତ୍ସାହିତ କରିଥିବା ଅଭିଯୋଗ ହୋଇଛି। ଅନୁରୂପ ଭାବରେ ନିଜର ଜଣେ ସମ୍ପର୍କୀୟଙ୍କୁ ସେ କଟକ ସରକାରୀ ପ୍ରେସରୁ ଆଣି ସଚିବାଳୟରେ ନିଯୁକ୍ତି ଦେଇଥିବା ମଧ୍ୟ ଅଭିଯୋଗ ହୋଇଛି । ବହି ଛପା ହେବା ପୂର୍ବରୁ ବା ସେହି ସମୟରେ ପ୍ରୁଫ୍ କରେକସନ୍ କରିବା ତାଙ୍କର ଦାୟିତ୍ୱ ଥିଲେ ମଧ୍ୟ, ସେ ଏଥିରେ ଅବହେଳା କରିଥିବା ମଧ୍ୟ ଅଭିଯୋଗ ହୋଇଛି । ମାତ୍ର ଉଭୟ ପ୍ରେସ୍ ଦାୟିତ୍ୱରେ ଥିବା ଏହି ବାବୁ ସଠିକ୍ ଭାବେ କାର୍ଯ୍ୟ ସମ୍ପାଦନ କରି ନାହାନ୍ତି। ଗୋଟିଏ ବିଭାଗର ଅଧିକାରୀ ହୋଇ ଦୁଇଟି ବିଭାଗରେ କାର୍ଯ୍ୟ କରୁଥିବା ଓ ପତ୍ନୀଙ୍କ ନାମରେ ବ୍ୟବସାୟ କରୁଥିବା ସଂକ୍ରାନ୍ତ ଅଭିଯୋଗ ଗୁଡ଼ିକର ତଦନ୍ତ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି ।

### ବୁଡ଼ିଲା ମହାନଦୀ...

ସୂଚନା ଦେଇଛି। ଅନ୍ୟପଟେ ବର୍ତ୍ତମାନ ସୁଦ୍ଧା ବର୍ଷା ଓ ବନ୍ୟା ଜନିତ ସ୍ଥିତି ପାଇଁ କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର କେତେକ ବ୍ଲକ ଏବଂ ବାଲେଶ୍ୱର, ଯାଜପୁର, ଭଦ୍ରକ ଓ ମୟୂରଭଞ୍ଜ ଜିଲ୍ଲାର କେତେକ ଅଞ୍ଚଳ ପ୍ରଭାବିତ ହୋଇଛି। କୋରାପୁଟର ୨ଟି ବ୍ଲକ, ୨୦ଟି ଗ୍ରାମ ପଞ୍ଚାୟତ ଓ ୪୧ଟି ଗ୍ରାମ ପ୍ରଭାବିତ ହୋଇଥିବାବେଳେ ୬,୩୧୫ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ନବରଙ୍ଗପୁରର ୩ଟି ବ୍ଲକ, ୧୩ଟି ଗ୍ରାମ ପଞ୍ଚାୟତ ଓ ୩୧ଟି ଗ୍ରାମ ପ୍ରଭାବିତ ହୋଇଛି। ମୋଟ ୧୬,୮୯୧ ଜଣ ଲୋକ ପ୍ରଭାବିତ ହୋଇଥିବାବେଳେ ବୁଢ଼ାବଳଙ୍ଗ, ବୈତରଣୀ, ସୁବର୍ଣ୍ଣରେଖା ଓ ଜଳକା ନଦୀର ଜଳସ୍ତର ବୃଦ୍ଧି ଯୋଗୁଁ ବାଲେଶ୍ୱର, ଯାଜପୁର, ଭଦ୍ରକ ଓ ମୟୂରଭଞ୍ଜର କେତେକ ଅଞ୍ଚଳ ପ୍ରଭାବିତ ହୋଇଛି। ବାଲେଶ୍ୱରରେ ୫୪୧ଟି ଗ୍ରାମର ୫୦,୪୫୬ ଜଣ ଲୋକ ପ୍ରଭାବିତ ହୋଇଥିବାବେଳେ ୪୯,୫୯୦ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ଯାଜପୁରରେ ୫,୦୫୯ ଜଣ ପ୍ରଭାବିତ ହୋଇଥିବାବେଳେ ୩,୮୭୬ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ଭଦ୍ରକରେ ୧୧,୨୫୧ ଜଣ ପ୍ରଭାବିତ ହୋଇଥିବା ବେଳେ ମୟୂରଭଞ୍ଜରେ ୨,୪୨୫ ଜଣ ପ୍ରଭାବିତ ହୋଇଛନ୍ତି। ପ୍ରଭାବିତ ଅଞ୍ଚଳରେ ମୋଟ ୫୭ଟି ଓଡ୍ରାଫ ଟିମ୍ ଓ ୭ଟି ଏନ୍‌ଡିଆର୍‌ଏଫ ଟିମ୍, ଅର୍ଥାତ୍ ସମୁଦାୟ ୬୪ଟି ଟିମ୍ ଟିମ୍ ମୁତୟନ କରାଯାଇଛି। ଲୋକମାନଙ୍କୁ ପାଣିପାଗର ସ୍ଥିତି ଉପରେ ନଜର ରଖିବା ସହ ବଜ୍ରପାତ ସମୟରେ ସୁରକ୍ଷିତ ଆଶ୍ରୟ ନେବାକୁ ପରାମର୍ଶ ଦିଆଯାଇଛି। ସ୍ଥାନୀୟ ବନ୍ୟା, ରାସ୍ତାରେ ଜଳ ଜମିବା ଏବଂ ସହରାଞ୍ଚଳର ଅଣ୍ଡରପାସ୍ ବନ୍ଦ କରିବା ଆବଶ୍ୟକ ହେଲେ ତୁରନ୍ତ ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନଗୁଡ଼ିକୁ କୁହାଯାଇଛି। କଚ୍ଚା ରାସ୍ତାର ସାମାନ୍ୟ କ୍ଷତି, ଦୁର୍ବଳ ଗଠନର କ୍ଷତି, ଭୂସ୍ଖଳନ ଏବଂ ଜଳମଗ୍ନ ଅଞ୍ଚଳରେ ଉଦ୍ୟାନ କୃଷି ଓ ଠିଆ ଫସଲର କ୍ଷତି ଭଳି ସମ୍ଭାବ୍ୟ ପରିସ୍ଥିତି ପ୍ରତି ମଧ୍ୟ ସତର୍କ ରହିବାକୁ ନିର୍ଦ୍ଦେଶ ରହିଛି।

### ୫ ଦିନରେ...

ନିର୍ଦ୍ଧାରିତ ବିଲ୍‌ଗୁଡ଼ିକ ପାରିତ କରିବାକୁ ସରକାର ନିଷ୍ପତ୍ତି ନେଇଥିଲେ। ତେଣୁ ବିରୋଧୀଙ୍କ ହଟ୍ଟଗୋଳ ସତ୍ତ୍ୱେ ସରକାର ୪ଟି ବିଲ୍ ପାରିତ କରିଥିଲେ। ଓଡ଼ିଶା ରାଜ୍ୟ ବୃତ୍ତି, ବ୍ୟାପାର, ଆଜୀବିକା ଏବଂ ନିୟୋଜନ କର(ନୀରସନ) ବିଲ, ୨୦୨୬ ଏବଂ ଭାରତୀୟ ଷ୍ଟାମ୍ପ(ଓଡ଼ିଶା ସଂଶୋଧନ) ବିଲ, ୨୦୨୬ ପାରିତ ହୋଇଛି। ସେହିପରି ଓଡ଼ିଶା ଜନ ବିଶ୍ୱାସ ବିଲ, ୨୦୨୬ ଓ ଓଡ଼ିଶା ଦ୍ରବ୍ୟ ଓ ସେବା କର(ସଂଶୋଧନ) ବିଲ, ୨୦୨୬ ମଧ୍ୟ ପାରିତ ହୋଇଛି। ବିରୋଧୀଙ୍କ ଦାବି ଅନୁଯାୟୀ ସରକାର ଏମ୍‌ଏମ୍‌ଡିଆର ପ୍ରସଙ୍ଗରେ ଆଲୋଚନା ପାଇଁ ରାଜି ହୋଇ ନ ଥିବାରୁ ଦୁଇ ବିରୋଧୀ ଆଜି କକ୍ଷତ୍ୟାଗ କରିଥିଲେ। ଚଳିତ ଅଧିବେଶନରେ ମୋଟ୍ ୭ ଟି ବିଲ୍ ଆସିଥିବା ବେଳେ ୨ ଟି ଅଧ୍ୟାଦେଶ ଆସିଥିଲା। ଏଥିରୁ ୪ ଟି ବିଲ୍ ପାରିତ ହୋଇଛି। ସେହିପରି ମୋଟ୍ ୯୫୦ ଟି ତାରକା ପ୍ରଶ୍ନ ମଧ୍ୟରୁ ମାତ୍ର ୮ ଟି ପ୍ରଶ୍ନର ଗୃହରେ ରଖାଯାଇଛି। ସେହିପରି ୧୩୯୬ ଟି ଅଣତାରକା ପ୍ରଶ୍ନ ମଧ୍ୟରୁ ୧୯୩୭ଟି ଲିଖିତ ଉତ୍ତର ଦିଆଯାଇଛି। ଗୃହ ଚାଲିଥିବା ମୋଟ୍ ୫ ଦିନରେ ମାତ୍ର ୫ ଘଣ୍ଟା ୧୨ ମିନିଟ୍ ଗୃହ କାର୍ଯ୍ୟ ଚାଲିଥିଲା। ସୋମବାର ସନ୍ଧ୍ୟା ୬ଟା ୫୪ରେ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।


**AFFIDAVIT**

I, P NIKHIL PATRO, S/O - P MOHAN PATRO resident of At - Maitri Bihar, Gandhi Nagar, PO/PS/Dist - Nabararangpur - 764059, Odisha declare by this Affidavit No. 4275, Dated - 28/09/2026, that now onwards I shall be known as **POTNURU NIKHIL PATRO** for all future purposes.

**AFFIDAVIT**

By virtue of an affidavit sworn before the Court of Executive Magistrate, Baripada on dated 24.04.2012 vide Affidavit No. 83, I, Pradeep Kumar Mohapatra, S/o Manmath Chandra Si, residing at Chhancha (Ward No. 25), P.O./P.S. Baripada, Dist: Mayurbhanj, Pin - 757003, do hereby declare that I have rectified/ changed my surname from "Si" (Old) to "Mohapatra" (New). Henceforth, I shall be known and addressed as **Pradeep Kumar Mohapatra** for all official, legal, and general purposes.

Sd/- Pradeep Kumar Mohapatra

34001/895/2627

E-Mail I.D.-eepwdcuttack2@gmail.com
Tel./ Fax No. (0671)-2973399

**OFFICE OF THE SUPERINTENDING ENGINEER**
**KATAKA (R&B) DIVISION NO.II: KATAKA**
**GOVERNMENT OF ODISHA "e" procurement Notice**
**e-procurement Notice for Building work**
**Bid Identification No. S.E. CTC(R&B)-II-14 of 2026-27**

| | | | |
|---|---|---|---|
| 1. | Name of the work | :- | 01 No of Building Work |
| 2. | Estimated Cost | :- | Rs.21,91,000/- |
| 3. | Period of completion | :- | 1(One) calendar Months |
| 4. | Date & time of sale & receipt of bid document | :- | From 29.09.2026 to 5 PM of 12.10.2026 |
| 5. | Last date/ time of receipt of bids | :- | 5 PM of 12.10.2026 |
| 6. | Date & time of Opening of Bids | :- | 11AM of 13.10.2026 |
| 7. | Name and address of the Officer Inviting Bid | :- | Superintending Engineer, Kataka (R&B) Division-II, Kataka |

Further details can be seen from the e-procurement portal http://www.tendersorissa.gov.in. Any addendum/ corrigendum/ cancellation of tender can also be seen in the said website.

Superintending Engineer,
Kataka (R&B) Division No.II

OIPR-34001/34137/1/26-27/0012

**OFFICE OF THE SUPERINTENDING ENGINEER**
**MINORIRRIGATION DIVISION, GANJAM-II, BERHAMPUR.**
**GOVERNMENT OF ODISHA**
**1ST CORRIGENDUM NOTICE**
**TO BID IDENTIFICATION No: GMID-II/04/2026-27**

32001/943/2627

Notice No. 3638 Date: 25.09.2026

It is hereby informed that the date and time for bid submission and bid opening for the above mentioned e-tender has been corrected as per detail given below.

1. Date of availability & receipt of bid document through on Line may be read as from **06.10.2026 at 10.00 AM to 16.10.2026 up to 5.00 PM** instead of from **25.09.2026** at 10.00 AM to 08.10.2026 up to 5.00 PM.
2. Date of opening of bid document may be read as **21.10.2026** at 11.30 AM. Instead of 09.10.2026 at 11.30 AM. For double cover system Financial Bid shall be opened on dated **26.10.2026** instead of 13.10.2026.

All other terms conditions and conditions in Bid will remain unchanged.

Superintending Engineer
M.I. Division, Ganjam-II Berhampur

OIPR-32001/32043/1/26-27/0008

25001/1211/2627

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, DEBAGADA.**
E-mail Id - eerw_deogarh@yahoo.co.in
**E-Procurement Notice**
**BID.IDENTIFICATION NO. SERWDGH-Online- 17 /2026-27**

| | | | |
|---|---|---|---|
| 1. | No. of Building Works | : | (01 Nos) |
| 2. | Estimated Cost | : | Approx. Rs. 39.97 Lakhs |
| 3. | Mode of submission of tender | : | Tender shall be submitted online in www.tendersodisha.gov.in |
| 4. | Availability of tender for online bidding | : | 05.10.2026, 10.00 A.M to 14.10.2026 up to 5.00 P.M |
| 5. | Date and time of opening of tender | : | 15.10.2026, 11.00 A.M |
| 6. | Other details can be seen from the website | : | www.tendersodisha.gov.in |
| 7. | Corrigendum / Addendum if any shall only be published in the above website. | | |

Superintending Engineer
R.W. Division, Debagada

OIPR-25001/25087/1/26-27/0016

25001/1209/2627

Phone: 06842-253708
E-Mail: rw_phulbani@yahoo.co.in

**OFFICE OF THE SUPERINTENDING ENGINEER**
**RURAL WORKS DIVISION, PHULBANI**
**Government of Odisha e-Procurement Notice**
**Bid Identification No. Online Tender/07 /SERWDPLB/2026-27**

Memo No. 9 RWD/PLB. Date: 23.08.2026

| Sl. No. | Particulars | | Details |
|---|---|---|---|
| 1 | Name of the Work | : | Building Works |
| 2 | Estimated Cost | : | Rs.1.69 to 4.20 Lakhs |
| 3 | Period of Completion | : | 02(two)Months as per Annexure |
| 4 | Date & Time of availability of Bid documents in the Portal | : | 1.10.2026 at 10.00 AM to 15.10.2026 upto 5.00 P.M |
| 5 | Last Date/ Time for receipt of Bids in the Portal | : | 14.10.2026 up to 5.00 P.M |
| 6 | Name and address of the Officer Inviting Bid | : | Superintending Engineer, Rural Works Division, Phulbani |

Further details can be seen from the e-procurement portal tendersodisha.gov.in/nicgep/app

Superintending Engineer
Rural Works Division
Phulbani

OIPR-25001/25077/1/26-27/0008

**KATAKA MUNICIPAL CORPORATION**
**"e" PROCUREMENT NOTICE**
**Bid Reference No. MC(KMC)KTC_EL_No.4/2026-27**
**Tender ID : 2026_ORULB_141401**
**Tender Call Notice No. 8657 (PW) Date: 24.09.2026**

13001/1975/2627

| | | |
|---|---|---|
| Name of Works | : | Electrical Works |
| No of Works | : | 02 |
| Bid Value | : | Rs. 7.74 Lakh to Rs. 8.38 Lakh |
| Period of Completion | : | One Calendar Month |
| Date and Time schedule | : | |

| Start | End | Opening |
|---|---|---|
| 12.00 PM on dt. 29.09.2026 | 5.00 PM on dt.09.10.2026 | 11.00 AM on dt. 14.10.2026 |

Tender Details : can be seen from the procurement portal : **www.tendersorissa.gov.in**

OIPR-13001/13031/1/26-27/0066

Executive Engineer, (Electrical)

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ : ବାଲେଶ୍ୱର**
ମାଣିଖମ୍ବ, ଓଟି ରୋଡ଼, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧
ଇମେଲ୍: crld.robalasore@unionbankofindia.bank.in, ମୋ.: ୯୬୬୮୩୭୬୪୧୧

**ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ନିଲାମ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)/୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଜଣାଇଦିଆଯାଉଛିଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି, ଯାହାକୁ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀ **ଗଠନାତ୍ମକ/ସାଙ୍କେତିକ/ଭୌତିକ ଦଖଲ** ନେଇ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି"** ଭିତ୍ତିରେ **୧୩.୧୦.୨୦୨୬ରିଖ** ରେ ବିକ୍ରୟ କରିବା ନିମନ୍ତେ ସ୍ଥିର କରିଛନ୍ତି। ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତା ଓ ଜାମିନ୍‌ଦାରମାନେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ** ଦେବାକୁ ଥିବା ବକେୟା ଦେୟ ନିମ୍ନରେ ପ୍ରଦାନ କରାଗଲା। ସଂରକ୍ଷିତ ମୂଲ୍ୟ ଓ ଅମାନତ ଜମା ମଧ୍ୟ ନିମ୍ନରେ ପ୍ରଦାନ କରାଗଲା।

**ସାହାଡ଼ା ଶାଖା, ଲାଲାଜୀବଜାର, ସାହାଡ଼ା, ଜିଲ୍ଲା: ଭଦ୍ରକ, ମୋ.: ୭୯୦୩୭୧୭୫୭୮, ଇମେଲ: ubin0821349@unionbankofindia.bank**

| ଋଣଗ୍ରହୀତା/ ସହ-ଆବେଦନକାରୀମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| **ଋଣଗ୍ରହୀତା: ଶ୍ରୀ କାର୍ତ୍ତିକ ରଣା,** ପିତା: ସନାତନ ରଣା / **ସହ-ଆବେଦନକାରୀ:** ଶ୍ରୀମତୀ ଜୟଲକ୍ଷ୍ମୀ ରଣା, ସ୍ୱାମୀ: ଶ୍ରୀ କାର୍ତ୍ତିକ ରଣା, ଉଭୟଙ୍କ ଠିକଣା- ସା: ଚକପୁର, ପୋ: ଗୋରାମାଟି, ଭାୟା: ସାବରଙ୍ଗ, ଜିଲ୍ଲା: ଭଦ୍ରକ, ପିନ୍-୭୫୬୧୨୩ | ୨୨.୦୧.୨୦୨୬ ସୁଦ୍ଧା ଟ.୯,୧୬,୬୯୪.୬୯ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ / ଅନ୍ୟାନ୍ୟ ଦେୟ |

**ସମ୍ପତ୍ତି ନଂ.-୧: ଶ୍ରୀମତୀ ଜୟଲକ୍ଷ୍ମୀ ରଣା,** ସ୍ୱାମୀ: ଶ୍ରୀ କାର୍ତ୍ତିକ ରଣାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୧୨୩୭/୨୨୧, ପ୍ଲଟ୍ ନଂ.: ୩୧୪୦/୩୭୯୦, କ୍ଷେତ୍ର: ଏକର୦.୦୫୦ଡିସିମିଲି ଏବଂ ପ୍ଲଟ୍ ନଂ.: ୩୧୪୧/୩୭୯୧, କ୍ଷେତ୍ର: ଏକର୦.୧୩୧ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୧୮୧ଡିସିମିଲି,** ମୌଜା: ଗୋରାମାଟି, ଥାନା/ତହସିଲ/ ଏସ୍‌ଆରଓ: ଭଦ୍ରକ, ଜିଲ୍ଲା: ଭଦ୍ରକ, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ଗ୍ରାମ୍ୟ ରାସ୍ତା, ଦକ୍ଷିଣ: ନିଜସ୍ୱ, ପୂର୍ବ: ପ୍ଲଟ୍ ନଂ. ୩୧୪୧ (ଅଂଶ), ପଶ୍ଚିମ: ମୁରଲୀ ରଣା ଏବଂ ଅନ୍ୟମାନେ
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୩୪,୦୪,୨୫୦.୦୦ / ଅମାନତ ଜମା ରାଶି: ଟ.୩,୪୦,୪୨୫.୦୦ / ବିଡ୍ ବୃଦ୍ଧି ରାଶି: ଟ.୩୪,୦୪୩.୦୦**

**ଇ-ନିଲାମ ତାରିଖ ଏବଂ ସମୟ: ୧୩.୧୦.୨୦୨୬ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ**
(ପ୍ରତ୍ୟେକ ପାଇଁ ଅସୀମିତ ସ୍ୱତଃ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବସାଇଟ୍: **https://baanknet.com**

**ଅମାନତ ରାଶି ଦାଖଲର ଅନ୍ତିମ ତାରିଖ: ଇ-ନିଲାମ ଆରମ୍ଭ ହେବା ପୂର୍ବରୁ**

ପଞ୍ଜୀକରଣ, ଲଗଇନ୍ ଏବଂ ନିଲାମର ନିୟମାବଳୀ ନିମନ୍ତେ ୱେବସାଇଟ୍ : **https://baanknet.com, www.unionbankofindia.bank.in** ଦେଖନ୍ତୁ।

**ସ୍ଥାନ: ବାଲେଶ୍ୱର, ତାରିଖ: ୨୮.୦୯.୨୦୨୬** ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**AFFIDAVIT**

By virtue of an affidavit sworn before the Executive Magistrate, Bhadrak, dtd.18.09.2026, I, MAMATA RANI POTHAL, Village-Korkora, P.O.-Korkora, P.S.-Bhadrak (R), Dist.-Bhadrak hereby declare that my minor daughter name has been changed from NAINASMITA POTHAL to NENA SMITA POTHAL. Henceforth, she shall be known as **NENA SMITA POTHAL** for all purposes.

Sd/- MAMATA RANI POTHAL

**AFFIDAVIT**

By virtue of affidavit sworn before Executive Magistrate Puri, dated 18.09.2026, I, Narayan Sadangi of Harachandi Sahi, Jagannath Lane Po.-Puri, P.S.- Puri Town Dist-Puri PIN-752001 declare that I have changed the name of my son's name from Shibanandi Sarangi to Shibananda Sadangi. Henceforth he shall be known as **Shibananda Sadangi** for all purposes.

Narayan Sadangi

**AFFIDAVIT**

By virtue of an affidavit sworn before The Executive Magistrate, Gania on dated- 28.09.2026. I, SUSILA NAYAK, At-Sikharagochha, Po: Badasilinga, Ps: Gania, Dist- Nayagarh, Odisha, Pin-752085 hereby declare that I have changed my name from SASHULA NAYAK to SUSILA NAYAK. Henceforth, I shall be known as **SUSILA NAYAK** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Gania on dated- 28.09.2026. I, SANKARSAN PRADHAN, At-sikharagochha, Po: Badasiling, Ps: Gania, Dist- Nayagarh, Odisha, Pin-752085 hereby declare that I have changed my name fromSANKAR PRADHAN to SANKARSAN PRADHAN. Henceforth, I shall be known as **SANKARSAN PRADHAN** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Bargarh vide no.649 dtd. 28.9.2026, I, Sanjay Jhankar, S/o- Late Prahallad Jhankar resident of Bandhatalpada, Ward no.-7, Po./Ps./Tah/Dist.-Bargarh, Odisha, Pin- 768028 state that, I have changed my name from **Sanjay Kewat** to **Sanjay Jhankar**. Henceforth I shall be known as **Sanjay Jhankar** for all future purposes.

Sd/- Sanjay Jhankar

**AFFIDAVIT**

By virtue of an affidavit no.2715 before the Executive Magistrate, Darpan, Dhanmandal, dtd. 28.09.2026, I, RAJESH KUMAR NAYAK, S/o- Dhirendra Nayak, resident of Majhipada (Banamalipur), Jajpur, Odisha, do hereby declare that I have changed my name from RAJENDRA SAHOO to RAJESH KUMAR NAYAK. Henceforth, I shall be known as **RAJESH KUMAR NAYAK** for all purposes.

Sd/- RAJESH KUMAR NAYAK

**AFFIDAVIT**

By virtue of an affidavit no.57 before Executive Magistrate, Bhubaneswar, dtd.25.08.2026, I, DEBASISH PATTANAIK, At-Duplex No.32, Plot No.343, Nandan Vihar, Raghunathpur Jali, P.O. Kalarahanga, Bhubaneswar-751024, do hereby declare that Debasish Pattanaik and Debasish Patanaik, S/o Umesh Chandra Pattanaik, are one and the same person. Henceforth, I shall be known as **Debasish Pattanaik** for all purposes.

**AFFIDAVIT**

By virtue of an affidavit before the Executive Magistrate, Dhenkanal, dtd. 28.09.2026, I, RASMITA PATTANAIK, W/o- Firoj Kumar Pattanaik, At- Nimabahali, Dhenkanal, hereby declare that my former name RASHMITA PATTNAYAK has been changed to RASMITA PATTANAIK. I further declare that my correct date of birth is 15.04.1980, whereas it has been wrongly recorded as 01.01.1982 in my Aadhaar Card. Henceforth, I shall be known as **RASMITA PATTANAIK** and my correct date of birth is **15.04.1980** for all purposes.

**AFFIDAVIT**

By virtue of an affidavit before the Executive Magistrate, Dhenkanal, dtd.28.09.2026, I, RASMITA PATTANAIK, W/o- Manoj Kumar Pattanaik, At- Nimabahali, Dhenkanal, Odisha, hereby declare that my former name RASHMITA PATTNAYAK has been changed to RASMITA PATTANAIK. I further declare that my correct date of birth is 16.07.1972, as mentioned in my Educational Certificate, whereas my Aadhaar Card records it as 01.01.1975. Henceforth, I shall be known as **RASMITA PATTANAIK** and my correct date of birth shall be **16.07.1972** for all purposes.

ବଲାଙ୍ଗିରର ବ୍ୟବସାୟୀ ଗୁଣ୍ଡା ସାହୁ ଅପହରଣ ମାମଲା

# ଦୁଇ ଦିନିଆ ରିମାଣ୍ଡରେ ମୁଖ୍ୟ ଅଭିଯୁକ୍ତ କ୍ଷିତୀଶ ସାହୁ

● ଧରା ପଡୁନାହାନ୍ତି ସହଯୋଗୀ, ଚିନ୍ତାରେ ପୁଲିସ

ବଲାଙ୍ଗିର,୨୮ ।୯(ସମିସ): ବଲାଙ୍ଗିରର ଜଣେ ପରିଚିତ ବ୍ୟବସାୟୀ ନରେନ୍ଦ୍ର ସାହୁ ଓରଫ ଗୁଣ୍ଡା ସାହୁ ଅପହରଣ ଘଟଣାରେ ପୁଇଁତଲା ପୁଲିସ ମୁଖ୍ୟ ଅଭିଯୁକ୍ତ କ୍ଷିତୀଶ ସାହୁଙ୍କୁ ଦୁଇ ଦିନିଆ ରିମାଣ୍ଡରେ ନେଇଛି। ଅଗଷ୍ଟ ୧୪ରେ ବଲାଙ୍ଗିରର ଗୁଣ୍ଡା ସାହୁଙ୍କୁ ପୁଇଁତଲା ଥାନା ଅଞ୍ଚଳର ରଣ୍ଡା ନିକଟରୁ ଅପହରଣ କରାଯାଇଥିଲା। ଏହି ଘଟଣାରେ ପୁଲିସ ଦୁଇ ତିନି ଦିନ ଭିତରେ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ୬ ଜଣ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ସେମାନଙ୍କୁ ପୁଲିସ ଘଟଣାର ଦେଢ଼ ମାସ ପରେ ବି ଗିରଫ କରିପାରିନି। ପୁଲିସର ତଥ୍ୟ ଅନୁସାରେ, ଗୁଣ୍ଡା ସାହୁଙ୍କୁ ଏକ କାର୍‌ରେଭୁବନେଶ୍ୱର ନିଆଯାଇଥିଲା। ସେଠାରେ ହୋଟେଲରେ ରଖି ତାଙ୍କୁ ମାଡ଼ ମରାଯିବା ସହ ମୁଣ୍ଡ ଜାମିନ ରଖି ୫୦ ଲକ୍ଷ ଟଙ୍କା ଦାବି କରାଯାଇଥିଲା। ୧୫ ତାରିଖରେ ତାଙ୍କୁ ଭୁବନେଶ୍ୱର ଲିଙ୍ଗରାଜ ଥାନା ଅଞ୍ଚଳରୁ ଉଦ୍ଧାର କରାଯାଇଥିଲା। ଏହି ମାମଲାରେ ପୁଲିସ ତଦନ୍ତ ପରେ ଘଟଣା ଆହୁରି ଜଟିଳ ରୂପ ନେଇଥିଲା। ପୁଲିସର ଅଭିଯୋଗ ଅନୁସାରେ, ଅପହରଣ ପଛରେ ଟଙ୍କା ସମ୍ପର୍କିତ ବିବାଦ ଥିଲା। ଏହାକୁ ନେଇ



ପୁଲିସ ତଦନ୍ତ କରିଥିଲା। ଡିଜିଟାଲ ତଥ୍ୟ ସହ ଅନ୍ୟାନ୍ୟ ପ୍ରମାଣ ଯାଞ୍ଚ କରାଯାଇଥିଲା। ଅଗଷ୍ଟ ୧୭ରେ ପୁଇଁତଲା ଥାନାରେ ରୁଜୁ ହୋଇଥିବା ଅପହରଣ ମାମଲାରେ ମୁଖ୍ୟ ଅଭିଯୁକ୍ତ କ୍ଷିତୀଶ ଚନ୍ଦ୍ର ସାହୁ, ସହଯୋଗୀ ସଂଜିତ ବେହେରା, ମହିଳା ପୁଲିସ ଅଧିକାରୀ ସ୍ନେହମଞ୍ଜରୀ ସାହୁ, ସାମ୍ବାଦିକ ସଞ୍ଜୟ ଜେନାଙ୍କୁ ପୁଲିସ ଗିରଫ କରିଥିଲା। ମାମଲା ପଛର କାରଣକୁ ନେଇ ଭିନ୍ନ ଭିନ୍ନ କାହାଣୀ ସାମ୍ନାକୁ ଆସିଥିଲା। ହନୁମାନ ପଇସା, ଗଞ୍ଜେଇ ତଥା ଜମି ବ୍ୟବସାୟ, ମହିଳା ପୁଲିସ ଏସ୍‌ଆଇଙ୍କ ସମ୍ପୃକ୍ତି ଓ ସମ୍ପର୍କକୁ ନେଇ ଆଲୋଚନା ହୋଇଥିଲା। ମାମଲାରେ ସମୁଦାୟ ୧୦ ଜଣ ସମ୍ପୃକ୍ତ ଥିବା ଏସ୍‌ପି କହିଥିଲେ। ଦେଢ଼ ମାସ ପରେ ମୁଖ୍ୟ ଅଭିଯୁକ୍ତଙ୍କୁ ପୁଲିସ ପୁଣି ରିମାଣ୍ଡରେ ଆଣିଛି।

## ମହିଳାଙ୍କୁ ଆକ୍ରମଣ କରି ଯୁବକ ଗିରଫ

ଖପ୍ରାଖୋଲ,୨୮ ।୯(ସମିସ): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ଥାନା ଚିଂଗ୍ରିତାଳରେ ଜଣେ ମହିଳାଙ୍କୁ ମାଡ଼ ମାରି ଅଭିଯୁକ୍ତ ଗିରଫ ହୋଇଛି। ସେ ହେଉଛି ଗଣେଶ ବାଗ। ପରମେଶ୍ୱର ବାଗଙ୍କ ସ୍ତ୍ରୀ ପାର୍ବତୀ ବାଗ (୫୦)ଙ୍କ ସହ ସେହି ଗ୍ରାମର ପୂର୍ଣ୍ଣମୀ ବାଗ (ସ୍ୱାମୀ- ଗଣେଶ ବାଗ) ଏବଂ ଲୋଚନା ବାଗ (ସ୍ୱାମୀ- ସ୍ୱର୍ଗତ ଲଛି ବାଗ)ଙ୍କ ମଧ୍ୟରେ କୌଣସି କାରଣରୁ ପାଟିତୁଣ୍ଡ ହୋଇଥିଲା। ଏମାନେ ପାର୍ବତୀଙ୍କୁ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇ ମାରପିଟ୍ କରିଥିଲେ। ପାର୍ବତୀ ଥାନାରେ ଅଭିଯୋଗ ଦେବା ପରେ ପୁଲିସ ମାମଲା ରୁଜୁ କରି ଜଣକୁ ଗିରଫ କରିଛି।

## ଏବିଭିପିର ନୂତନ ନଗର କାର୍ଯ୍ୟକାରିଣୀ ଘୋଷଣା

ବଲାଙ୍ଗିର,୨୮ ।୯(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବଲାଙ୍ଗିର ନଗର ତରଫରୁ ବଲାଙ୍ଗିର କଲେଜ ଛକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ନୂତନ ନଗର କାର୍ଯ୍ୟକାରିଣୀ ଘୋଷଣା ହୋଇଯାଇଛି। ନୂତନ ନଗର ସଭାପତି ରୂପେ ଡ଼ ସୁରୁ ମୁଣ୍ଡା ଓ ନୂତନ ନଗର ସମ୍ପାଦକ ଭାବେ ଶକ୍ତି ପ୍ରସାଦ ପୁଝାରୀ ନିର୍ବାଚିତ ହୋଇଛନ୍ତି। ଉପ ସଭାପତି ଅନିଲ ସାହା, ସନ୍ଦୀପ ମୁଣ୍ଡ, ସବିତା ପାଣିଗ୍ରାହୀ ଓ ସୁବେର ଭୋଇ, ନଗର ସହ ସମ୍ପାଦକ ଝରଣା ବାଗ, ଆଦ୍ୟାଶା ପ୍ରିୟଦର୍ଶିନୀ, ସସ୍ମିତା ରାଏ, ଶୁଭେନ୍ଦୁ ବିଶ୍ୱାଳ ଓ କୃଷ୍ଣ ବାରିକ, କାର୍ଯ୍ୟାଳୟ ସମ୍ପାଦକ ସୁବ୍ରତ ହୋତା, କୋଷାଧ୍ୟକ୍ଷ ଆୟୁଷ ଖେତି, ଏସଏଫଡ଼ି ସଂଯୋଜକ ତୁଳବତି ନନ୍ଦ, ସହ ସଂଯୋଜକ ବବି ପ୍ରଧାନ, ଭାରତ କରନ, ସୁଜିତ ରଣା ଓ ରୁଦ୍ରାଣି ବେହେରା, ଯୋଗେଶ ଜୈନ, ସହ ସଂଯୋଜକ ସୌମ୍ୟାଶ୍ରୀ ବିଶ୍ୱାଳ, ଦିବ୍ୟରଞ୍ଜନ ପ୍ରଧାନି, ଅନିଲ ମେର୍ଲି ଓ ନନ୍ଦିନୀ ଷାଣ୍ଢ, ଖେଲୋଭାରତ ସଂଯୋଜକ ଓମ୍ ପ୍ରକାଶ ବେହେରା, ସହ ସଂଯୋଜକ ସାଇ ରାଜ ଦିଶ୍ରି, ସତ୍ୟମ ଡାଙ୍ଗ ଓ ସୋନମ୍ ଶିକା, ରାଷ୍ଟ୍ରୀୟ କଳା ମଞ୍ଚ ସଂଯୋଜକ ପ୍ରିୟଦର୍ଶିନୀ ବରିହା, ସହ ସଂଯୋଜକ ରୋସ୍ନା ବିଶ୍ୱାଳ, ଦିବ୍ୟଙ୍କା ଅଶ୍ୱପାଲ, ପଦ୍ମିନୀ ନନ୍ଦ ଓ ଅଶ୍ୱିନୀ ଷାଣ୍ଢ, ଅଲିଶା ଡାଙ୍ଗ, ସହ ସଂଯୋଜକ ସାହିଲ ମିଶ୍ର, ସ୍ୱାଧୀନ ପ୍ରଧାନ, ଆକାଶ ବେହେରା, ଅମିତ୍ ଦାଶ, ସହ ସଂଯୋଜକ ସଭ୍ୟ ସଚି ପଟେଲ ଓ ଦିପଲ ବାରିକ, ଫାର୍ମାଭିଜନ ସଂଯୋଜକ ରୂପେ ଗ୍ରିବେଶ ନାଏକଙ୍କୁ ନୂତନ ଦାୟିତ୍ୱ ଦିଆଯାଇଛି। ରାଜ୍ୟ ସହ ସମ୍ପାଦକ ଆକାଶ କର୍ମ, ସଂଗଠନ ସମ୍ପାଦକ ବିକାଶ ସାହୁ, ଜିଲ୍ଲା ବ୍ୟବସ୍ଥା ପ୍ରମୁଖ ତଥା ପ୍ରାନ୍ତ ବିକାଶାର୍ଥେ ବିଦ୍ୟାର୍ଥୀ ସଂଯୋଜକ ମଞ୍ଜିତ କର୍ମୀ ଓ ଜିଲ୍ଲା ସଂଯୋଜକ ଆଲୋକ ଗୁରାଣ୍ଡି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତେଜରାଜ ସାହୁ, ବ୍ଲକ୍ ସଂଯୋଜକ ଦେବାଶିଷ କୁଅଁର, ବିଭାଗ ଏସଏଫଡ଼ି ପ୍ରମୁଖ ସ୍ୱାଧୀନ ଖମାରୀ, ବିଭାଗ ଅରକେଏମ ପ୍ରମୁଖ ଅନିଶା କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ।

## ଦଶମ ଶ୍ରେଣୀ ଛାତ୍ରୀଙ୍କୁ ପ୍ରେମ ନିବେଦନ ଓ ଅଶ୍ଳୀଳ ମେସେଜ୍ କରି ଫସିଲେ ଶିକ୍ଷକ



କଣ୍ଟାବାଞ୍ଜି,୨୮ ।୯(ସମିସ): ବଲାଙ୍ଗୀର ଜିଲ୍ଲା ସିନ୍ଧେକେଲା ଥାନା ଅଞ୍ଚଳରେ ଜଣେ ଦଶମ ଶ୍ରେଣୀର ଛାତ୍ରୀଙ୍କୁ ଅଶ୍ଳୀଳ ମେସେଜ୍ ଓ ପ୍ରେମ ନିବେଦନ କରିବା ଅଭିଯୋଗରେ ଜଣେ ସରକାରୀ ହାଇସ୍କୁଲ ଶିକ୍ଷକଙ୍କୁ ପୁଲିସ ଅଟକ ରଖିଛି। ଅଭିଯୁକ୍ତ ହେଲେ ସିନ୍ଧେକେଲା ବ୍ଲକ୍ ଲିମପଡା ହାଇସ୍କୁଲର ଗଣିତ ଶିକ୍ଷକ ଟେକର ସିଂ ମାଝୀ। ସେହି ସ୍କୁଲର ଦଶମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀଙ୍କୁ ମୋବାଇଲ ଫୋନରେ ଅଶ୍ଳୀଳ ମେସେଜ୍ ପଠାଇବା ସହ ପ୍ରେମ ନିବେଦନ କରିଥିବା ଅଭିଯୋଗ ହୋଇଛି। ପ୍ରଥମେ ଛାତ୍ରୀ ଜଣକ ଏହି ଘଟଣାକୁ ଭୟରେ ଲୁଚାଇ ରଖିଥିଲେ; କିନ୍ତୁ ଶିକ୍ଷକ ଜଣକ ବାରମ୍ବାର ମେସେଜ୍ କରିବାରୁ ସେ ଶେଷରେ ନିଜ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ସ୍କୁଲ କର୍ତ୍ତୃପକ୍ଷ ଓ ପରେ ସିନ୍ଧେକେଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଛାତ୍ରୀଙ୍କ ପରିବାର ପକ୍ଷରୁ ଅଭିଯୋଗ ମିଳିବା ପରେ ସିନ୍ଧେକେଲା ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସଂପୃକ୍ତ ଶିକ୍ଷକଙ୍କୁ ଅଟକ ରଖି ପଚରାଉଚରା କରୁଛି। ପୁଲିସ ଶିକ୍ଷକଙ୍କ ମୋବାଇଲ ଫୋନ ଜବତ କରି ମେସେଜ୍ ଓ ଅନ୍ୟାନ୍ୟ ଡିଜିଟାଲ ତଥ୍ୟ ଯାଞ୍ଚ କରୁଛି।

## ବଲାଙ୍ଗୀରରେ କୋଶଲ ନାଟ୍ୟ ମହର୍ଷି ଭଗବାନ ସାହୁଙ୍କ ଜୟନ୍ତୀ

ବଲାଙ୍ଗିର,୨୮।୯(ସମିସ): ଗୁରୁ ଭଗବାନ ସାହୁଙ୍କ ପ୍ରତିଭା ବହୁମୁଖୀ। ନାଟକ ସହ ଭାଷା, ଶବ୍ଦ ନୃତ୍ୟ ଓ ସଂସ୍କୃତି ପ୍ରେମ ହିଁ ତାଙ୍କର ପ୍ରକୃତ ପରିଚୟ। ଗୋଟିଏ ନାଟକ ସାରା ପଶ୍ଚିମ ଓଡ଼ିଶାରେ ଶହଶହ ଦିନ ଅଭିନୀତ ହେବା ତାଙ୍କର କୃତି, ଆଜିର ସମୟରେ ୱାର୍ଲଡ ରେକର୍ଡ ହେବା କଥା। ଶବ୍ଦ ନୃତ୍ୟ ଶାସ୍ତ୍ରୀୟ ନୃତ୍ୟ ମର୍ଯ୍ୟାଦା ପାଇଲେ ହିଁ ତାଙ୍କପ୍ରତି ହେବ ପ୍ରକୃତ ଶ୍ରଦ୍ଧାଞ୍ଜଳି ବୋଲି କୋଶଲ ନାଟ୍ୟ ମହର୍ଷି ଭଗବାନ ସାହୁ ଜୟନ୍ତୀରେ ମତପ୍ରକାଶ ପାଇଛି। ବଲାଙ୍ଗିର ଦୈନିକ ବଜାର ସ୍ଥିତ ଶିଶୁବାଟିକାଠାରେ ଅନୁଷ୍ଠିତ ଗୁରୁ ଭଗବାନ ସାହୁ କଳା ନିକେତନ ଦ୍ୱାରା ଆୟୋଜିତ ଜୟନ୍ତୀରେ ସଭାପତି ଡ଼ ବାସନ୍ତୀ ମଞ୍ଜରୀ ହନୁମାନଙ୍କ ସଭାପତିତ୍ୱରେ ଶିକ୍ଷାବିତ ଡ଼ ଭବାନୀ ଶଙ୍କର ପଟେଲ ମୁଖ୍ୟଅତିଥି, ସମ୍ମାନିତ ଅତିଥିଭାବେ କବି ନିରଞ୍ଜନ ପଣ୍ଡା ଯୋଗଦେଇଥିଲେ। ପ୍ରାରମ୍ଭରେ ଗୁରୁ ଭଗବାନ ସାହୁଙ୍କ ଫୋଟୋରେ ପୁଷ୍ପମାଲ୍ୟ ଅର୍ପଣ ଓ ଦୀପ ପ୍ରଜ୍ୱଳନ କରାଯାଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ନିସାର ଅହମଦ ନିସାର ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ସମ୍ପାଦକ ସନ୍ଦୀପ କୁମାର କୁଅଁରଙ୍କ ସଂଯୋଜନାକ୍ରମେ ରଶ୍ମୀ ପାତ୍ର, କବି ଗୋପୀନାଥ ଦଣ୍ଡସେନା, ନାଟ୍ୟଗୁରୁ କାର୍ତ୍ତିକ ସାହୁ, ଶିକ୍ଷାବିତ ଡ଼ ଭବାନୀ ଶଙ୍କର ପଟେଲ, କବି ନିରଞ୍ଜନ ପଣ୍ଡା ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାପତିତ୍ୱ କରି ଡ଼ ବାସନ୍ତୀ ମଞ୍ଜରୀ ହନୁମାନ ଗୁରୁ ଭଗବାନଙ୍କ କୃତିତ୍ୱ ଉପରେ ଆଲୋଚନା କରିଥିଲେ। ରାମଶଙ୍କର ଶତପଥି ଭଜନ, ଦିଲ୍ଲୀପ ଦୀପ ହଳିଆ ଗୀତ ପରିବେଷଣ କରିଥିଲେ। ସମ୍ପାଦକ ସନ୍ଦୀପ କୁମାର କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ସ୍ଥାନରେ ନୂଆଁଖାଇ ଭେଟଘାଟ

ବଲାଙ୍ଗିର,୨୮ ।୯(ସମିସ): ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ଭବନରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ବିଭୁଦତ୍ତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଓଡିଶା ଜନତା କଂଗ୍ରେସ ଦଳର ପ୍ରତିଷ୍ଠାତା ତଥା ରାଜ୍ୟ ସଭାପତି ଇଂ ମହମ୍ମଦ ମୋକିମ୍ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଦଳର ରାଜ୍ୟ ଉପସଭାପତି ତଥା ବିଶିଷ୍ଟ ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ, ଶିକ୍ଷାବିତ୍ ତଥା ସିଭିଲ ସୋସାଇଟି ସାଧାରଣ ସମ୍ପାଦକ ମନୋରଂଜନ ସାହୁ, କଳାକାର କବି ତଥା ସିନେ ଅଭିନେତା କପିଳ ଖମାରୀ, ମହିଳା ସଭାନେତ୍ରୀ ଶୈଳବାଳା ଜେନା, ରାଜ୍ୟ ଯୁବ ସଭାପତି ଆର୍ଯ୍ୟବୀର ଲେଙ୍କା, ଜିଲ୍ଲା ପର୍ଯ୍ୟବେକ୍ଷକ ନରେଶ ମହାନ୍ତି ଓ ଜିଲ୍ଲା ସଭାପତି ରୂପେଶ ବେହେରା ମଞ୍ଚାସୀନ ଥିଲେ। ବଲାଙ୍ଗିରରେ ବିକଳ୍ପ ରାଜନିତୀ ଓ ବିକାଶର ସମ୍ଭାବନାକୁ ନେଇ ବିସ୍ତୃତ ଭାବେ ଖୋଲା ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଯତି ପଧାନ, ରାଜେଶ ବର୍ଗର୍ତ୍ତି, ଶଙ୍କର ପାଣିଗ୍ରାହୀ, ପ୍ରଦ୍ୟୁମ୍ନ ବାବୁ, ପୂର୍ଣ୍ଣଚନ୍ଦ୍ର ଭୋଇ, ପ୍ରେମରାଜ ବାଗ, ସନ୍ଦିପ ବାଗ, ଫିରୋଜ ସାହୁ, ସତ୍ୟ ବନଛୋର, ନରେନ୍ଦ୍ରନାଥ ମମିଶ୍ର, ନିଳମଣି ଯୋଷୀ, ଅନଙ୍ଗ ଠାକୁର, ଧର୍ମବ୍ରତ ରଥ, ପୂର୍ଣ୍ଣ ରାଉତ, ହାଡୁ ସେଠ, ନିର୍ମଳ ଡାଙ୍ଗ ପ୍ରମୁଖ ଯୋଗ ଦେଇଥିଲେ। ସେହିଭଳି ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ସ୍ଥାନୀୟ ଅବସରପ୍ରାପ୍ତ ସୈନିକ କର୍ମଚାରୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ପୁରାତନ ସଦସ୍ୟ ସଦସ୍ୟାଙ୍କ ସମେତ ନୂତନ ଭାବେ ଯୋଗଦେଇଥିବା ସଦସ୍ୟ ଓ ଉପଦେଷ୍ଟା ମଣ୍ଡଳୀ ଉପସ୍ଥିତ ରହି ପରସ୍ପରକୁ ନୂଆଁଖାଇ ଜୁହାର ଜଣାଇ ଶୁଭେଚ୍ଛା ଆଦାନପ୍ରଦାନ କରିଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ ସଦସ୍ୟ ସଂଗଠନର ଆଗାମୀ କାର୍ଯ୍ୟପନ୍ଥା ତଥା ସମାଜସେବାର ଦିଗ ଉପରେ ନିଜ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ସଂଗଠନର ଉପଦେଷ୍ଟା ମଣ୍ଡଳୀ ଉପସ୍ଥିତ ରହି ସଦସ୍ୟମାନଙ୍କୁ ସମାଜସେବାର ମହାନ ମୂଲ୍ୟବୋଧ ବିଷୟରେ ବୁଝାଇବା ସହ ଆଗାମୀ ଯୋଜନା ଓ ଦାୟିତ୍ୱ ନିର୍ବାହ ନିମନ୍ତେ ଉପଯୁକ୍ତ ମାର୍ଗଦର୍ଶନ ପ୍ରଦାନ କରିଥିଲେ।

ତୁଷୁରା: ଶିକେରପାଟ୍ ୟୁଥ୍ କ୍ଲବ ପକ୍ଷରୁ ଜାମୁଟ ହାଇସ୍କୁଲ ଖେଳପଡ଼ିଆରେ ନୂଆଁଖାଇ ଭେଟଘାଟ୍ ଆୟୋଜିତ ହୋଇଯାଇଛି। କ୍ଲବ ସଭାପତି ରାମଦାସ ରଣାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ଗୁଡଭେଲା ବ୍ଲକ ଉପାଧ୍ୟକ୍ଷ ଟୁକୁରାମ ପାଣିଗ୍ରାହୀ ଯୋଗଦେଇ ଯୁବପିଢ଼ି ଆଗେଇ ଆସିଲେ ଲୋକକଳା, ଲୋକସଙ୍ଗୀତ ଓ ଆଞ୍ଚଳିକ ସଂସ୍କୃତିର ସୁରକ୍ଷା ସହ ଏହାର ବିକାଶ ସମ୍ଭବ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତା ଉପେନ୍ଦ୍ର ବେହେରା ନୂଆଁଖାଇ ପର୍ବର ସାମାଜିକ ଓ ସାଂସ୍କୃତିକ ମହତ୍ତ୍ୱ ଉପରେ ଅଭିଭାଷଣ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଜାମୁଟ ସରପଞ୍ଚ ଭାବସିଂ ମାଝୀ, ଅଭିରାମ ରଣା, ବିଶ୍ୱାମିତ୍ର ପଧାନ, କାଳାରାମ ରଣା ଓ ଅନିରୁଦ୍ଧ ବେହେରା ପ୍ରମୁଖ ଯୋଗଦେଇଥିଲେ। ସଭାକୁ ଲମ୍ବୋଦର ମନହିରା ପରିଚାଳନା କରିଥିବା ବେଳେ ମହେନ୍ଦ୍ର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ରାମ ନିବାସ ଅଗ୍ରୱାଲ ମୁଖ୍ୟ ଅତିଥି ଏବଂ ହାସ୍ୟକବି ଦେବେନ୍ଦ୍ର ସାହୁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ତୁଷୁରା ଏନଏସି ଅଧ୍ୟକ୍ଷ ଅଜୟ ଜୟଶ୍ୱାଳ, ଗୁଡଭେଲା ବ୍ଲକ ସାଂସଦ ପ୍ରତିନିଧି ଦିନବନ୍ଧୁ ବେହେରା, କଣ୍ଟାମାଳ ବ୍ଲକ ଉପାଧ୍ୟକ୍ଷ ମହେନ୍ଦ୍ର ରଣା ଓ ଫିରିଙ୍ଗିଆ ବ୍ଲକ ଉପାଧ୍ୟକ୍ଷ ଅଜିତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଗମ୍ଭାରିଗୁଡ଼ା ସରପଞ୍ଚ ଇନ୍ଦ୍ର ଭୋଇ, ଶିକ୍ଷାବିତ୍ ନିଳାଞ୍ଚଳ ଭୋଇ, ସତ୍ୟନାରାୟଣ ମାଝୀ, ଅନୁକୁଳ ରଣା, ହାସ୍ୟକବି ଶିଶିର ପୁରୋହିତ, କରୁଣାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୩୦ରୁ ଅଧିକ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲମ୍ବୋଦର ମନହିରା ସଂଯୋଜନା କରିଥିବା ବେଳେ ନାରାୟଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୋଗ ଦ୍ୱାରା ଶୃଙ୍ଖଳିତ ଜୀବନ ଓ ସୁସ୍ଥ ସମାଜ ଗଠନ ସମ୍ଭବ




ବଲାଙ୍ଗିର,୨୮ ।୯(ସମିସ): ସ୍ଥାନୀୟ ଗାନ୍ଧୀନଗର ପଡ଼ାସ୍ଥିତ ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବଲାଙ୍ଗିର ବ୍ଲକସ୍ତରୀୟ ଯୋଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କ୍ରୀଡ଼ା ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ, ଯୋଗ କେବଳ ଏକ ପ୍ରତିଯୋଗିତା କିମ୍ବା ଶାରୀରିକ ବ୍ୟାୟାମ ନୁହେଁ। ଏହା ଏକ ସୁସ୍ଥ ଓ ଶୃଙ୍ଖଳିତ ଜୀବନର ଆଧାର। ଛାତ୍ରଛାତ୍ରୀଙ୍କ ଶାରୀରିକ ସୁସ୍ଥତା ସହିତ ମାନସିକ ଏକାଗ୍ରତା, ଆ।ବିଶ୍ୱାସ ଓ ଶୃଙ୍ଖଳା ବିକାଶରେ ଯୋଗର ଗୁରୁତ୍ୱ ଅତ୍ୟଧିକ। ନିୟମିତ ଯୋଗାଭ୍ୟାସ ଦ୍ୱାରା ଛାତ୍ରଛାତ୍ରୀ ନିଜକୁ ସୁସ୍ଥ ରଖିବା ସହ ଅଧ୍ୟୟନ ଓ କ୍ରୀଡ଼ା କ୍ଷେତ୍ରରେ ମଧ୍ୟ ଉନ୍ନତି କରିପାରିବେ। ବିଦ୍ୟାଳୟସ୍ତରରୁ ଯୋଗ ପ୍ରତି ଆଗ୍ରହ ସୃଷ୍ଟି କରିବା ଆବଶ୍ୟକ। ପ୍ରତିଯୋଗିତାରେ ଜିତିବାଠାରୁ ଅଧିକ ଜରୁରୀ ହେଉଛି ନିୟମିତ ଅଭ୍ୟାସ, ଶୃଙ୍ଖଳା ଓ କ୍ରୀଡ଼ା ମନୋଭାବକୁ ନିଜ ଜୀବନର ଅଂଶ କରିବାକୁ ସେ କହିଥିଲେ। କାର୍ଯ୍ୟକ୍ରମରେ ବଲାଙ୍ଗୀର ବ୍ଲକ ସ୍କୁଲ ସ୍ପୋର୍ଟ୍ସ ସମ୍ପାଦକ ଚନ୍ଦ୍ରଶେଖର ମେହେର, ଜୋନ୍-୧ର ଜୋନାଲ ସମ୍ପାଦକ ସୌରଭ ପଧାନ, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱରୂପା ମଞ୍ଜରୀ ସାମନ୍ତରା, ଖେଳ ଶିକ୍ଷୟିତ୍ରୀ ଦୀପ୍ତି ବେହେରା, ବରିଷ୍ଠ ଶିକ୍ଷୟିତ୍ରୀ ସବିତା ମିଶ୍ର ଓ ପ୍ରିୟମ୍ବଦା ଦେବ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବିଚାରକ ଭାବେ ଖେଳ ଶିକ୍ଷୟିତ୍ରୀ ପ୍ରଣତି ପାଣିଗ୍ରାହୀ, ଜନାର୍ଦ୍ଦନ ସାହୁ, ରାଜକୁମାର ପାଣିଗ୍ରାହୀ ଓ ବିମଳ ସ୍ୱାଇଁ ଦାୟିତ୍ୱ ତୁଲାଇଥିଲେ। ଯଶୋବନ୍ତି ବେହେରା ଟାଇମ୍ କିପର୍ ଭାବେ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଖେଳ ଶିକ୍ଷୟିତ୍ରୀ ତାରାକାନ୍ତି ସାଏ ଓ ରୁବିତା ହୋତା ସହଯୋଗ କରିଥିଲେ। ୧୪ ବର୍ଷରୁ କମ୍ ବାଳିକା ବିଭାଗରେ କ୍ରିଷ୍ଟା ଭୁଏ ପ୍ରଥମ, ମୀରା ମାଝୀ ଦ୍ୱିତୀୟ, ଶ୍ରାବଣୀ ଧରୁଆ ତୃତୀୟ ଓ ନିକି ଧରୁଆ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ୧୭ ବର୍ଷରୁ କମ୍ ବାଳିକା ବିଭାଗରେ ଶୋଭାଗିନୀ ମାଝୀ ପ୍ରଥମ, ତପସ୍ୱିନୀ ନାଏକ ଦ୍ୱିତୀୟ, ଆରାଧ୍ୟା ଚିର୍ଗୁନ ତୃତୀୟ ଓ ପ୍ରତ୍ୟାଶା ପାତ୍ର ଚତୁର୍ଥ ସ୍ଥାନ ହାସଲ କରିଥିଲେ। ସେହିପରି ୧୪ ବର୍ଷରୁ କମ୍ ବାଳକ ବିଭାଗରେ ନିଲମ ପୁଟେଲ ପ୍ରଥମ, ପ୍ରତ୍ୟୁଷ ସରଭଙ୍ଗିଆ ଦ୍ୱିତୀୟ, ପୁନମ ବରିହା ତୃତୀୟ ଓ ସୌରଭ ଜେନା ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ୧୭ ବର୍ଷରୁ କମ୍ ବାଳକ ବିଭାଗରେ ସିଦ୍ଧାର୍ଥ ଶେଖର ପାତ୍ର ପ୍ରଥମ, ଜନାର୍ଦ୍ଦନ ସେଠ ଦ୍ୱିତୀୟ, ସୋମ ପ୍ରକାଶ ଜେନା ତୃତୀୟ ଓ ବିଷ୍ଣୁ ଦତ୍ତ ସ୍ୱାଇଁ ଚତୁର୍ଥ ସ୍ଥାନ ହାସଲ କରି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାକୁ ଉନ୍ନୀତ ହୋଇଛନ୍ତି। ଶିକ୍ଷକ ସୁରେଶ ବାରିକ ସଂଯୋଜନା କରିଥିବା ବେଳେ ଶିକ୍ଷକ ହରି ଖେତୀ ଧନ୍ୟବାଦ ଦେଇଥିଲେ।

## ଏନ୍‌ଏସି, ଥାନା ଆଗରେ ଗର୍ଜିଲେ କାଦୋପଡ଼ାବାସୀ



ପାଟଣାଗଡ,୨୮ ।୯(ସମିସ): ପାଟଣାଗଡ଼ ଏନ୍‌ଏସି ୧୦ ଓ ୧୧ ନମ୍ବର ୱାର୍ଡ କୋଦୋପଡା ଲୋକେ ସୋମବାର ଏନ୍‌ଏସି କାର୍ଯ୍ୟାଳୟ ଓ ଥାନା ସମ୍ମୁଖରେ ଗର୍ଜିଛନ୍ତି। ଡିଙ୍ଗର କୁମ୍ଭାରଙ୍କ ନେତୃତ୍ୱରେ ଲୋକେ ଧାରଣାରେ ବସିଥିଲେ। ପ୍ରଥମେ ସେମାନେ ଏନ୍‌ଏସି ଆଗରେ ବସିଥିଲେ; ହେଲେ ଇଓ ନାରାୟଣ ଦଣ୍ଡସେନା ଦୀର୍ଘ ସମୟ ପର୍ଯ୍ୟନ୍ତ ଧାରଣା ସ୍ଥଳକୁ ନ ପହଞ୍ଚିବାରୁ ସେମାନେ ପାଟଣାଗଡ଼ ଥାନାକୁ ଆସି ଧାରଣା ଦେଇଥିଲେ। ଏନଏସି ଇଓ ଏବଂ କନିଷ୍ଠ ଯନ୍ତ୍ରୀଙ୍କ ନାମରେ ମାମଲା ରୁଜୁ କରିବାକୁ ଦାବି କରିଥିଲେ। ଏହାପରେ ପୁଲିସଠାରୁ ଖବର ପାଇ ଏନଏସି ଇଓ, କନିଷ୍ଠ ଯନ୍ତ୍ରୀ, ପିଏଚ୍‌ଡି ଆସିଷ୍ଟାଣ୍ଟ ଇଞ୍ଜିନିୟର ଥାନାରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ସହ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ୭ ଦିନ ମଧ୍ୟରେ ଡ୍ରେନ୍ ଉପରେ ଢାଙ୍କୁଣି ଦେବାକୁ ଏନ୍‌ଏସିଇଓ ପ୍ରତିଶ୍ରୁତି ଦେଇଥିଲେ। ୨ ଦିନ ମଧ୍ୟରେ ପଡାକୁ ନୂତନ ପାଇପ୍ ଲଗାଇବା ପାଇଁ ଆଶିଷ୍ଟାଣ୍ଟ ଇଞ୍ଜିନିୟରଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନକାରୀ ଧାରଣାରୁ ଓହରିଥିଲେ। ତେବେ ବିଳମ୍ବ ହେଲେ ପଡାବାସୀ ରାସ୍ତାକୁ ଓହ୍ଲାଇବେ ବୋଲି ଶ୍ରୀ କୁମ୍ଭାର ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ସହରୀ ବିକାଶ ଯୋଜନାରେ ୧ କୋଟି ୧୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଗତ ମାର୍ଚ୍ଚ ମାସରେ ଏଠାରେ ଏକ ଡ୍ରେନ ନିର୍ମାଣ କାମ କରାଯାଇଛି। ଏହି ଡ୍ରେନ କାମ ନିମ୍ନମାନର ହୋଇଥିବା ନେଇ ପଡ଼ାବାସୀଙ୍କ ଅଭିଯୋଗ ଆଧାରରେ "ସକାଳ"ରେ ଲଗାତାର ଖବର ପ୍ରକାଶ ପାଇଥିଲା। ଏହାପରେ ଠିକାଦାର ଅଧାରେ କାମ ଛାଡି ଦେଇଛନ୍ତି। ଡ୍ରେନ ଉପରେ ଢାଙ୍କୁଣୀ ଦିଆଯାଇ ନ ଥିବା ଓ ପିଏଚଡି ପାଇପ ଫାଟି ଯାଇଥିବାରୁ ପଡ଼ାବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ପଡ଼ାବାସୀ ବାରମ୍ବାର ଏନଏସି ପ୍ରଶାସନ ତଥା ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି; ହେଲେ ଠିକାଦାର ଶାସକ ଦଳର ହୋଇଥିବାରୁ କେହି ଶୁଣି ନାହାନ୍ତି। ଏନେଇ ଜନମଞ୍ଚ ସିଭିଲ ସୋସାଇଟିର କାର୍ଯ୍ୟକାରୀ ସଭାପତି ଡିଙ୍ଗର କୁମ୍ଭାର ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାସହ ଏନଏସି ଇଓଙ୍କ ନାମରେ ପାଟଣାଗଡ଼ ଥାନାରେ ଏତଲା ମଧ୍ୟ ଦିଆଯାଇଥିଲା। ଅନ୍ୟପଟେ ପିଏଚ୍‌ଡି ପ୍ଲାଷ୍ଟିକ ପାଇପ ମାଧ୍ୟମରେ ପଡାବାସୀଙ୍କ ଘରଗୁଡିକୁ ପିଇବା ପାଇଁ ପାଣି ବ୍ୟବସ୍ଥା କରିଥିଲା। ଡ୍ରେନ କାମ ଅଧା ଯୋଗୁଁ ପାଇପ୍‌ଗୁଡିକ ସ୍ଥାନେ ସ୍ଥାନେ ଫାଟି ଯାଇଛି। ଏହାଫଳରେ ଡ୍ରେନର ନର୍ଦ୍ଦମା ପାଣି ପଡାବାସୀଙ୍କ ଘରକୁ ଯାଉଛି। ପଡାବାସୀ ନର୍ଦ୍ଦମା ପାଣି ପିଇ ଜଣ୍ଡିସ ଓ ହଇଜା ରୋଗର ଶିକାର ହେଉଛନ୍ତି।

## ଜୀବିକା ବିକାଶ ଓ ଆୟ ବୃଦ୍ଧି କର୍ମଶାଳା

ମୁରିବାହାଲ,୨୮ ।୯ସମିସ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ହଳଦୀ ପଞ୍ଚାୟତ କଲ୍ୟାଣ ମଣ୍ଡପରେ ପଞ୍ଚାୟତସ୍ତରୀୟ ନିରନ୍ତର ଜୀବିକା ବିକାଶ ଓ ଆୟ ବୃଦ୍ଧି ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଜନମୁକ୍ତି ଅନୁଷ୍ଠାନର ସମ୍ପାଦକ ଭଜରାମ ସାହୁ, ଲଖନା କୃଷି ଅଧିକାରୀ ସସ୍ମିତା ବେହେରା, ମୁରିବାହାଲ କୃଷି ଅଧିକାରୀ ନିରୁପମା ନାୟକ ଏବଂ ହଳଦୀ ଗ୍ରାମ ପଞ୍ଚାୟତର ସରପଞ୍ଚ ସୌମିନା ସେଠ୍ ପ୍ରମୁଖ ମଞ୍ଚାସୀନ ଥିଲେ। ୧୬ଟି ଗ୍ରାମର ୫୦ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ। ପଞ୍ଚାୟତର ପ୍ରାୟ ୬୦୦ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଜୀବିକାର ନିରନ୍ତର ବିକାଶ ଓ ଆୟ ବୃଦ୍ଧି ସହ ମାଲିଶିରା ଓ ବିଟାବନ୍ଧ ପଞ୍ଚାୟତର ୬୦୦ ପରିବାରକୁ ସରକାରୀ ଜନମଙ୍ଗଳ ଯୋଜନାରେ ସାମିଲ କରିବା କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏଥିସହ ଜୈବିକ ଖତ ପ୍ରସ୍ତୁତି ଓ ଏହାର ବ୍ୟବହାର ସମ୍ପର୍କରେ ଚାଷୀମାନଙ୍କୁ ସଚେତନ କରାଯାଇଥିଲା। ଚାଷୀଙ୍କ ଜୀବିକାକୁ ସୁଦୃଢ଼ କରିବା, ଆୟର ଉତ୍ସ ବୃଦ୍ଧି କରିବା ଏବଂ ସରକାରୀ ଯୋଜନାର ସୁଫଳ ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। କର୍ମଶାଳାକୁ ଜନମୁକ୍ତି ଅନୁଷ୍ଠାନର କର୍ମୀ ପ୍ରକାଶ ବନ୍ଦିଛୋର ପରିଚାଳନା କରିଥିଲେ। ଚିତ୍ରଲେଖା ସାହୁ ପ୍ରକଳ୍ପର ଛଅ ମାସର ପ୍ରଗତି ବିବରଣୀ ଉପସ୍ଥାପନ କରିଥିଲେ। ଏଥିରେ ଅନୁଷ୍ଠାନର କର୍ମୀ ସଞ୍ଜୀବ ବାରିକ, ଲଳିତ ରଣା, ଧର୍ମ ସାହୁ, ସଞ୍ଜିତା ହାତୀ, ସୁବର୍ଣ୍ଣ ବାଗ, ଛନ୍ଦା ଚରଣ ସାହୁ, ସୁଶିଲ ସାହୁ, ବୈଷ୍ଣବୀ ମହାକୁର ଓ ବିଧୁ ବାଗ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କୁମାରୀ କିରଣ ଜାଲ ଧନ୍ୟବାଦ ଅର୍ପଣ କରିଥିଲେ।

## କଣ୍ଟାବାଞ୍ଜିରେ ମୋକିମଙ୍କୁ ସମ୍ବର୍ଦ୍ଧନା




କଣ୍ଟାବାଞ୍ଜି,୨୮ ।୯(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ମୁସଲିମ ଜମାଦ ସମାଜ ତରଫରୁ ଓଡିଶା ଜନତା କଂଗ୍ରେସର ରାଜ୍ୟ ସଭାପତି ଇଂ ମୋହମ୍ମଦ ମୁକିମଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କଣ୍ଟାବାଞ୍ଜି ମସଜିଦସ୍ଥିତ ସଭାଗୃହରେ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଏହି ଅବସରରେ ମୁସଲିମ ଜମାଦ ସମାଜର ସମସ୍ତ ସଦସ୍ୟ ତାଙ୍କୁ ସମ୍ମାନିତ କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ମୁସଲିମ ଜମାଦର ଇମାମ ତବାରକ ସାହେବ, ସଭାପତି ମନସୁର ମେମନ, ଉପ-ସଭାପତି ଶେଖ ଅମଜାଦ (ଛୋଟୁ), କାର୍ଯ୍ୟକାରୀ ସଭାପତି ଅବଦୁଲ ରଫିକ, କୋଷାଧ୍ୟକ୍ଷ ଚାନ୍ଦ ଖାନ ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହ ସମାଜର ବରିଷ୍ଠ ସଦସ୍ୟ କଲିମ ପାଶା, ଆଜହର ଖାନ, ଫିରୋଜ ଖାନ, ସ୍କେ ସବ୍ବିର, ଆମିର ବାବା, ଅଲ୍ଲୀ ଦେଓ୍ୱାର, କାଦିର ଦେଓ୍ୱାର, ତାହିର ଖାନ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକ୍‌ସ୍ତରୀୟ ଫୁଟବଲ ଚୟନ ଶିବିର ଉଦ୍‌ଯାପିତ

ଟିଟିଲାଗଡ,୨୮ ।୯ (ସମିସ): ସିହିନୀ ପଞ୍ଚାୟତ ପିଏମ୍‌ଶ୍ରୀ ସରକାରୀ ଉନ୍ନୀତ ହାଇସ୍କୁଲ ଖେଳ ପଡିଆରେ ବ୍ଲକ୍‌ସ୍ତରୀୟ ଫୁଟବଲ ଖେଳାଳି ଚୟନ ପ୍ରକ୍ରିୟା ଉଦ୍‌ଯାପିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ସିହିନୀ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସରିତା ବରିହା ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ବ୍ଲକ୍ କ୍ରୀଡା ସଂଗଠନର ସମ୍ପାଦକ ଦନାର୍ଦ୍ଦନ ପାଣ୍ଡେ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ଅଣ୍ଡର ୧୭ ବର୍ଷ ଦଳରେ ଛାତ୍ରୀ ଓ ଛାତ୍ରଦଳରୁ ୪ଟି ଲେଖାଏ ଦଳ ଭାଗ ନେଇଥଲେ। ଅଣ୍ଡର ୧୪ ବର୍ଷରେ ୪ ଛାତ୍ର ଦଳ ଭାଗ ନେଇଥିଲେ। ଏଠାରୁ ମନୋନୀତ ହୋଇଥିବା ଉଭୟ ଛାତ୍ରୀ ଓ ଛାତ୍ର ଦଳ ଆସନ୍ତା ୧ରୁ ଲୋଇସିଂହାରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ବରିଷ୍ଠ କ୍ରୀଡା ଶିକ୍ଷକ ରାଜେଶ ସ୍ୱାଇଁଙ୍କ ତତ୍ତ୍ୱବଧାନରେ ଆୟୋଜିତ ପ୍ରତିଯୋଗିତାକୁ କ୍ରୀଡା ଶିକ୍ଷକ ପ୍ରିତମ ନାୟକ, ଚୈତନ୍ୟ ଠେଲା, ଶମ୍ଭୁ ପ୍ରସାଦ ଦୀପ, ଅଭିଷେକ ନାଗ, ବ୍ରଜବନ୍ଧୁ ଟାକରି, ପାଣ୍ଡବ ବିଶି ପ୍ରମୁଖ ପରିଚାଳନା କରିଥିଲେ।

## ତୁଳସୀନଗରରେ ଆକ୍ରମଣ ଘଟଣାରେ ୪ ଗିରଫ

ବଲାଙ୍ଗିର,୨୮ ।୯(ସମିସ): ବଲାଙ୍ଗିର ଟାଉନ ଥାନା ତୁଳସୀନଗର ସାର ଗୋଦାମ ନିକଟରେ ଆକ୍ରମଣ ଘଟଣାରେ ପୁଲିସ ୪ ଜଣଙ୍କୁ ଗିରଫ କରିଛି। ଏମାନେ ହେଲେ ସୁଦପଡ଼ାର ଅବିନାଶ ଦାଶ ଦେବଶର୍ମା ଓରଫ ଷ୍ଟେମନ୍ (୩୦), ତୁଳସୀନଗରର ଆଲୋକ ବାଗ (୨୬), ସାଗରପଡ଼ାର ଅନୁରାଗ ପଞ୍ଚବିହାର ଓରଫ ଅଜୁ (୨୦) ଏବଂ ସାଗରପଡ଼ାର ବାଦଲ ପଞ୍ଚବିହାର (୨୦)। ୨୪ ତାରିଖ ସକାଳ ପ୍ରାୟ ୫ଟାରୁ ୬ଟା ମଧ୍ୟରେ ଲିଲୁ ନାଗ (୩୫) ଓ ଆଲୋକ ବାଗର୍ତ୍ତୀଙ୍କୁ ଏମାନେ ଅସ୍ତ୍ରଶସ୍ତ୍ରରେ ଆକ୍ରମଣ କରିଥିଲେ।

# ଏଚ୍‌ପିସିଏଲ୍ ଡିପୋକୁ ଧାମନଡଙ୍ଗା ଗାଁ ଲୋକଙ୍କ ବିରୋଧ

କଣ୍ଟାବାଞ୍ଜି,୨୮ ।୯(ସମିସ):



ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ୍ ଧାମନଡଙ୍ଗା ପଞ୍ଚାୟତରେ ଏଚ୍‌ପିସିଏଲ୍ ଡିପୋକୁ ବିରୋଧ କରି ଗାଁ ଲୋକ ଜିଲ୍ଲାପାଳଙ୍କ ଅଫିସରେ ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମସଭାରେ ପ୍ରସ୍ତାବ ପାରିତ ନ କରି ଏଚପିସିଏଲ ପେଟ୍ରୋଲିୟମ ଷ୍ଟୋରେଜ ଡିପୋ ନିର୍ମାଣକୁ ନେଇ ଅସନ୍ତୋଷ ଲାଗି ରହିଛି। ସରପଞ୍ଚ ଆରତୀ ସୁନା ଓ ଗାଁ ଲୋକେ ଏହାକୁ ବିରୋଧ କରିଛନ୍ତି। ସରପଞ୍ଚ ପ୍ରତିନିଧି ପପି ସୁନାଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ସୋମବାର ବଲାଙ୍ଗୀର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ଯେ ଧାମନଡଙ୍ଗା ହେଉଛି ଗ୍ରାମ ପଞ୍ଚାୟତର ମୁଖ୍ୟାଳୟ। ଏହି ଗାଁରେ ୬ ହଜାରରୁ ଅଧିକ ଲୋକ ବାସ କରୁଛନ୍ତି। ଏହା ଉପରେ ଆଖପାଖର ୧୨ ଖଣ୍ଡ ଗାଁର ୬ ହଜାରରୁ ଅଧିକ ଲୋକ ନିର୍ଭର କରନ୍ତି। ଏଭଳି ଘନ ଜନବସତି ମଧ୍ୟରେ ପେଟ୍ରୋଲ ଡିପୋ ନିର୍ମାଣ ଅନୁଚିତ। ଗ୍ରାମକୁ ଲାଗି ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡର ଗ୍ୟାସ ଓ ପେଟ୍ରୋଲିୟମ ଷ୍ଟୋରେଜ ଡିପୋ ନିର୍ମାଣ କରାଯାଉଛି। ଗ୍ରାମ ନିକଟରେ ଏଭଳି ଜ୍ୱଳନଶୀଳ ପଦାର୍ଥର ଭଣ୍ଡାର ରହିଲେ ଭବିଷ୍ୟତରେ ବଡ ଧରଣର ଅଗ୍ନିକାଣ୍ଡ ବା ବିସ୍ଫୋରଣ ଘଟି ଧନ ଜୀବନ ପ୍ରତି ସାଂଘାତିକ ବିପଦ ସୃଷ୍ଟି ହେବ। ଡିପୋ କାର୍ଯ୍ୟକ୍ଷମ ହେଲେ ପ୍ରତିଦିନ ଶହ ଶହ ଭାରୀଯାନ ଏହି ରାସ୍ତା ଦେଇ ଯାତାୟତ କରିବ। ଏହା ଦ୍ୱାରା ବାୟୁ ଓ ଶବ୍ଦ ପ୍ରଦୂଷଣ ବୃଦ୍ଧି ପାଇବା ସହ ନିୟମିତ ଦୁର୍ଘଟଣା ଆଶଙ୍କା ଲାଗି ରହିବ। ଗରିବ ନିରୀହ ପରିବାରଙ୍କୁ ଭୁଲାଇ ବୁଝାଇ ଅତି ଶସ୍ତାରେ ଜମି କିଣି ସେମାନଙ୍କୁ ଭୂମିହୀନ କରାଯାଉଛି। ଏହି ଡିପୋ ନିର୍ମାଣ କାର୍ଯ୍ୟ ଗାଁରେ ବନ୍ଦ କରି ଅନ୍ୟ ଅଞ୍ଚଳରେ ନିର୍ମାଣ କରିବାକୁ ସେମାନେ ଦାବି କରିଛନ୍ତି। ଯଦି ତାଙ୍କ ଦାବି ପ୍ରତି ବିଚାର କରା ନ ଯାଏ ଓ ଏଚପିସିଏଲ ଡିପୋ ନିର୍ମାଣ ବନ୍ଦ ନ ହୁଏ ତେବେ ସେମାନେ ବଡ ଧରଣର ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ତେବେ ଏନେଇ ଧାମନଡ଼ଙ୍ଗା ଏଚପିସିଏଲ ଡିପୋ ଦାୟିତ୍ୱରେ ଥିବା ଅଧିକାରୀ ନନ୍ଦକିଶୋର ମଲ୍ଲିକଙ୍କୁ ପଚାରିବାରୁ ପଞ୍ଚାୟତରୁ ଅନୁମତି ନିଆ ଯାଇ ନ ଥିଲା। ଏବେ ଅନୁମତି ନେବାକୁ କାଗଜପତ୍ର ପ୍ରସ୍ତୁତ ହୋଇଛି।

# ତାମିଲନାଡୁରେ ନବଜାତକଙ୍କୁ ମିଳିବ ସୁନାମୁଦି



ମଦୁରାଇ, ୨୮।୯ (ଏଜେନ୍ସି): ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ୍ ବିଜୟ ମଦୁରାଇଠାରେ ନବଜାତ ଶିଶୁମାନଙ୍କ ପାଇଁ 'ଥାଇମାମନ୍ ଥଙ୍ଗା ମୋଥିରମ୍ ଥିଟ୍ଟମ୍' (ମାମୁଁ ସୁନା ମୁଦି ଯୋଜନା)ର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନା ଅଧୀନରେ ସରକାରୀ ହସ୍ପିଟାଲ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଜନ୍ମଗ୍ରହଣ କରୁଥିବା ନବଜାତ ଶିଶୁମାନଙ୍କୁ ମାଗଣାରେ ୧ ଗ୍ରାମ ଓଜନର (୨୨ କ୍ୟାରେଟ୍) ସୁନା ମୁଦି ପ୍ରଦାନ କରାଯିବ। ସରକାରୀ ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡ଼ିକରେ ପ୍ରସବ ସଂଖ୍ୟା ବୃଦ୍ଧି କରିବା ଏବଂ ସରକାରୀ ଚିକିତ୍ସାଳୟ ପ୍ରତି ଜନସାଧାରଣଙ୍କୁ ଆକୃଷ୍ଟ କରିବା ଏହି ଯୋଜନାର ପ୍ରମୁଖ ଉଦ୍ଦେଶ୍ୟ। ଜୁନ୍ ୨୨ ମଧ୍ୟାହ୍ନରୁ ଜନ୍ମଗ୍ରହଣ କରିଥିବା ଶିଶୁମାନେ ଏହି ଯୋଜନାର ଲାଭ ପାଇବାକୁ ଯୋଗ୍ୟ ବିବେଚିତ ହେବେ। ଏଥିପାଇଁ ତାମିଲନାଡୁର ବାସିନ୍ଦା ପ୍ରମାଣପତ୍ର ପ୍ରଦାନ କରିବାକୁ ହେବ। ଏହି ଯୋଜନା ପାଇଁ ସରକାର ୭୫୫.୮୩ କୋଟି ଟଙ୍କା ବଜେଟ୍ ଆବଣ୍ଟନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧.୨୮ ଲକ୍ଷ ସୁନା ମୁଦି କ୍ରୟ କରାଯାଇଛି। ଗତ ମାର୍ଚ୍ଚ ୭ ରେ ଟିଭିକେର ମହିଳା ଦିବସ କାର୍ଯ୍ୟକ୍ରମରେ ବିଜୟ ଏହି ନିର୍ବାଚନୀ ପ୍ରତିଶ୍ରୁତି ଘୋଷଣା କରିଥିଲେ। ଶୁଭାରମ୍ଭ କାର୍ଯ୍ୟକ୍ରମରେ ବିଜୟ ନିଜେ ଜଣେ ଶିଶୁକନ୍ୟାକୁ ସୁନାମୁଦି ଉପହାର ଦେଇଥିଲେ।

### ଥାଇଲାଣ୍ଡରେ ପ୍ରବଳ ବର୍ଷା

# ବ୍ୟାଙ୍କକ୍‌ରେ ଅଣ୍ଟାଏ ଉଚ୍ଚର ପାଣି, ୫, ୯୦୧ ଜଣ ସ୍ଥାନାନ୍ତର



ବ୍ୟାଙ୍କକ, ୨୮।୯ (ଏଜେନ୍ସି): ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକରେ ପ୍ରବଳ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଘର, ଦୋକାନ ଓ ରାସ୍ତାଘାଟ ପାଣିରେ ବୁଡ଼ିଛି। ଗତ ସପ୍ତାହରେ ୨ରୁ ୩ ଦିନ ମଧ୍ୟରେ ପ୍ରାୟ ୩୨୦ ମିଲିମିଟର ବର୍ଷା ହୋଇଥିଲା। ଏହାପରେ ଅନେକ ଅଞ୍ଚଳରେ ଅଣ୍ଟାଏ ଉଚ୍ଚର ପାଣି ଜମିଛି। ବ୍ୟାଙ୍କକରେ ଏପର୍ଯ୍ୟନ୍ତ ୫, ୯୦୧ ଜଣଙ୍କୁ ୨୩୪ଟି ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ତେବେ ବନ୍ୟା ଯୋଗୁଁ ୮୦ ହଜାରରୁ ଅଧିକ ଲୋକ ନିଜ ଘର ଛାଡ଼ି ବାହାରି ପାରିନଥିବା ଥାଇଲାଣ୍ଡର ଗୃହମନ୍ତ୍ରୀ କହିଛନ୍ତି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ପାଇଁ ଡଙ୍ଗା ଓ ଚଳନ୍ତା ରୋଷେଇଘର ନିୟୋଜିତ କରାଯାଇଛି। ପ୍ରବଳ ବର୍ଷା ଯୋଗୁଁ ଯାତାୟାତ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଅନେକ ସ୍ଥାନରେ ବିଦ୍ୟୁତ୍ ଓ ପାନୀୟଜଳ ଯୋଗାଣ ବାଧାପ୍ରାପ୍ତ ହୋଇଥିବା ବେଳେ କେତେକ ଦୋକାନରେ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ଦେଖାଦେଇଛି। କେତେକ ସ୍ଥାନରେ ବ୍ୟବସାୟୀମାନେ ପ୍ଲାଷ୍ଟିକ୍ ବାକ୍ସ ଓ ଡ୍ରମ୍ ଉପରେ ସାମଗ୍ରୀ ରଖି ବିକ୍ରି କରୁଥିବା ଦେଖାଯାଇଛି। ଥାଇଲାଣ୍ଡର ୪୧ଟି ପ୍ରଦେଶରେ ସେପ୍ଟେମ୍ବର ୧୬ରୁ ବନ୍ୟା ପରିସ୍ଥିତି ଜାରି ରହିଛି। ଏଥିରେ ୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୫.୮ ଲକ୍ଷରୁ ଅଧିକ ଘର ପ୍ରଭାବିତ ହୋଇଛି।

## ଅକ୍ଟୋବର ୨ରେ ଅଭିଜିତଙ୍କ ଜେଲ୍‌ଭରୋ ଆନ୍ଦୋଳନ ଡକରା

ମୁମ୍ବଇ, ୨୮।୯ (ଏଜେନ୍ସି): ଶିବାଜୀ ପାର୍କରେ ଅକ୍ଟୋବର ୨ରେ ପ୍ରସ୍ତାବିତ ବିକ୍ଷୋଭ ପାଇଁ ମୁମ୍ବାଇ ପୁଲିସ ଅନୁମତି ନଦେବା ପରେ କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ପ୍ରତିଷ୍ଠାତା ଅଭିଜିତ ଦିପ୍‌କେ 'ଜେଲ୍ ଭରୋ ଆନ୍ଦୋଳନ' ଘୋଷଣା କରିଛନ୍ତି। ଗାନ୍ଧୀ ଜୟନ୍ତୀ ଅବସରରେ ଏହି ଆନ୍ଦୋଳନ କରାଯିବ ବୋଲି ସେ ସାମାଜିକ ଗଣମାଧ୍ୟମରେ କହିଛନ୍ତି। ସିଜେପି ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରି ଏହି ଆନ୍ଦୋଳନ ଡକରା ଦେଇଥିଲା। ଏଥିସହ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ସ୍ଥଗିତ ରଖିବା ଏବଂ ନିର୍ବାଚନ କମିଶନ ସମ୍ପର୍କିତ ଆଇନରେ ପରିବର୍ତ୍ତନ ଦାବି ମଧ୍ୟ ରହିଛି। ମୁମ୍ବାଇ ପୁଲିସ କହିଛି, ବମ୍ବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଓ ପରବର୍ତ୍ତୀ ମହାରାଷ୍ଟ୍ର ସରକାରୀ ଆଦେଶ ଅନୁସାରେ ଶିବାଜୀ ପାର୍କରେ ଏଭଳି ସମାବେଶ ପାଇଁ ଅନୁମତି ଦେବାର ଅଧିକାର ପୁଲିସ ପାଖରେ ନାହିଁ। ଶବ୍ଦ ପ୍ରଦୂଷଣ ଓ ଯାତାୟାତ ବାଧାପ୍ରାପ୍ତ ହେବାର ଆଶଙ୍କା ଦର୍ଶାଇ ଆୟୋଜକଙ୍କୁ ବିକଳ୍ପ ସ୍ଥାନ ଖୋଜିବାକୁ କୁହାଯାଇଛି।

## ଷଷ୍ଠ ଶ୍ରେଣୀ ଯାଏଁ ତୃତୀୟ ଭାଷା ନୀତି ଛାଡ଼ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨୮।୯ (ଏଜେନ୍ସି): ସିବିଏସଇ ବୋର୍ଡ ଅଧୀନରେ ପଢୁଥିବା ଷଷ୍ଠ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ବାଧ୍ୟତାମୂଳକ ତୃତୀୟ ଭାଷା ନୀତିରୁ ଛାଡ଼ ଦେବା ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପରି ଷଷ୍ଠ ଶ୍ରେଣୀ ପିଲାଙ୍କୁ ମଧ୍ୟ ଏହି ସୁବିଧା ପ୍ରଦାନ କରିବାକୁ କୋର୍ଟ କହିଛନ୍ତି। ଏହି ନୀତିକୁ ୧ ଏପ୍ରିଲ ୨୦୨୭ ରୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଭିଭାବକମାନେ ଆବେଦନ କରି ଜଣାଇଥିଲେ ଯେ ହଠାତ୍ ଭାଷା ନୀତିରେ ପରିବର୍ତ୍ତନ ଏବଂ ପାଠ୍ୟପୁସ୍ତକର ଅଭାବ ଯୋଗୁଁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ପ୍ରଭାବିତ ହେଉଛି। ତେବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଦର୍ଶାଇଥିଲେ ଯେ ପ୍ରାୟ ୯୯% ସିବିଏସଇ ସ୍କୁଲ ଏହି ନୀତି ଆପଣେଇ ସାରିଛନ୍ତି। ମାତ୍ର ୧.୨% ସ୍କୁଲ ପ୍ରଭାବିତ ହୋଇଛନ୍ତି, ତେଣୁ ଚଳିତ ବର୍ଷ ଛାଡ଼ ଦେବା ସପକ୍ଷରେ କେନ୍ଦ୍ର ନଥିଲା। ଏହା ସତ୍ତ୍ୱେ ବିଚାରପତି ଜୟମାଲ୍ୟ ବାଗଚୀ ଓ ବେଞ୍ଚ୍ କହିଛନ୍ତି ଯେ ଛାତ୍ରଛାତ୍ରୀଙ୍କୁ କଠିନ ପରିସ୍ଥିତି ବଦଳରେ ଆଶ୍ୱସ୍ତି ଓ ସୁବିଧା ମିଳିବା ଉଚିତ। ସୁପ୍ରିମକୋର୍ଟ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଛଅ ସପ୍ତାହ ପରେ କରିବାକୁ ଧାର୍ଯ୍ୟ କରିଛନ୍ତି।

## ଇସ୍ରାଏଲ ଉପରେ ହମାସ୍ ଆକ୍ରମଣ: ୩ ଥର ଚେତାବନୀ ଦେଇଥିଲା ଇଜିପ୍ଟ

କାଇରୋ/ତେଲ୍ ଆଭିଭ୍, ୨୮।୯ (ଏଜେନ୍ସି): ୨୦୨୩ ଅକ୍ଟୋବର ୭ରେ ହୋଇଥିବା ହମାସ୍‌ର ବଡ଼ ଧରଣର ଆକ୍ରମଣ ସମ୍ପର୍କରେ ଇସ୍ରାଏଲକୁ ପୂର୍ବରୁ ଇଜିପ୍ଟ ଚେତାବନୀ ଦେଇଥିଲା ବୋଲି ଏକ ରିପୋର୍ଟରେ ଦାବି କରାଯାଇଛି। 'ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ୍'ର ରିପୋର୍ଟ ଅନୁଯାୟୀ, ଇଜିପ୍ଟର ଗୁଇନ୍ଦା ମୁଖ୍ୟ ଆବ୍ବାସ୍ କାମେଲ୍ ଆକ୍ରମଣର କିଛି ଦିନ ପୂର୍ବରୁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ କାର୍ଯ୍ୟାଳୟକୁ ଫୋନ୍ କରି ଗାଜାରୁ ବଡ଼ ଧରଣର ଆକ୍ରମଣ ସମ୍ଭାବନା ନେଇ ସତର୍କ କରିଥିଲେ। ରିପୋର୍ଟ ଅନୁସାରେ, ଇଜିପ୍ଟ ପ୍ରଥମେ ଜୁନ୍ ୨୦୨୩ରେ ଏବଂ ପରେ ସେପ୍ଟେମ୍ବରରେ ଇସ୍ରାଏଲକୁ ସତର୍କ କରିଥିଲା। ସେପ୍ଟେମ୍ବରରେ କାମେଲ୍ ଇସ୍ରାଏଲ୍ ଯାଇ ଗାଜାର ପରିସ୍ଥିତି ଗମ୍ଭୀର ଥିବା ଏବଂ ଦ୍ରୁତ ଅବନତି ହୋଇପାରେ ବୋଲି ଅଧିକାରୀମାନଙ୍କୁ କହିଥିଲେ। କିନ୍ତୁ ଇସ୍ରାଏଲୀ ଅଧିକାରୀମାନେ ପରିସ୍ଥିତି ନିୟନ୍ତ୍ରଣରେ ଥିବା କହିଥିଲେ। ତେବେ ଚେତାବନୀରେ ଆକ୍ରମଣର ନିର୍ଦ୍ଦିଷ୍ଟ ସମୟ, ଲକ୍ଷ୍ୟ କିମ୍ବା ସମ୍ପୂର୍ଣ୍ଣ ଯୋଜନା ସମ୍ପର୍କରେ ସୂଚନା ନଥିଲା।

### ବିଦ୍ରୋହୀ ଟିଏମ୍‌ସି ବିଧାୟକଙ୍କ ଅଯୋଗ୍ୟତା ମାମଲାରେ ସୁପ୍ରିମକୋର୍ଟଙ୍କ ମତ

# '୩ ମାସର ସମୟସୀମା ବିଷୟରେ ବାଚସ୍ପତି ସଚେତନ'



ନୂଆଦିଲ୍ଲୀ, ୨୮।୯ (ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭାର ୧୦ ଜଣ ବିଦ୍ରୋହୀ ଟିଏମ୍‌ସି ବିଧାୟକଙ୍କ ଅଯୋଗ୍ୟତା ନେଇ ଆବେଦନ ହୋଇଛି। ଏହା ଉପରେ ନିଷ୍ପତ୍ତି ପାଇଁ ଧାର୍ଯ୍ୟ ୩ ମାସର ସମୟସୀମା ସମ୍ପର୍କରେ ବାଚସ୍ପତି ସମ୍ପୂର୍ଣ୍ଣ ଅବଗତ ରହିଥିବା ବିଶ୍ୱାସଯୋଗ୍ୟ ବୋଲି ସୋମବାର ସୁପ୍ରିମକୋର୍ଟ କହିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ଭି ମୋହନଙ୍କ ଖଣ୍ଡପୀଠ ଟିଏମ୍‌ସିର ମମତା ବାନାର୍ଜୀ ଗୋଷ୍ଠୀର ବରିଷ୍ଠ ବିଧାୟକ ସୋହନଦେବ ଚଟ୍ଟୋପାଧ୍ୟାୟଙ୍କ ଆବେଦନର ଶୁଣାଣି କରି ଏହି ମତ ଦେଇଛନ୍ତି। ଚଟ୍ଟୋପାଧ୍ୟାୟ ଜୁଲାଇ ୭ରେ ବିଧାନସଭା ବାଚସ୍ପତି ରଥିନ୍ଦ୍ର ବୋଷଙ୍କ ନିକଟରେ ୧୦ ବିଧାୟକଙ୍କ ଅଯୋଗ୍ୟତା ଦାବି କରି ଆବେଦନ କରିଥିଲେ। ସେମାନେ ଦଳର ସ୍ୱାର୍ଥ ବିରୋଧରେ କାର୍ଯ୍ୟ କରିଥିବା ଅଭିଯୋଗ କରାଯାଇଥିଲା। ସୁପ୍ରିମକୋର୍ଟ କହିଛନ୍ତି, ବାଚସ୍ପତି ଅଦାଲତଙ୍କ ନିଷ୍ପତ୍ତି ସମ୍ପର୍କରେ ଅବଗତ ଅଛନ୍ତି ଏବଂ ଧାର୍ଯ୍ୟ ସମୟସୀମା ମଧ୍ୟରେ ଉପଯୁକ୍ତ ନିଷ୍ପତ୍ତି ନେବାକୁ ଉଦ୍ୟମ କରିବେ ବୋଲି ଖଣ୍ଡପୀଠର ଆଶା। ୨୦୨୦ ଜାନୁଆରୀରେ ମଣିପୁର ବିଧାନସଭାର ତତ୍କାଳୀନ ବାଚସ୍ପତିଙ୍କୁ ଏକ ଅଯୋଗ୍ୟତା ଆବେଦନ ଉପରେ ୩ ମାସ ମଧ୍ୟରେ ନିଷ୍ପତ୍ତି ନେବାକୁ ସୁପ୍ରିମକୋର୍ଟ ସମୟସୀମା ଧାର୍ଯ୍ୟ କରିଥିଲେ। ବର୍ତ୍ତମାନ ମାମଲାରେ ଏହି ୩ ମାସର ସମୟସୀମା ଅକ୍ଟୋବର ୧୦ରେ ଶେଷ ହେବ। ଏହାର କିଛି ଦିନ ପୂର୍ବରୁ ପଶ୍ଚିମବଙ୍ଗ ବିଧାନସଭା ସଚିବାଳୟ ୧୦ ବିଦ୍ରୋହୀ ବିଧାୟକଙ୍କୁ ନୋଟିସ୍ ଜାରି କରି ଅଯୋଗ୍ୟତା ଆବେଦନ ଉପରେ ଏକ ସପ୍ତାହ ମଧ୍ୟରେ ଜବାବ ମାଗିଥିଲା। ଏହି ୧୦ ବିଧାୟକଙ୍କ ମଧ୍ୟରେ ରତବ୍ରତ ବାନାର୍ଜୀ, ଅରୂପ ରାୟ, ଫିରହାଦ ହାକିମ୍, ସନ୍ଦୀପନ ସାହା, ଅଖରୁଜାମାନ ଅନସାରୀ, ଶିଉଲି ସାହା, ସାବିନା ୟାସ୍ମିନ୍, ବିପ୍ଳବ ମିତ୍ର, ଜାଭେଦ ଖାନ୍ ଓ ରଥିନ ଘୋଷ ଅଛନ୍ତି। ଏହି ମାମଲାରେ ଆବେଦନକାରୀ ବାଚସ୍ପତିଙ୍କୁ ଶୀଘ୍ର ନିଷ୍ପତ୍ତି ନେବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଦାବି କରିଥିଲେ। ଶୁଣାଣି ପରେ ଖଣ୍ଡପୀଠ ଆବେଦନଟିକୁ ନିଷ୍ପତ୍ତି କରିଦେଇଛନ୍ତି।

### ■ ଟିଏମ୍‌ସି ନାମ ଓ ଦଳୀୟ ଚିହ୍ନ ବିବାଦ

## ୪ ମାସରେ ନିଷ୍ପତ୍ତି ନିଅ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୮।୯ (ଏଜେନ୍ସି): ସର୍ବଭାରତୀୟ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଦଳୀୟ ନାମ ଏବଂ ଫୁଲ ଓ ଘାସ ନିର୍ବାଚନ ଚିହ୍ନକୁ ନେଇ ସୃଷ୍ଟ ବିବାଦର ସମାଧାନ ୪ ମାସ ମଧ୍ୟରେ କରିବାକୁ ସୁପ୍ରିମକୋର୍ଟ ନିର୍ବାଚନ ଆୟୋଗଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିଚାରପତି ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ଏହି ଆଦେଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ମମତା ବାନାର୍ଜୀ ଏବଂ ରତବ୍ରତ ବାନାର୍ଜୀଙ୍କ ନେତୃତ୍ୱାଧୀନ ଦୁଇ ପ୍ରତିଦ୍ୱନ୍ଦ୍ୱୀ ଗୋଷ୍ଠୀଙ୍କୁ ନିଜ ନିଜର ଦସ୍ତାବେଜ ଓ ଜବାବ ଦାଖଲ ପ୍ରକ୍ରିୟା ଚାରି ସପ୍ତାହ ମଧ୍ୟରେ ଶେଷ କରିବାକୁ କୁହାଯାଇଛି। ଏହି ପ୍ରକ୍ରିୟା ପୂରଣ ହେବା ପରେ ନିର୍ବାଚନ ଆୟୋଗଙ୍କୁ ଚୂଡ଼ାନ୍ତ ନିଷ୍ପତ୍ତି ନେବା ପାଇଁ ତିନି ମାସ ସମୟ ଦିଆଯାଇଛି। ପୂର୍ବରୁ ନିର୍ବାଚନ ଆୟୋଗ ଏକ ଅନ୍ତରୀଣ ଆଦେଶ ମାଧ୍ୟମରେ ଟିଏମସିର ମୂଳ ନାମ ଓ ଚିହ୍ନ ବ୍ୟବହାର ଉପରେ ରୋକ୍ ଲଗାଇଥିଲେ। ଏହି ଅନ୍ତରୀଣ ବ୍ୟବସ୍ଥା ଅଧୀନରେ ମମତା ବାନାର୍ଜୀଙ୍କ ଗୋଷ୍ଠୀକୁ 'ମମତା ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ' ନାମ ସହ 'ଫୁଟବଲ୍ ଖେଳାଳି' ଚିହ୍ନ ଏବଂ ରତବ୍ରତ ବାନାର୍ଜୀଙ୍କ ଗୋଷ୍ଠୀକୁ 'ଡେମୋକ୍ରାଟିକ୍ ତୃଣମୂଳ କଂଗ୍ରେସ' ନାମ ସହ 'ଲଫାପା' ଚିହ୍ନ ଆବଣ୍ଟନ କରାଯାଇଥିଲା। ନିର୍ବାଚନ ଆୟୋଗଙ୍କ ଏହି ରୋକ୍ ଆଦେଶକୁ ଚ୍ୟାଲେଞ୍ଜ କରି ମମତା ବାନାର୍ଜୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

### ଉତ୍ତରପ୍ରଦେଶ ନିର୍ବାଚନ

## ୧୫୦ ଆସନରୁ କମ୍‌ରେ ଲଢ଼ିବନି କଂଗ୍ରେସ

ନୂଆଦିଲ୍ଲୀ, ୨୮।୯ (ଏଜେନ୍ସି): ଉତ୍ତରପ୍ରଦେଶର ୨୦୨୭ ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ଓ ବିଜେପି ନିଜ ନିଜ ସାଂଗଠନିକ ପ୍ରସ୍ତୁତି ଜୋରଦାର କରିଛନ୍ତି। କଂଗ୍ରେସ ମେଣ୍ଟ ସହଯୋଗୀଙ୍କ ସହ ଆସନ ବୁଝାମଣା ଅକ୍ଟୋବରରେ ଚୂଡ଼ାନ୍ତ କରିବା ନେଇ ସଙ୍କେତ ଦେଇଛି। ସେପଟେ ବିଜେପି ମଥୁରାରେ ୨ ଦିନିଆ ସାଂଗଠନିକ ବୈଠକ କରିବ। ଉତ୍ତରପ୍ରଦେଶ କଂଗ୍ରେସ ପ୍ରଭାରୀ ରାଜେନ୍ଦ୍ର ପାଲ ଗୌତମ କହିଛନ୍ତି, ଦଳ ରାଜ୍ୟର ସମସ୍ତ ୪୦୩ ବିଧାନସଭା ଆସନରେ ପ୍ରାର୍ଥୀ ଦେବା ପାଇଁ ପ୍ରସ୍ତୁତ ଅଛି। ମେଣ୍ଟ ବ୍ୟବସ୍ଥାରେ କଂଗ୍ରେସ ୧୫୦ରୁ କମ୍ ଆସନରେ ଲଢ଼ିବ ନାହିଁ ବୋଲି ସେ କହିଛନ୍ତି। ଅକ୍ଟୋବରରେ ଆସନ ବଣ୍ଟନ ଚୂଡ଼ାନ୍ତ ହେବାର ସମ୍ଭାବନା ଥିବା ସେ ଦର୍ଶାଇଛନ୍ତି। କଂଗ୍ରେସ ଓ ସମାଜବାଦୀ ପାର୍ଟି ଉତ୍ତରପ୍ରଦେଶରେ ଇଣ୍ଡିଆ ମେଣ୍ଟର ପ୍ରମୁଖ ଅଂଶୀଦାର। ୨୦୨୪ ଲୋକସଭା ନିର୍ବାଚନରେ ଉଭୟ ଦଳ ମିଳିତ ଭାବେ ନିର୍ବାଚନ ଲଢ଼ିଥିଲେ। ଏବେ ୨୦୨୭ ବିଧାନସଭା ନିର୍ବାଚନ ପାଇଁ ଆସନ ବଣ୍ଟନ ନେଇ ଦୁଇ ଦଳ ମଧ୍ୟରେ ଆଲୋଚନା ହେବ। ଚୂଡ଼ାନ୍ତ ବୁଝାମଣା ଦଳୀୟ ଶୀର୍ଷ ନେତୃତ୍ୱର ନିଷ୍ପତ୍ତି ଉପରେ ନିର୍ଭର କରିବ। ଗୌତମଙ୍କ ଅନୁଯାୟୀ, ଗତ ଦୁଇ ମାସ ଧରି କଂଗ୍ରେସ ଆସନ ବଣ୍ଟନ ପ୍ରସଙ୍ଗରେ ପ୍ରସ୍ତୁତି ଚଳାଇଛି। ରାହୁଲ ଗାନ୍ଧୀ, ମଲ୍ଲିକାର୍ଜୁନ ଖଡ଼ଗେ, ପ୍ରିୟଙ୍କା ଗାନ୍ଧୀ, କେସି. ବେଣୁଗୋପାଳ ଓ ସେ ନିଜେ ଏହି ପ୍ରକ୍ରିୟା ଦେଖୁଥିବା କହିଛନ୍ତି। ଅନ୍ୟପକ୍ଷରେ, ବିଜେପି ମଥୁରାରେ ଅକ୍ଟୋବର ୩ ଓ ୪ରେ ସାଂଗଠନିକ ବୈଠକ କରିବ। ଦଳର ଜାତୀୟ ସଭାପତି ନିତିନ ନବୀନ ଏଥିରେ ଅଧ୍ୟକ୍ଷତା କରିବେ। ୟୁପିର ବରିଷ୍ଠ ବିଜେପି ନେତା ଓ ପଦାଧିକାରୀଙ୍କ ସହ ବ୍ରଜ ଅଞ୍ଚଳର ଦଳୀୟ କାର୍ଯ୍ୟକର୍ତ୍ତାମାନେ ମଧ୍ୟ ବୈଠକରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

**ଅକ୍ଟୋବରରେ ସିଟ୍ ବଣ୍ଟନ ନେଇ ନିଷ୍ପତ୍ତି**

## ବିଧାନସଭାରେ ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ପ୍ରସ୍ତାବ ପାରିତ



ଶ୍ରୀନଗର, ୨୮।୯ (ଏଜେନ୍ସି): ବିଜେପି ବିଧାୟକଙ୍କ ହଟ୍ଟଗୋଳ ଓ ୱାକ୍‌ଆଉଟ୍ ମଧ୍ୟରେ ସୋମବାର ଜମ୍ମୁ-କଶ୍ମୀର ବିଧାନସଭାରେ ରାଜ୍ୟ ମାନ୍ୟତା ପୁନଃସ୍ଥାପନ ପାଇଁ ପ୍ରସ୍ତାବ ପାରିତ ହୋଇଛି। ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏହି ପ୍ରସ୍ତାବ ଆଣିଥିଲେ। ପ୍ରସ୍ତାବ ଉପରେ ଆଲୋଚନା ସମୟରେ ବିଜେପି ବିଧାୟକମାନେ ବିଧାନସଭାର ମଧ୍ୟଭାଗକୁ ଯାଇ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ସରକାରଙ୍କୁ ବରଖାସ୍ତ କରିବା ଏବଂ ବାଚସ୍ପତି ଅବଦୁଲ୍ ରହିମ ରାଥରଙ୍କୁ ପଦରୁ ହଟାଇବା ଦାବିରେ ନାରାବାଜି କରିଥିଲେ। ଏହାକୁ ନେଇ ଗୃହରେ ହଟ୍ଟଗୋଳ ସୃଷ୍ଟି ହୋଇଥିଲା। କିଛି ବିଜେପି ସଦସ୍ୟଙ୍କୁ ମାର୍ଶାଲଙ୍କ ଦ୍ୱାରା ବାହାରକୁ ନିଆଯାଇଥିଲା। ବିଜେପି ରାଜ୍ୟ ମାନ୍ୟତା ପୁନଃସ୍ଥାପନର ଦାବିକୁ ସମର୍ଥନ କରୁଥିବା କହିଥିଲେ ମଧ୍ୟ ପ୍ରସ୍ତାବର ଭାଷା ଓ ୨୦୦୦ ମସିହାର ସ୍ୱାୟତ୍ତତା ପ୍ରସ୍ତାବ ସମ୍ପର୍କିତ ଉଲ୍ଲେଖକୁ ବିରୋଧ କରିଛି। ବିରୋଧୀ ଦଳ ନେତା ସୁନୀଲ ଶର୍ମା କହିଛନ୍ତି, ଦଳ ରାଜ୍ୟ ମାନ୍ୟତା ସପକ୍ଷରେ ଅଛି, କିନ୍ତୁ ପ୍ରସ୍ତାବରେ ବ୍ୟବହୃତ କିଛି ଶବ୍ଦକୁ ନେଇ ଆପତ୍ତି ରହିଛି। ଅନ୍ୟପକ୍ଷରେ, ଓମାର ଅବଦୁଲ୍ଲା କହିଛନ୍ତି ଯେ ଜମ୍ମୁ-କଶ୍ମୀରର ରାଜ୍ୟ ମାନ୍ୟତା ପୁନଃସ୍ଥାପନ କୌଣସି ଦାନ ନୁହେଁ, ଏହା ଅଧିକାରର ପ୍ରଶ୍ନ। ୨୦୦୦ ମସିହାର ପ୍ରସ୍ତାବରେ ପୂର୍ବତନ ଜମ୍ମୁ-କଶ୍ମୀରର ୧୯୫୩ ପୂର୍ବ ସ୍ଥିତି ପୁନଃସ୍ଥାପନ ଦାବି କରାଯାଇଥିଲା। ଏହି ଉଲ୍ଲେଖକୁ ନେଇ ବର୍ତ୍ତମାନର ପ୍ରସ୍ତାବକୁ ବିଜେପି ବିରୋଧ କରୁଛି।

## ଆପ୍‌କୁ ମିଳୁଥିବା ଦାନରେ ୬୮% ହ୍ରାସ

ନୂଆଦିଲ୍ଲୀ, ୨୮।୯ (ଏଜେନ୍ସି): ଆମ୍ ଆଦ୍‌ମୀ ପାର୍ଟି (ଆପ୍)କୁ ୨୦୨୫-୨୬ ଆର୍ଥିକ ବର୍ଷରେ ମିଳିଥିବା ଦାନରେ ପ୍ରାୟ ୬୮% ହ୍ରାସ ଘଟିଛି। ସଦ୍ୟତମ ରିପୋର୍ଟ ଅନୁସାରେ, ଏହି ବର୍ଷ ଆପ୍‌କୁ ମୋଟ ୧୨.୧୦ କୋଟି ଟଙ୍କା ଦାନ ମିଳିଛି। ୨୦୨୪-୨୫ରେ ଏହି ପରିମାଣ ୩୮.୧୦ କୋଟି ଟଙ୍କା ଥିଲା। ଆପ୍‌ର ମୋଟ ଦାନର ପ୍ରାୟ ୮୩% ଦୁଇଟି ସଂସ୍ଥାଠାରୁ ଆସିଛି। ପ୍ରୁଡେଣ୍ଟ ଇଲେକ୍ଟୋରାଲ୍ ଟ୍ରଷ୍ଟ ଓ ଟ୍ରାଇଡେଣ୍ଟ ଲିମିଟେଡ୍ ପ୍ରତ୍ୟେକ ୫ କୋଟି ଟଙ୍କା ଲେଖାଏଁ ଦେଇଛନ୍ତି। ଟ୍ରାଇଡେଣ୍ଟ ଲିମିଟେଡ୍‌ର ପ୍ରତିଷ୍ଠାତା ହେଉଛନ୍ତି ଆପ୍‌ର ପୂର୍ବତନ ରାଜ୍ୟସଭା ସାଂସଦ ରାଜିନ୍ଦର ଗୁପ୍ତା। ୨୦୨୫ ଅକ୍ଟୋବରରେ ଗୁପ୍ତା ଆପ୍ ଟିକେଟ୍‌ରେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ଟ୍ରାଇଡେଣ୍ଟ ପକ୍ଷରୁ ୫ କୋଟି ଟଙ୍କାର ଚେକ୍ ୨୦୨୬ ଜାନୁଆରୀ ୯ରେ ଦିଆଯାଇଥିଲା। ସେତେବେଳେ ଗୁପ୍ତା ଆପ୍‌ରେ ଥିଲେ। ପରେ ଏପ୍ରିଲରେ ଗୁପ୍ତା ବିଜେପିରେ ଯୋଗ ଦେଇଥିଲେ। ଆପ୍‌ର ରିପୋର୍ଟରେ ୧, ୨୦୨ଟି ଦାନ ର ରେକର୍ଡ ରହିଛି। ପଞ୍ଜାବ ଆପ୍ ସଭାପତି ଅମନ ଅରୋରା ୧୦ ହଜାର ଟଙ୍କା ଲେଖାଏଁ ୧୨ ଥର ଦାନ କରିଥିବା ଦର୍ଶାଯାଇଛି। ଏହାର ମୋଟ ପରିମାଣ ୧.୨୦ ଲକ୍ଷ ଟଙ୍କା।

## ମସ୍‌ଜିଦ୍ ଭଙ୍ଗାକୁ ନେଇ ଉତ୍ତେଜନା



■ ୧୦ ଜଣଙ୍କ ନାଁରେ ମାମଲା
■ ୨୫୦୦ ପୁଲିସ ମୁତୟନ

ଉଜ୍ଜୟିନୀ, ୨୮।୯ (ଏଜେନ୍ସି): ମଧ୍ୟପ୍ରଦେଶର ଉଜ୍ଜୟିନୀରେ ରାସ୍ତା ପ୍ରଶସ୍ତୀକରଣ ପାଇଁ ଶାହୀ ମସଜିଦର ଏକ ଅଂଶ ଭାଙ୍ଗିବାକୁ ନେଇ ସୋମବାର ଉତ୍ତେଜନା ଦେଖାଦେଇଛି। ଭଙ୍ଗା କାର୍ଯ୍ୟ ବେଳେ କିଛି ଲୋକ ଓ ପୁଲିସ ମଧ୍ୟରେ ଧସ୍ତାଧସ୍ତି ଓ ପଥରମାଡ଼ ହୋଇଥିବା ପୁଲିସ କହିଛି। ଘଟଣାରେ ପ୍ରାୟ ୬ ଜଣ ପୁଲିସକର୍ମୀ ଆହତ ହୋଇଛନ୍ତି। ପୁଲିସ ଏହି ଘଟଣାରେ ୧୦ ଜଣଙ୍କ ବିରୋଧରେ ଏତଲା ରୁଜୁ କରିଛି। ସେମାନଙ୍କ ମଧ୍ୟରୁ ୫ ଜଣ ସାମାଜିକ ଗଣମାଧ୍ୟମର ପ୍ରଭାବଶାଳୀ ବ୍ୟକ୍ତି ବୋଲି ଜଣେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି। ସେମାନେ ଭୁଲ ତଥ୍ୟ ପ୍ରଚାର କରି ଶାନ୍ତି ଭଙ୍ଗ କରିଥିବା ଅଭିଯୋଗ ରହିଛି। ଭଙ୍ଗା କାର୍ଯ୍ୟ ପାଇଁ ସୁରକ୍ଷା ଯୋଗାଇବାକୁ ପହଞ୍ଚିଥିବା ପୁଲିସ ଟିମ୍ ଉପରକୁ ମହିଳାଙ୍କ ସମେତ ଏକ ଗୋଷ୍ଠୀ ପଥରମାଡ଼ କରିଥିଲା। ଭିଡ଼କୁ ନିୟନ୍ତ୍ରଣ କରିବାକୁ ଲୁହବୁହା ଗ୍ୟାସ ପ୍ରୟୋଗ ଏବଂ ଲାଠିଚାର୍ଜ କରାଯାଇଥିଲା। ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲେ ମଧ୍ୟ ଆଇନଶୃଙ୍ଖଳା ରକ୍ଷା ପାଇଁ ପ୍ରାୟ ୨୫୦୦ ପୁଲିସକର୍ମୀ ମୁତୟନ ହୋଇଛନ୍ତି। ମୁସଲିମ ସମ୍ପ୍ରଦାୟର ମହିଳାମାନେ ବହୁ ସଂଖ୍ୟାରେ ଘଟଣାସ୍ଥଳରେ ପହଞ୍ଚି ଭଙ୍ଗା କାର୍ଯ୍ୟ ବନ୍ଦ କରିବା ଦାବିରେ ପ୍ରତିବାଦ କରିଛନ୍ତି। ସୂଚନା ଅନୁସାରେ ସିଂହସ୍ଥ କୁମ୍ଭମେଳା ପାଇଁ ପ୍ରଶାସନ ପକ୍ଷରୁ ରାସ୍ତା ପ୍ରଶସ୍ତିକରଣ ହେଉଛି। ସେଥିରେ ମସ୍‌ଜିଦର କିଛି ଅଂଶ ବାଧକ ସାଜିଛି। ସେପଟେ ମସଜିଦ ପରିଚାଳନା କମିଟି ଏହା ୧୦୦ ବର୍ଷରୁ ଅଧିକ ପୁରୁଣା ବୋଲି ଦାବି କରିଛି। ମାମଲାର ଶୁଣାଣି ସୋମବାର ମଧ୍ୟପ୍ରଦେଶ ହାଇକୋର୍ଟର ଇନ୍ଦୋର ଖଣ୍ଡପୀଠରେ ହେବାକୁ ରହିଛି।

### ସୋହରାବୁଦ୍ଦିନ ଶେଖ୍ ଏନ୍‌କାଉଣ୍ଟର ମାମଲା

# ୨୨ ଜଣଙ୍କୁ ନିର୍ଦ୍ଦୋଷ ଘୋଷଣାର ପୁନଃସମୀକ୍ଷା କରିବେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୮।୯ (ଏଜେନ୍ସି): ବହୁଚର୍ଚ୍ଚିତ ସୋହରାବୁଦ୍ଦିନ ଶେଖ ଏନକାଉଣ୍ଟର ମାମଲାରେ ୨୨ ଜଣ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ଘୋଷଣା କରାଯିବା ମାମଲାର ପୁନଃସମୀକ୍ଷା କରିବାକୁ ସୁପ୍ରିମକୋର୍ଟ ସମ୍ମତି ଦେଇଛନ୍ତି। ଏହି ୨୨ ଜଣଙ୍କ ମଧ୍ୟରେ ୨୧ ଜଣ ପୁଲିସ ଅଧିକାରୀ ଅଛନ୍ତି। ବମ୍ବେ ହାଇକୋର୍ଟଙ୍କ ମେ' ୭ର ରାୟକୁ ଚ୍ୟାଲେଞ୍ଜ କରି ସୋହରାବୁଦ୍ଦିନଙ୍କ ଭାଇ ନୟାବୁଦ୍ଦିନ ଶେଖ ଦାଏର କରିଥିବା ଆବେଦନର ଶୁଣାଣି କରି କୋର୍ଟ ଏହି ପଦକ୍ଷେପ ନେଇଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ବିଚାରପତି ଭି ମୋହନାଙ୍କ ଖଣ୍ଡପୀଠ ମାମଲାରେ ସାକ୍ଷୀଙ୍କ ବୟାନ ଯାଞ୍ଚ କରିବାକୁ କହିଛନ୍ତି। ଅନ୍ତତଃ ଗୁରୁତ୍ୱପୂର୍ଣ୍ଣ ୩ରୁ ୪ ଜଣ ସାକ୍ଷୀଙ୍କ ବୟାନ ଦାଖଲ କରିବାକୁ ଆବେଦନକାରୀ ପକ୍ଷକୁ କୋର୍ଟ କହିଛନ୍ତି। ଏହି ମାମଲାରେ ଅଭିଯୋଗକାରୀଙ୍କ ପକ୍ଷରୁ ୯୨ ଜଣ ସାକ୍ଷୀ ପରେ ନିଜ ବୟାନରୁ ଓହରିଯାଇଛନ୍ତି। ଏହାକୁ ନେଇ ଖଣ୍ଡପୀଠ ଚିନ୍ତା ପ୍ରକାଶ କରିଛନ୍ତି। ବିଚାରପତି ବାଗଚୀ ମାମଲାର ଶୁଣାଣି ନିରପେକ୍ଷ ଓ ନ୍ୟାୟସଙ୍ଗତ ଭାବେ ହୋଇଥିଲା କି ନାହିଁ, ତାହା ବିଚାର କରିବା ଆବଶ୍ୟକ ବୋଲି କହିଛନ୍ତି। ୨୦୧୮ ଡିସେମ୍ବରରେ ମୁମ୍ବାଇର ସ୍ୱତନ୍ତ୍ର ସିବିଆଇ କୋର୍ଟ ଏହି ମାମଲାରେ ସମସ୍ତ ୨୨ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ଘୋଷଣା କରିଥିଲେ। ଏହା ବିରୋଧରେ ରୁବାବୁଦ୍ଦିନ ଓ ନୟାବୁଦ୍ଦିନ ହାଇକୋର୍ଟରେ ଆବେଦନ କରିଥିଲେ। ମେ' ୭ରେ ବମ୍ବେ ହାଇକୋର୍ଟ ସ୍ୱତନ୍ତ୍ର ସିବିଆଇ କୋର୍ଟଙ୍କ ରାୟକୁ ବଜାୟ ରଖିଥିଲେ। ସିବିଆଇର ଅଭିଯୋଗ ଅନୁସାରେ, ୨୦୦୫ ନଭେମ୍ବର ୨୨-୨୩ ରାତିରେ ସୋହରାବୁଦ୍ଦିନ, ତାଙ୍କ ପତ୍ନୀ କୌସର ବି ଓ ସହଯୋଗୀ ତୁଲସୀରାମ ପ୍ରଜାପତି ହାଇଦ୍ରାବାଦରୁ ମହାରାଷ୍ଟ୍ରର ସାଙ୍ଗଲି ଯାଉଥିଲେ। ଏତିକିବେଳେ ଏକ ପୁଲିସ ଦଳ ସେମାନଙ୍କୁ ହେପାଜତକୁ ନେଇଥିଲା। ୨୦୦୫ ନଭେମ୍ବର ୨୬ରେ ଅହମଦାବାଦ ନିକଟରେ ସୋହରାବୁଦ୍ଦିନଙ୍କୁ ଗୁଜରାଟ ଓ ରାଜସ୍ଥାନ ପୁଲିସ ଏନକାଉଣ୍ଟରରେ ହତ୍ୟା କରାଯାଇଥିବା ସିବିଆଇ ଅଭିଯୋଗ କରିଥିଲା। ତିନି ଦିନ ପରେ କୌସର ବିଙ୍କୁ ମଧ୍ୟ ହତ୍ୟା କରାଯାଇଥିବା ଅଭିଯୋଗ ରହିଛି। ଏହି ଘଟଣାର ପ୍ରମୁଖ ସାକ୍ଷୀ ତୁଲସୀରାମ ପ୍ରଜାପତିଙ୍କୁ ୨୦୦୬ ଡିସେମ୍ବର ୨୭ରେ ଗୁଜରାଟ-ରାଜସ୍ଥାନ ସୀମା ନିକଟରେ ପୁଲିସ ଏନକାଉଣ୍ଟରରେ ହତ୍ୟା କରାଯାଇଥିଲା। ଏବେ ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ସାକ୍ଷୀଙ୍କ ବୟାନ ଯାଞ୍ଚ କରି ନିମ୍ନ ଅଦାଲତର ନିର୍ଦ୍ଦୋଷ ଘୋଷଣା ରାୟର ପୁନଃସମୀକ୍ଷା କରିବେ।

## ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଛାତ୍ରୀଙ୍କୁ ଅସଦାଚରଣ; ୩ ଛାତ୍ର ନିଲମ୍ବିତ

ନୂଆଦିଲ୍ଲୀ, ୨୮।୯ (ଏଜେନ୍ସି): ଦୁଇ ଜଣ ହିନ୍ଦୁ କଲେଜ ଛାତ୍ରୀଙ୍କୁ ଅନୁସରଣ ଓ ଅସଦାଚରଣ କରିବା ଅଭିଯୋଗରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ୩ ଜଣ ଏଲ୍‌ଏଲ୍‌ବି ଛାତ୍ରଙ୍କୁ ନିଲମ୍ବିତ କରାଯାଇଛି। ଦିଲ୍ଲୀ ପୁଲିସ ଏହି ଘଟଣାରେ ଏତଲା ରୁଜୁ କରିବା ପରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ନିଲମ୍ବିତ ଛାତ୍ରମାନେ ହେଲେ ନମନ, ଅଭିନବ କୁମାର ଓ ଅଭିମନ୍ୟୁ କୁମାର। ସେମାନେ ଲ' ସେଣ୍ଟର-୨ର ଏଲ୍‌ଏଲ୍‌ବି ଛାତ୍ର। ସେପ୍ଟେମ୍ବର ୨୩ରେ ମୁଖାର୍ଜୀ ନଗର ଅଞ୍ଚଳରେ ଦୁଇ ଛାତ୍ରୀଙ୍କୁ ଏକ କାର୍‌ରେ ଅନୁସରଣ କରାଯିବା ସହ ଗାଡ଼ି ଭିତରକୁ ଟାଣିବାକୁ ଉଦ୍ୟମ ହୋଇଥିଲା। ନିଲମ୍ବନ ସହ ୩ ଛାତ୍ରଙ୍କୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଦିଲ୍ଲୀ ବିଶ୍ୱବିଦ୍ୟାଳୟର କୌଣସି ପରିସରରେ ପ୍ରବେଶ କରିବାକୁ ବାରଣ କରାଯାଇଛି।

## ଆଜିର ରାଶିଫଳ

**ମେଷ:** ଅତିଥି ସତ୍କାର କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ସଫଳତା ପାଇଁ କଠିନ ପରିଶ୍ରମ କରିବେ। ରାଜନେତାଙ୍କ ପାଇଁ ଦିନଟି ଭଲ। ଦାନଧର୍ମ କରିବେ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ବିଦ୍ୟାର୍ଥୀ ପଢ଼ାପ୍ରତି ଅଧିକ ଧ୍ୟାନ ଦେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପେଟଜନିତ ସମସ୍ୟା ଦେଖାଦେଇପାରେ। ହସଖୁସିରେ ଦିନ ବିତିବ।

**ମିଥୁନ:** ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ କାମ ଆରମ୍ଭ କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଆୟ ଓ ବ୍ୟୟ ସମାନ ରହିବ। ଲୋକ ସମ୍ପର୍କ ବୃଦ୍ଧି ପାଇବ।

**କର୍କଟ:** ପ୍ରତ୍ୟେକ କାମ ଶାନ୍ତି ଶୃଙ୍ଖଳାର ସହିତ କରିବେ। ପଡୋଶୀଙ୍କ ସହ ସୁସମ୍ପର୍କ ବଢ଼ିବ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଜମି କିଣିପାରନ୍ତି। ଉଧାର ଦେଇପାରନ୍ତି।

**ସିଂହ** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ବନ୍ଧୁଙ୍କ କଥା ଆଘାତ ଦେଇପାରେ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ। ଚକ୍ଷୁ ସମସ୍ୟା ଦେଖାଦେବ।

**କନ୍ୟା:** ସ୍ଥାନକୁ ଯାଇପାରନ୍ତି। ଅଫିସ୍ ସହକର୍ମୀଙ୍କ ସହଯୋଗ ରହିବ। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିପାରେ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। ବରିଷ୍ଠ ଲୋକଙ୍କ ସହଯୋଗ ମିଳିପାରେ। ବ୍ୟକ୍ତିଗତ କାର୍ଯ୍ୟରେ ବାଧା ଉପୁଜିପାରେ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ। ଆୟ ଓ ବ୍ୟୟ ବୃଦ୍ଧି ହେବ।

**ଧନୁ:** ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମ୍ପର୍କୀୟଙ୍କ ସହଯୋଗ ମିଳିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିପାରନ୍ତି। ଦାମ୍ପତ୍ୟଜୀବନ ସୁଖମୟ ହେବ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିପାରେ। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଆୟ ଅନୁସାରେ ଖର୍ଚ୍ଚ ଅଧିକ ହେବ।

## ଆଜିର ଇତିହାସ

- ୧୬୫୦-ଇଂଲଣ୍ଡରେ ପ୍ରଥମ ମ୍ୟାରେଜ୍ ବ୍ୟୁରୋର ଆରମ୍ଭ।
- ୧୮୩୬- ମାଡ୍ରାସ ଚାମ୍ବର ଅଫ୍ କର୍ମସ୍ ଆଣ୍ଡ ଇଣ୍ଡଷ୍ଟ୍ରୀର ସ୍ଥାପନା।
- ୧୯୧୧- ଇଟାଲୀ ଓଟୋମନ ସାମ୍ରାଜ୍ୟ ବିରୋଧରେ ଯୁଦ୍ଧ ଘୋଷଣା କଲା।
- ୧୯୫୯- ଆରତି ଶାହ ଇଂଲିଶ୍ ଚ୍ୟାନେଲ୍ ଅତିକ୍ରମ କଲେ।
- ୧୯୭୮-ପୋପ୍ ଜନ୍ ପଲ୍ ପ୍ରଥମଙ୍କର ରହସ୍ୟମୟ ସ୍ଥିତିରେ ମୃତ୍ୟୁ।

# ଖାଦ୍ୟପୋଯୋଗୀ ହୋମ୍‌ୱାର୍କ



ଚୀନ୍‌ର ସ୍କୁଲ୍ ପିଲାଙ୍କ ମଧ୍ୟରେ ଏବେ ଏକ ବେଶ୍ ଅଜବ ଏବଂ ରୋଚକ ଟ୍ରେଣ୍ଡ ଦେଖିବାକୁ ମିଳୁଛି, ଯାହାକୁ 'ଏଡିବୁଲ୍ ହୋମୱାର୍କ' ବା ଖାଇବା ଯୋଗ୍ୟ ହୋମୱାର୍କ କୁହାଯାଉଛି। ବିଶେଷକରି ଏଠାକାର ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପାଠପଢ଼ା ଏବଂ ପରୀକ୍ଷା ଚାପକୁ କମାଇବା ପାଇଁ ହୋମୱାର୍କ ଖାତା ଓ ବହିକୁ ଚୋବାଇ ଖାଉଥିବାର ଦେଖାଯାଉଛି। ତେବେ ଏଗୁଡ଼ିକ ସତସତିକା ବହି କିମ୍ବା ଖାତା ନୁହେଁ, ବରଂ ଏକ ପ୍ରକାରର ସ୍ନାକ୍ସ। ଏହାକୁ ପତଳା ଚାଉଳ କାଗଜ ସାହାଯ୍ୟରେ ଛୋଟ ଛୋଟ ସ୍କୁଲ ବହି, ଡିକ୍ସନାରୀ ଏବଂ ପ୍ରଶ୍ନପତ୍ର ଭଳି ଡିଜାଇନ୍ କରାଯାଇଛି। ଏହି ନକଲି ବହିଗୁଡ଼ିକ ଉପରେ ଚୀନା ଭାଷାର ପାଠ ଏବଂ ଚିତ୍ରଗୁଡ଼ିକୁ ଖାଦ୍ୟ ଯୋଗ୍ୟ ରଙ୍ଗ ସାହାଯ୍ୟରେ ପ୍ରିଣ୍ଟ କରାଯାଇଥାଏ, ଯାହା ଦେଖିବାକୁ ପୂରା ଅସଲି ବହି ପରି ଲାଗେ। ଚୀନ୍‌ର ଇ-କମର୍ସ ପ୍ଲାଟଫର୍ମଗୁଡ଼ିକ ଏହାକୁ "ଷ୍ଟ୍ରେସ୍ ରିଡ୍ୟୁସର" ବା ମାନସିକ ଚାପ କମାଉଥିବା ଜିନିଷ ବୋଲି କହି ବିକ୍ରି କରୁଛନ୍ତି। ପିଲାମାନଙ୍କ କହିବା ଅନୁସାରେ, ହୋମୱାର୍କକୁ ଚୋବାଇ ଖାଇବା ଦ୍ୱାରା ସେମାନଙ୍କର ପାଠପଢ଼ା ଚାପ କମିଗଲା ଭଳି ଅନୁଭବ ହେଉଛି। ଏହାର ଦାମ୍ ମଧ୍ୟ ବହୁତ କମ୍। ଏହି ଟ୍ରେଣ୍ଡ ଭାଇରାଲ୍ ହେବା ପରେ ଚୀନ୍‌ର ସ୍ୱାସ୍ଥ୍ୟ ବିଶେଷଜ୍ଞ ଏବଂ ଅଭିଭାବକମାନେ ଚିନ୍ତା ପ୍ରକଟ କରିଛନ୍ତି। ଅତି ଶସ୍ତାରେ ମିଳୁଥିବା ଏହି ଖାଦ୍ୟରେ କେମିତିକା ରଙ୍ଗ ବ୍ୟବହାର କରାଯାଉଛି, ତାକୁ ନେଇ ପ୍ରଶ୍ନ ଉଠିଛି, କାରଣ କେମିକାଲ୍ ଯୁକ୍ତ ରଙ୍ଗ ପିଲାଙ୍କ ଲିଭର୍ ଓ କିଡ୍‌ନୀ ଉପରେ ଖରାପ ପ୍ରଭାବ ପକାଇପାରେ। କିଛି ଅଞ୍ଚଳରେ ପ୍ରଶାସନ ସ୍କୁଲ୍ ଆଖପାଖ ଦୋକାନଗୁଡ଼ିକରେ ଏହାକୁ ବିକ୍ରି ନ କରିବାକୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି।

# ବିଶ୍ୱ ହୃଦୟ ଦିବସ

ପ୍ରତିବର୍ଷ ସେପ୍ଟେମ୍ବର ୨୯ ତାରିଖରେ 'ବିଶ୍ୱ ହୃଦୟ ଦିବସ' ପାଳନ କରାଯାଏ। ମଣିଷ ଶରୀରର ହୃତ୍‌ପିଣ୍ଡ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ପୂରା ଶରୀରକୁ ଶକ୍ତି ଯୋଗାଏ। ସନ୍ତୁଳିତ ଖାଦ୍ୟପଦାର୍ଥ ଗ୍ରହଣ, ବ୍ୟାୟାମ, ଧୂମପାନ ବର୍ଜନ ଦ୍ୱାରା ହୃତ୍‌ପିଣ୍ଡ ସୁସ୍ଥ ରହିଥାଏ। ନଚେତ୍ ବିଭିନ୍ନ ପ୍ରକାର ସମସ୍ୟା ଦେଖାଯାଇଥାଏ। ହୃଦ୍‌ରୋଗ ବିଷୟରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ୨୯ ତାରିଖରେ 'ବିଶ୍ୱ ହୃଦୟ ଦିବସ' ପାଳନ କରାଯାଏ। ସାରା ବିଶ୍ୱରେ ହୃଦ୍‌ଘାତ ମୃତ୍ୟୁ ସଂଖ୍ୟା ବଢ଼ୁଥିବାର ଦେଖି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ବିଶ୍ୱ ହୃଦୟ ଫେଡେରେସନ୍ ମିଳିତ ଭାବେ ବିଶ୍ୱ ହୃଦୟ ଦିବସର କଳ୍ପନା କରିଥିଲେ। ଏହି ବିଶେଷ ଦିନ ପାଳନ କରିବାର ଆରମ୍ଭ ପ୍ରଥମେ ୨୦୦୦ ମସିହାରେ ହୋଇଥିଲା। ସେତେବେଳେ ନିଷ୍ପତ୍ତି ନିଆଯାଇଥିଲା ଯେ, ପ୍ରତିବର୍ଷ ସେପ୍ଟେମ୍ବର ମାସ ଶେଷ ରବିବାର ଦିନ ବିଶ୍ୱ ହୃଦୟ ଦିବସ ପାଳନ କରାଯିବ। ୨୦୧୪ରେ ଏଥିରେ ପରିବର୍ତ୍ତନ ଅଣାଯାଇ ସେପ୍ଟେମ୍ବର ୨୯ ତାରିଖକୁ ବିଶ୍ୱ ହୃଦୟ ଦିବସ ଭାବେ ପାଳନ କରିବାକୁ ସ୍ଥିର କରାଗଲା। ସମୟ ପରିବର୍ତ୍ତନ ହେବା ସହ ଲୋକଙ୍କ ଖାଦ୍ୟପେୟ ଏବଂ ଜୀବନଶୈଳୀ ଉପରେ ବେଶ୍ ପ୍ରଭାବ ପଡ଼ିଛି। ଖାଦ୍ୟପେୟ ଅନିୟମିତତା ହେଉ ବା ଶାରୀରିକ ପରିଶ୍ରମର ଅଭାବ, ବର୍ତ୍ତମାନ ହୃଦ୍‌ରୋଗ ଏକ ବଡ଼ ସମସ୍ୟା ହୋଇ ଛିଡ଼ା ହୋଇଛି। ସଚେତନତା ଅଭାବରୁ ଅନେକ ଲୋକ ହୃଦ୍‌ଘାତର ଶିକାର ହେବା ସହ ପ୍ରାଣ ମଧ୍ୟ ହରାଉଛନ୍ତି। ଏପରିକି ଆଜିକାଲି ଯୁବପିଢ଼ିଙ୍କଠାରେ ଏହି ସମସ୍ୟା ଦେଖାଦେଇଛି। ବର୍ତ୍ତମାନ ସମୟରେ ଆଧୁନିକ ଜୀବନଶୈଳୀ ଅନେକ ରୋଗର କାରଣ ପାଲଟିଛି। ତା'ମଧ୍ୟରୁ ସବୁଠାରୁ ବଡ଼ ରୋଗ ହେଉଛି ହୃଦ୍‌ରୋଗ। ଫାଷ୍ଟଫୁଡ୍, ଜଙ୍କଫୁଡ୍, ଅତ୍ୟଧିକ ଚର୍ବିଯୁକ୍ତ ଖାଦ୍ୟ ଖାଇବା, ମଦ୍ୟପାନ, ଧୂମପାନ ସହ କମ୍ ଶାରୀରିକ ପରିଶ୍ରମ କରିବା, ଏପରିକି ବ୍ୟାୟାମରୁ ଦୂରେଇ ରହିବା ଦ୍ୱାରା ହୃଦ୍‌ଯନ୍ତ୍ର ଦୁର୍ବଳ ଏବଂ ରୁଗ୍‌ଣ ହୋଇଯାଇଥାଏ। ଅତ୍ୟଧିକ ଚିନ୍ତା ଓ ଉଦ୍‌ବେଗ ମଧ୍ୟ ହୃଦ୍‌ରୋଗକୁ ଡାକିଆଣେ। ଆଜି ସାରା ବିଶ୍ୱରେ ହୃଦ୍‌ରୋଗ ଏକ ଗମ୍ଭୀର ରୋଗ ଭାବରେ ଉଭା ହୋଇଛି। ଅନେକ ଥର ଲୋକଙ୍କୁ ହଠାତ୍ ବ୍ୟସ୍ତ-ବିବ୍ରତ ଲାଗିଥାଏ। ଏହାକୁ ସାଧାରଣ ଭାବେ ଅନେକ ଅଣଦେଖା ମଧ୍ୟ କରନ୍ତି। ଯଦି ରାତି କିମ୍ବା ସକାଳ ସମୟରେ ବ୍ୟସ୍ତ ବିବ୍ରତ ଲାଗୁଛି କିମ୍ବା ନିଶ୍ୱାସ ନେବାରେ କଷ୍ଟ ବା ଅସୁବିଧା ଅନୁଭବ ହେଉଛି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ। ଛାତି ଯନ୍ତ୍ରଣା ହୃଦ୍‌ଘାତର ସବୁଠାରୁ ବଡ ଲକ୍ଷଣ। ତେଣୁ ପେଟ ଏବଂ ମୁଣ୍ଡ ପରି ଛାତି ଯନ୍ତ୍ରଣାକୁ ଅଣଦେଖା କରନ୍ତୁ ନାହିଁ। ଯଦି ଛାତିରେ ଚାପ ଅନୁଭବ ହେଉଛି, ତେବେ ନିଜ ଡାକ୍ତରଙ୍କ ସହିତ ଯୋଗାଯୋଗ କରି ସଠିକ୍ ସମୟରେ ଏହାର ଚିକିତ୍ସା କରାନ୍ତୁ। ଏହାବାଦ୍ ସକାଳେ ଏବଂ ରାତିରେ ଥଣ୍ଡା ଝାଳ ବାହାରିବା ହୃଦ୍‌ଘାତର ଲକ୍ଷଣ ହୋଇପାରେ। ଏପରି ପରିସ୍ଥିତିରେ ଯଥାଶୀଘ୍ର ଡାକ୍ତରଙ୍କ ନିକଟକୁ ଯାଆନ୍ତୁ, ଯାହାଦ୍ୱାରା ଚିକିତ୍ସା ଠିକ୍ ସମୟରେ ଆରମ୍ଭ ହୋଇପାରିବ।



# 'ଲଭ୍ ଆଣ୍ଡ ୱାର୍' ଆସିଲା ଆଲିଆଙ୍କ ଲୁକ୍

ବଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଁସାଲୀ ଏବେ ତାଙ୍କର ବହୁପ୍ରତୀକ୍ଷିତ ଚଳଚ୍ଚିତ୍ର 'ଲଭ୍ ଆଣ୍ଡ ୱାର୍' ପାଇଁ ଚର୍ଚ୍ଚାରେ ଅଛନ୍ତି। ନିକଟରେ ଫିଲ୍ମରୁ ରଣବୀର କପୁରଙ୍କ ଲୁକ୍ ସାମ୍ନାକୁ ଆସିଥିଲା। ଏହାପରେ ଆଲିଆ ଭଟ୍ଟଙ୍କ ଲୁକ୍ ପ୍ରକାଶ ପାଇଛି। ଫିଲ୍ମ ନିର୍ମାତା ଏକ ପୋଷ୍ଟର୍ ସେୟାର୍ କରି ଆଲିଆଙ୍କ ଲୁକ୍ ଦର୍ଶକଙ୍କ ସାମ୍ନାକୁ ଆଣିଛନ୍ତି। ଏଥିରେ ଆଲିଆ ସମ୍ପୂର୍ଣ୍ଣ ଏକ ଭିନ୍ନ ରୂପରେ ନଜର ଆସିଛନ୍ତି। ସେ ଲାଲ୍ ରଙ୍ଗର ସିକ୍ୱିନ୍ କ୍ରପ୍ ଟପ୍ ଏବଂ ଥାଇ-ହାଇ ସ୍ଲିଟ୍ ସ୍କର୍ଟ ପିନ୍ଧିଛନ୍ତି। ମୁଣ୍ଡରେ ଏକ ଆକର୍ଷଣୀୟ ଫେଦର ହେଡ୍‌ପିସ୍ ଲଗାଇଛନ୍ତି। ପୋଷ୍ଟର୍‌ରେ ଆଲିଆ ଜଣେ ୧୯୬୦ କିମ୍ବା ୭୦ ଦଶକର ଭିଣ୍ଟେଜ୍ କ୍ୟାବରେ ଡାନ୍ସର ଭୂମିକାରେ ନଜର ଆସୁଛନ୍ତି। ଆଲିଆଙ୍କ ଲୁକ୍ ସାମ୍ନାକୁ ଆସିବାର ଠିକ୍ ଗୋଟିଏ ଦିନ ପୂର୍ବରୁ ଫିଲ୍ମରୁ ରଣବୀରଙ୍କ ଏକ ଦମଦାର୍ ଏବଂ ରଫ୍ ଲୁକ୍ ରିଲିଜ୍ ହୋଇଥିଲା। ଏବେ ଫିଲ୍ମରୁ ରଣବୀର ଓ ଆଲିଆଙ୍କ ଲୁକ୍ ଆସିବା ପରେ ଦର୍ଶକେ ଫିଲ୍ମକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ଆଲିଆଙ୍କ ପରେ ଭିକିଙ୍କ ଲୁକ୍ ମଧ୍ୟ ସାମ୍ନାକୁ ଆସିଛି। ଏହି ତିନି କଳାକାର ହିଁ ଫିଲ୍ମର ମୁଖ୍ୟ ଆକର୍ଷଣ। ରଣବୀର ଓ ଆଲିଆ 'ବ୍ରହ୍ମାସ୍ତ୍ର' ପରେ ପୁଣିଥରେ ଏକାଠି କାମ କରୁଥିବା ବେଳେ 'ରାଜି' ଫିଲ୍ମ ପରେ ଆଲିଆ ଓ ଭିକିଙ୍କ ଯୋଡ଼ି ଦେଖିବାକୁ ମିଳିବ। ଅଭିନେତ୍ରୀ ସୁପ୍ରିୟା ପାଠକ ଏହି ଚଳଚ୍ଚିତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖାଯିବେ। ଏହି ଚଳଚ୍ଚିତ୍ରଟି ୨୧ ଜାନୁଆରୀ, ୨୦୨୭ରେ ମୁକ୍ତିଲାଭ କରିବ। ଫିଲ୍ମର ସୁଟିଂ ସମ୍ପୂର୍ଣ୍ଣ ଶେଷ ହୋଇସାରିଛି ଏବଂ ବର୍ତ୍ତମାନ ଏହାର ପୋଷ୍ଟ-ପ୍ରଡକ୍ସନ କାମ ଚାଲିଛି। ଯୁଦ୍ଧର ପୃଷ୍ଠଭୂମିରେ ଗଢ଼ିଉଠିଥିବା ତ୍ରିକୋଣୀୟ ପ୍ରେମକୁ ନେଇ ଫିଲ୍ମର କାହାଣୀ।



# ବିଟ୍ ଚାଷ

ବିଟ୍ ଚାଷ ପାଇଁ ଆର୍ଦ୍ର ଓ ଥଣ୍ଡା ଜଳବାୟୁ ସର୍ବୋତ୍ତମ। ନିଗିଡ଼ା, ଉର୍ବର ଦୋରସା ମାଟିରେ ବିଟ୍ ଚାଷ ଭଲ ହୋଇଥାଏ। ଏହି ଚାଷ ପାଇଁ କିସମ ହେଉଛି ଡାଟ୍ରୋଇଟ୍, ଡାର୍କରେଡ୍, ଗ୍ଲୋବ ଇତ୍ୟାଦି। ଚାଷ ପାଇଁ ଏକର ପ୍ରତି ୩ କି.ଗ୍ରା ବିହନ ଆବଶ୍ୟକ। ଏକ କି.ଗ୍ରା. ବିହନକୁ ତିନି ଗ୍ରାମ୍ ଥିରାମ୍ କିମ୍ବା କାପଟାନ୍‌ରେ ବିଶୋଧନ କରାଯାଏ। ପ୍ରଥମେ ଗୁଣ୍ଡଚାଷ କରି ଜମିକୁ ପ୍ରସ୍ତୁତି କରାଯାଇ ୧୦ ଟନ୍ ଖତ ଦିଆଯାଏ। ସେପ୍ଟେମ୍ବରରୁ ନଭେମ୍ବରରେ ବିଟ୍ ଲଗାଯାଏ। ଗଛ ଲଗାଇବାର ଦୂରତା ୩୦ରୁ ୪୦ ସେମି x ୫ରୁ ୬ ସେମି। ସେହିପରି ବିହନ ଲଗାଇବା ପୂର୍ବରୁ ବିହନକୁ ୬ଘଣ୍ଟା ବତୁରାଇ ୨ ସେମି ଗଭୀରରେ ଲଗାଯାଏ। ଲଗାଇବା ସମୟରେ ସିଆରରେ ଏକର ପ୍ରତି ୧୨ କି.ଗ୍ରା. ଯବକ୍ଷାରଜାନ, ୧୬ କି.ଗ୍ରା. ଫସ୍‌ଫରସ୍ ଏବଂ ୨୦ କି.ଗ୍ରା. ପୋଟାସିୟମ ଦିଆଯାଏ। ପୁନଶ୍ଚ ୨୫ ଏବଂ ୪୦ ଦିନରେ ୬ କି.ଗ୍ରା. ଯବକ୍ଷାରଜାନ ପ୍ରତିଥର ଦିଆଯାଏ। ପରବର୍ତ୍ତୀ ସମୟରେ ଫସଲରେ ଖତ ବ୍ୟବହାର କରିପାରିବେ। ମାଟି ଯେପରି ଶୁଖିବା ଅନୁଚିତ ତାହାକୁ ଧ୍ୟାନ ଦେବା ଆବଶ୍ୟକ। ଗଛ ମୂଳକୁ ହୁଡ଼ା ଟେକି ବୁଦା ପ୍ରତି ଗୋଟିଏ ଗଛ ରଖାଯାଏ। ଗଛ ଲଗାଇବାର ୪୫ରୁ ୬୦ ଦିନରେ ଏକର ପ୍ରତି ୧୦୦ରୁ ୧୫୦ କ୍ୱିଣ୍ଟାଲ ଅମଳ ମିଳିପାରେ। ଯଦି ଚାହିଁବେ ଉର୍ବରଯୁକ୍ତ ମାଟି ଓ ଖତ ଦେଇ କୁଣ୍ଡରେ ମଧ୍ୟ ବିଟ୍ ଲଗାଇ ପାରିବେ।

# ଗ୍ଲାଡିଓଲସ୍ ଫୁଲ

ଗ୍ଲାଡିଓଲସ୍ ଏକ ବ୍ୟବସାୟିକଭିତ୍ତିକ ଫୁଲ ଚାଷ। ବଜାରରେ ଏହି ଫୁଲର ଚାହିଦା ସବୁବେଳେ ରହିଥାଏ। ଚାଷ ପାଇଁ ନିଗିଡ଼ା, ଉର୍ବର, ଦୋରସା ମାଟି ସର୍ବୋତ୍ତମ। ଓଡ଼ିଶାର ଜଳବାୟୁରେ ଶୀତଦିନେ ଏହି ଫୁଲ ଚାଷ ଭଲ ହୋଇଥାଏ। ଆମେରିକାନ୍ ବିଉଟି, ଶ୍ୱେତା, ପ୍ରିୟଦର୍ଶନୀ, ପିଟର ପିଅର୍ସ, ଆରତୀ, ରେଡ୍ ବିଉଟି ଆଦି କିସମରୁ ଚାଷ କରାଯାଏ। ଅକ୍ଟୋବର-ନଭେମ୍ବର ମଧ୍ୟରେ କନ୍ଦ ରୁଆ ଯାଏ। କନ୍ଦ ବିଶୋଧନ ପାଇଁ ମାଙ୍କୋଜେବ + କାର୍ବେଣ୍ଡାଜିମ୍ ତିନି ଗ୍ରାମ୍ ପ୍ରତି ଲିଟର ପାଣିରେ ଆବଶ୍ୟକ। ପ୍ରଥମେ ଜମିକୁ ଗୁଣ୍ଡଚାଷ କରି ଏକର ପ୍ରତି ୧୦ ଟନ୍ ଖତ ଦିଆଯାଏ। ୧୨ ଘଣ୍ଟା ବତୁରାଇ ୫ ସେମି ଗଭୀରରେ କନ୍ଦ ଲଗାଯାଏ। ଲଗାଇବା ସମୟରେ ସିଆର ତଳେ ଏକର ପ୍ରତି ୫୦ କି.ଗ୍ରା. ଯବକ୍ଷାରଜାନ, ୭୦ କିଗ୍ରା ଫସ୍‌ଫରସ୍ ଏବଂ ୨୫ କି.ଗ୍ରା ଯବକ୍ଷାରଜାନ ଏବଂ ୬ପତ୍ର ଅବସ୍ଥାରେ ୨୫ କି.ଗ୍ରା. ଲେଖାଏଁ ଯବକ୍ଷାରଜାନ ଓ ପୋଟାସିୟମ ସାର ପ୍ରୟୋଗ କରାଯାଏ। ଏହି ଫୁଲ ଗଛରେ ଲାଗୁଥିବା ବିଭିନ୍ନ ରୋଗପୋକ ସର୍ବେକ୍ଷଣ କରି କୃଷି ବିଶେଷଜ୍ଞଙ୍କ ପରାମର୍ଶରେ ଔଷଧ ପ୍ରୟୋଗ କରିପାରିବେ। କନ୍ଦ ଲଗାଇବାର ୩୫ରୁ ୪୦ ଦିନ ମଧ୍ୟରେ ଫୁଲ ଆସିଥାଏ।

# ଗାଈ ଓ ଛେଳିଙ୍କ ଖୁରାପଚା

**ବର୍ଷା ଦିନେ ପାଣି ବହି ନ ପାରି, ଗୋଟିଏ ସ୍ଥାନରେ ଜମା ହୋଇ ରହିଥାଏ। ଗାଈ ଓ ଛେଳିମାନେ ଏହି ଜଳ ସଂସ୍ପର୍ଶରେ ଆସି ଫୁଟରଟ୍ ବା ଖୁରାପଚା ରୋଗରେ ଆକ୍ରାନ୍ତ ହୋଇଥାନ୍ତି।**

ଏହି ରୋଗରେ ଆକ୍ରାନ୍ତ ଛେଳି ଓ ଗାଈଙ୍କର ଗୋଡ଼ ଓ ଖୁରା ଲାଇନ୍ ଚାରିପଟ ଓ ଦୁଇଖୁରା ମଝି ଅଂଶ ଫୁଲି ଲାଲ୍ ପଡ଼ିଯାଏ। ଗୋଡ଼ ଫୁଲିବା ଯୋଗୁଁ ଜୀବାଣୁ ସଂକ୍ରମଣ ଘଟି ଗୋଡ଼ରୁ ପଚାଗନ୍ଧ ହୁଏ। ଏହାଦ୍ୱାରା ପ୍ରାଣୀଙ୍କଠାରେ ଖାଦ୍ୟ କମ୍ ଖାଇବା, ଓଜନ ହ୍ରାସ, ସାମାନ୍ୟ ଜ୍ୱର, ଦୁଗ୍ଧ ଉତ୍ପାଦନ ହ୍ରାସ ଆଦି ଲକ୍ଷଣ ଦେଖାଯାଏ। ଉପରୋକ୍ତ ଲକ୍ଷଣ ଦେଖିଲେ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶରେ ପ୍ରାଣୀଙ୍କ ପାଦକୁ ଦିନକୁ ଦୁଇଥର ପଟାସିଅମ ପରମାଙ୍ଗାନେଟ୍ (୦.୧%) ଦ୍ରବଣ କିମ୍ବା କପର ସଲଫେଟ୍ (୦.୧%) ଆଦି ଡିସଇନଫେକକାଣ୍ଟ ଦ୍ରବଣରେ ଭଲଭାବେ ଧୋଇ ପାରିବେ। ଏହି ଦ୍ରବଣକୁ ଫୁଟ୍ ବାଥ୍‌ରେ ବ୍ୟବହାର କରାଯାଇପାରିବ। ପାଣି ଜମା ସ୍ଥାନକୁ ଗାଈ, ଛେଳିଙ୍କୁ ଚରିବାକୁ ନ ଛାଡ଼ି ସଫା, ଶୁଖିଲା, ସମତଳ ସ୍ଥାନରେ ବାନ୍ଧି ରଖିବା ଆବଶ୍ୟକ। ପ୍ରାଣୀଚିକିତ୍ସକଙ୍କ ପରାମର୍ଶରେ ଆକ୍ରାନ୍ତ ସ୍ଥାନରେ ଆଣ୍ଟିବାୟୋଟିକ୍ ଆନାଲ୍‌ଜେସିକ୍ ମଲମ ସହ ନିୟମିତ ଡ୍ରେସିଂ ଆବଶ୍ୟକ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଫସଲ ଜମି, ଫଳବଗିଚା, ପନିପରିବା କ୍ଷେତ, ନର୍ସରୀରୁ ଅତିରିକ୍ତ ବର୍ଷାଜଳ ନିଷ୍କାସନ ପାଇଁ ଜଳ ନିଷ୍କାସନ ନାଳୀଗୁଡିକୁ ଖୋଲା ରଖନ୍ତୁ।
- ଲତାଜାତୀୟ ପନିପରିବା, କଦଳୀ ଓ ଅମୃତଭଣ୍ଡା ଗଛ ଆଦିକୁ ବାଡ଼ି/ଖୁଣ୍ଟ ସାହାଯ୍ୟରେ ଡେରା ଦେଇ ସ୍ଥିର କରନ୍ତୁ।
- ଫସଲରେ ପତ୍ରଦାଗ, ଝାଉଁଳା ଏବଂ ଗଣ୍ଠି/ମୂଳ ପଚା ଆଦି ରୋଗ ପାଇଁ ଫସଲକୁ ନିୟମିତ ନିରୀକ୍ଷଣ କରନ୍ତୁ।
- ଚିନାବାଦାମ ଫସଲରେ ମୂଳ ଓ କାଣ୍ଡ ପଚା ରୋଗର ପରିଚାଳନା ପାଇଁ ଏକରପ୍ରତି ୪୦୦ ମିଲି ଭାଲିଡାମାଇସିନ୍ କିମ୍ବା ୩୦୦ ଗ୍ରାମ କାପଟାନ୍ ଓ ହେକ୍ସାକୋନାଜୋଲର ମିଳିତ ଫିମ୍ପିନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।






# କାକ୍ଟସ୍ ନର୍ସରୀରୁ ସ୍ୱାବଲମ୍ବୀ

**ଆଜିକାଲି ଲୋକମାନେ ପାରମ୍ପରିକ ଚାଷ ବଦଳରେ ଆଧୁନିକ, ବ୍ୟବସାୟିକ ଚାଷ ପ୍ରତି ଆକର୍ଷିତ ହେଉଛନ୍ତି। ଏହି କ୍ରମରେ ରାଜସ୍ଥାନ, କୋଟାର ଫିରୋଜ ଖାନ୍ କାକ୍ଟସ ତଥା କଣ୍ଟାଜାତୀୟ ମରୁଭୂମି ଉଦ୍ଭିଦ ଚାଷ କରି ସଫଳ ହୋଇଛନ୍ତି। କାକ୍ଟସ୍ ନର୍ସରୀରୁ ଫିରୋଜ ମାସିକ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି।**

ଫିରୋଜ କୃଷିବିଜ୍ଞାନ କେନ୍ଦ୍ର ଏବଂ ବିଶେଷଜ୍ଞଙ୍କଠାରୁ କାକ୍ଟସ୍‌ର ବିଭିନ୍ନ ପ୍ରଜାତି ବିଷୟରେ ଜାଣିଥିଲେ। ପ୍ରଥମେ ନିଜର ସଉକ ପୂରା କରିବାକୁ ସେ କିଛି କାକ୍ଟସ ଗଛ ଘରେ ଲଗାଇଲେ। ଏହାର ବଜାର ଚାହିଦା ବିଷୟରେ ଜାଣି ପରେ ସେ ଏହାକୁ ବ୍ୟବସାୟର ରୂପ ଦେଲେ। ବର୍ତ୍ତମାନ ସେ ନିଜ ଘରେ କାକ୍ଟସ୍ ଗଛ ଚାରା କରି ଏହାକୁ ବିକ୍ରି କରୁଛନ୍ତି। ଫିରୋଜ କୁହନ୍ତି, କାକ୍ଟସ୍ ବଢ଼ିବା ପାଇଁ କମ୍ ପାଣିର ଆବଶ୍ୟକ ପଡ଼ିଥାଏ। ଏହାର ଦେଖାରଖା ପାଇଁ ଏତେଟା ଖର୍ଚ୍ଚ କରିବାକୁ ପଡ଼େ ନାହିଁ। ଆଜିକାଲି ଘରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ କାକ୍ଟସ୍ ଏକ ଆକର୍ଷଣୀୟ ବିକଳ୍ପ। ତେଣୁ ଫିରୋଜ୍ କାକ୍ଟସ୍ ନର୍ସରୀରୁ ବାର୍ଷିକ ୪ରୁ ୫ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଏହାସହ ସେ ଅନ୍ୟମାନଙ୍କୁ ତାଲିମ ମଧ୍ୟ ଦେଉଛନ୍ତି। ଫିରୋଜଙ୍କ କହିବାନୁସାରେ, ଚାଷୀମାନେ ପାରମ୍ପରିକ ଚାଷ ସହିତ ଏପରି କୃଷିକାର୍ଯ୍ୟ ପ୍ରତି ଧ୍ୟାନ ଦେଲେ ଆୟର ନୂତନ ମାର୍ଗ ଉନ୍ମୋଚନ ହୋଇପାରିବ।

# ଓଉରୁ ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତି

**ଆମ ରାଜ୍ୟରେ ଓଉଫଳ ବହୁଳ ପରିମାଣରେ ଉତ୍ପାଦନ ହୋଇଥାଏ। ଏହାର ରସାଳ ପାଖୁଡ଼ାଗୁଡ଼ିକ ଖଟାଲାଗିଲେ ମଧ୍ୟ ଏହାର ରସ ଅତ୍ୟନ୍ତ ପୁଷ୍ଟିକର ଏବଂ ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍ 'ସି' ଓ ଆଣ୍ଟିଅକ୍ସିଡାଣ୍ଟ ଥାଏ। କିନ୍ତୁ ଏହାର ସଂରକ୍ଷଣ କ୍ଷମତା କମ୍ ଥିବାରୁ, ଖାଦ୍ୟ ପ୍ରକ୍ରିୟାକରଣ ଦ୍ୱାରା ଏଥିରୁ ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତ କରି ବର୍ଷ ତମାମ ବ୍ୟବହାର କରାଯାଇପାରିବ।**



**ଓଉରୁ ଶୁଖିଲା ଖଣ୍ଡ:** ଓଉରୁ ଶୁଖିଲାଖଣ୍ଡ ପ୍ରସ୍ତୁତି ପାଇଁ ପାକଳ ଫଳକୁ ଧୋଇ, ସଫା କରି ପୋଛି ଦିଅନ୍ତୁ। ଫଳକୁ କାଟି ପାଖୁଡ଼ାକୁ ଫଳ ମଧ୍ୟ ଭାଗରେ ଥିବା ମଞ୍ଜି ଓ ଅଠାଳିଆ ରସରୁ ଅଲଗା କରନ୍ତୁ। ପାଖୁଡ଼ାରେ ଥିବା ପତଳାଚୋପାକୁ ଚାଞ୍ଛି ବାହାର କରି, ପାଖୁଡ଼ାକୁ ୨ ସେମି ଚଉଡ଼ାର ଲମ୍ବା ଆକାରରେ ଖଣ୍ଡ ଖଣ୍ଡ କରି କାଟି ଖଣ୍ଡକୁ ୫% ଭାଗ ଲୁଣ ପାଣିରେ ୪୦ ଡିଗ୍ରୀ ସେଣ୍ଟିଗ୍ରେଡ଼ ତାପମାତ୍ରାରେ ଚାରିଘଣ୍ଟା ପାଇଁ ବୁଡ଼ାଇ ରଖନ୍ତୁ। ତାପରେ ଖଣ୍ଡଗୁଡ଼ିକୁ ଧୋଇ, ପୋଛି ଭଲଭାବରେ ଶୁଖେଇ ସାଇତି ରଖନ୍ତୁ ଏବଂ ବର୍ଷସାରା ଆବଶ୍ୟକ ଅନୁସାରେ ଖଟା, ଡାଲମା, ଆଦିରେ ବ୍ୟବହାର କରନ୍ତୁ।

**ମୃଦୁପାନୀୟ ପ୍ରସ୍ତୁତି:** ମୃଦୁପାନୀୟ ପ୍ରସ୍ତୁତି ପାଇଁ ସତେଜ ଖଣ୍ଡକୁ ସମପରିମାଣରେ ପାଣିରେ ୧୦ ମିନିଟ୍ ପର୍ଯ୍ୟନ୍ତ ସିଝାଇ ପାଣି ସହ ବାଟି ଦିଅନ୍ତୁ। ଏହାକୁ ଛାଣି ଫଳରସ ବାହାର କରି ଏଥିରେ ପୂର୍ବରୁ ପ୍ରସ୍ତୁତ ଚିନିସିରା ମିଶାନ୍ତୁ। ମୃଦୁପାନୀୟକୁ ଅଧିକ ସ୍ୱାସ୍ଥ୍ୟଯୁକ୍ତ ଓ ସ୍ୱାଦିଷ୍ଟ କରିବା ପାଇଁ ପସନ୍ଦ ଅନୁଯାୟୀ ଅଦା, ତୁଳସୀ କିମ୍ବା ପୁଦିନା ରସ ମିଶାଇ ବିଶୋଧିତ ବୋତଲରେ ସାଇତି ରଖନ୍ତୁ।

ସେହିପରି ଛଣା ଓଉ ରସରେ ଉପଯୁକ୍ତ ପଦ୍ଧତିରେ ଚିନି ଓ ପେକ୍‌ଟିନ ମିଶାଇ ସ୍ୱାଦିଷ୍ଟ ଜେଲି ମଧ୍ୟ ପ୍ରସ୍ତୁତ କରାଯାଇପାରୁଛି। ଏସବୁ ବ୍ୟତୀତ ସତେଜ ଓଉ ଖଣ୍ଡକୁ ସିଧାସଳଖ ବ୍ୟବହାର କରି ଆଚାର ମଧ୍ୟ ପ୍ରସ୍ତୁତ କରିପାରିବେ।

ଏସବୁ ମୂଲ୍ୟଯୁକ୍ତ ଖାଦ୍ୟପଦାର୍ଥ ବଜାରରେ ମିଳୁଥିବା ଉତ୍ପାଦଠାରୁ ଶସ୍ତା ଓ ସ୍ୱାସ୍ଥ୍ୟପ୍ରଦ ଅଟେ। ବ୍ୟବସାୟିକ ଭିତ୍ତିରେ ଏସବୁର ଉପଯୁକ୍ତ ବିକ୍ରୟ ଦ୍ୱାରା ଓଉ ଉତ୍ପାଦନକାରୀ ଓ ପ୍ରକ୍ରିୟାକରଣ କରୁଥିବା ବ୍ୟକ୍ତିବିଶେଷ ମଧ୍ୟ ଲାଭବାନ ହୋଇପାରିବେ।

ଡ. କଳ୍ପନା ରାୟଗୁରୁ
ଅବସରପ୍ରାପ୍ତ ପ୍ରାଧ୍ୟାପିକା, ଓୟୁଏଟି

## ଆଇଚି-ନାଗୋୟା ଏସିଆନ୍ ଗେମ୍ସ

# ଗୋଟିଏ ଦିନରେ ଭାରତକୁ ୮ ପଦକ

ଟୋକିଓ,୨୮।୯ (ଏଜେନ୍ସି)

ଜାପାନରେ ଚାଲିଥିବା ଏସିଆନ ଗେମ୍ସର ୧୦ମ ଦିନରେ ଭାରତକୁ ୮ଟି ପଦକ ମିଳିଛି। ଏହା ମଧ୍ୟରେ ୪ଟି ରୌପ୍ୟ ଓ ୪ଟି କାଂସ୍ୟ ପଦକ ମିଳିଛି। ଏହାକୁ ମିଶାଇ ଭାରତ ୪ସ୍ୱର୍ଣ୍ଣ, ୨୦ ରୌପ୍ୟ ଓ ୨୧ କାଂସ୍ୟ ସହ ୪୫ଟି ପଦକ ଜିତି ତାଲିକାର ଦ୍ୱାଦଶ ସ୍ଥାନରେ ପୂର୍ବପରି ରହିଛି। ଆଥଲେଟ୍, ସୁଟର ଓ କୁରାଶରେ ଭାରତକୁ ଏହି ପଦକ ମିଳିଛି। ଆଥଲେଟମାନେ ସର୍ବାଧିକ ୮ଟି ପଦକ ଜିତିଥିଲେ ମଧ୍ୟ ଜଣେ ହେଲେ ସ୍ୱର୍ଣ୍ଣପଦକ ଜିତିପାରି ନାହାନ୍ତି। ପୁରୁଷ ଜାଭେଲିନ୍‌ରେ ୨ଟି ପଦକ ଜିତିଛନ୍ତି ଯଶବୀର ସିଂ ଓ ରୋହିତ ଯାଦବ। ପୁରୁଷ ଲଙ୍ଗ୍ ଜମ୍ପରେ ମୁରଲୀ ଶ୍ରୀଶଙ୍କରଙ୍କଠାରୁ ସ୍ୱର୍ଣ୍ଣ ଆଶା କରାଯାଉଥିଲାବେଳେ କ୍ରମାଗତ ରୌପ୍ୟ ପଦକ ଜିତିବାରେ ସୀମିତ ରହିଛନ୍ତି। ମିଡଲ ଓ ଲଙ୍ଗ ଡିଷ୍ଟାନ୍ସ ଗୁଲବୀର ସିଂଙ୍କୁ ରୌପ୍ୟ ଓ ପାରୁଲ ଚୌଧୁରୀଙ୍କୁ କାଂସ୍ୟ ପଦକ ମିଳିଛି। ଉଭୟ ଚଳିତ ଗେମ୍ସରେ ୨ଟି ଲେଖାଏଁ ପଦକ ଜିତିଛନ୍ତି। ମହିଳା ୪୦୦ ମିଟର ଦୌଡ଼ରେ ବିଥ୍ୟା ରାମରାଜ ୪୦ବର୍ଷ ଧରି ପିଟି ଉଷାଙ୍କ ନାମରେ ଥିବା ଜାତୀୟ ରେକର୍ଡ ଭାଙ୍ଗିଦେଇଛନ୍ତି। ସୁଟିଂରେ ଇଶା ସିଂ ରୌପ୍ୟ ଓ କୁରାଶରେ ପିଙ୍କି ବଲହରା ପ୍ରଥମ ପଦକ ଜିତିଛନ୍ତି। ମହିଳା ୪ ଗୁଣା ୪୦୦ ମିଟର ରିଲେ ଦଳ ଫାଇନାଲରେ ପ୍ରବେଶ କରିଛନ୍ତି। ଗତକାଲି ଓ ଆଜିକୁ ମିଶାଇ ୬ଜଣ ବକ୍ସରେ ସେମିଫାଇନାଲରେ ପ୍ରବେଶ କରିବା ଫଳରେ ଭାରତକୁ ଆଉ ୬ଟି ପଦକ ମିଳିବା ନିଶ୍ଚିତ ହୋଇଛି। ପୁରୁଷ ହକିରେ ଭାରତ ଓ ପାକିସ୍ତାନ ସେମିଫାଇନାଲରେ ମୁକାବିଲା ଏହି ପ୍ରତିଯୋଗିତାକୁ ଅଧିକ ରୋମାଞ୍ଚିତ କରିବ ବୋଲି ଆଶା କରାଯାଉଛି।

## ଜାଭେଲିନ୍‌ରୁ ଡବଲ୍ ପଦକ

ଏସିଆନ ଗେମ୍ସ ପୁରୁଷ ଜାଭେଲିନ୍‌ରେ ଭାରତକୁ ଡବଲ ପଦକ ମିଳିଛି। ଏହା ମଧ୍ୟରୁ ରାଜ୍ୟଗୋଷ୍ଠୀ କାଂସ୍ୟ ପଦକ ବିଜେତା ଯଶବୀର ସିଂ ରୌପ୍ୟ ଓ ରୋହିତ ଯାଦବ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଭାରତର ନୀରଜ ଚୋପ୍ରା ଆହତ ଯୋଗୁଁ ଏବଂ ଓଡ଼ିଶାର କିଶୋର ଜେନା ଯୋଗ୍ୟତା ଅର୍ଜନ କରିପାରି ନ ଥିବାରୁ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନ ଥିଲେ। ଆଜି ଅନୁଷ୍ଠିତ ପୁରୁଷ ଜାଭେଲିନ୍ ଇଭେଣ୍ଟରେ ଶ୍ରୀଲଙ୍କାର ରୁମେଶ ୮୮.୫୫ ମିଟରକୁ ଭାଲା ଫିଙ୍ଗି ପ୍ରଥମ ସ୍ଥାନରେ ରହିବା ସହ ସ୍ୱର୍ଣ୍ଣପଦକ କବ୍‌ଜା କରିଥିଲେ। ଚଳିତବର୍ଷ ସେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନରେ ରହିଛନ୍ତି। ତାଙ୍କ ପଛକୁ ରହିଥିଲେ ଭାରତର ଯଶବୀର ସିଂ। ଯଶବୀର ତାଙ୍କ ଜୀବନର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ୮୫.୭୨ ମିଟରକୁ ଜାଭେଲିନ ଫିଙ୍ଗି ଦ୍ୱିତୀୟ ସ୍ଥାନରେ ରହିଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡାରେ ତାଙ୍କୁ ରୁମେଶ ଓ ନୀରଜଙ୍କ ପରେ ତୃତୀୟ ସ୍ଥାନରେ ରହିବାକୁ ପଡ଼ିଥିଲା। ଏଠାରେ ତାଙ୍କୁ ରୌପ୍ୟ ପଦକ ମିଳିଥିଲାବେଳେ ୮୪.୩୫ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗି ରୋହିତ ଯାଦବ କାଂସ୍ୟରେ ସନ୍ତୁଷ୍ଟ ରହିଥିଲେ।




## ଦ୍ୱିତୀୟ ପଦକ ଜିତିଲେ ପାରୁଲ, ଗୁଲ୍‌ବୀର




ଏସିଆନ ଗେମ୍ସରେ ଭାରତର ଶକ୍ତି ହେଉଛି ଦୌଡ଼କୁଦ ଓ ସୁଟିଂ। ସୁଟରମାନେ ନିରାଶ କରିଥିବାବେଳେ ଆଥଲେଟ ପାରୁଲ ଚୌଧୁରୀ ଓ ଗୁଲବୀର ସିଂ ଏହି ପ୍ରତିଯୋଗିତାରେ ୨ଟି ଲେଖାଏଁ ପଦକ ବିଜୟୀ ହୋଇଛନ୍ତି। ପାରୁଲ ମହିଳା ୩୦୦୦ ମିଟର ଷ୍ଟିପଲ ଚେଜ୍‌ରେ କାଂସ୍ୟ ଜିତିବାର ୨୪ ଘଣ୍ଟା ମଧ୍ୟରେ ଦ୍ୱିତୀୟ କାଂସ୍ୟ ପଦକ ୫୦୦୦ ମିଟର ରେସ୍‌ରେ ଜିତିଛନ୍ତି। ଏହି ଇଭେଣ୍ଟକୁ ସେ ୧୫ ମିନିଟ୍ ୧୪.୬୧ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ରହିଥିଲେ।

ପୁରୁଷ ୧୫୦୦ ମିଟର ଦୌଡ଼ରେ ଶ୍ରେଷ୍ଠ ଟାଇମିଂ ସହ ଗୁଲବୀର ୩ ମିନିଟ୍ ୩୬.୭୨ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହିବା ସହ ରୌପ୍ୟରେ ସନ୍ତୁଷ୍ଟ ହୋଇଥିଲେ। ଜାପାନର କାଜୁଟୋ ଲିଜୱା ୩ ମିନିଟ୍ ୩୬.୩୫ ସେକେଣ୍ଡ ସମୟ ନେଇ ଗେମ୍ସ ରେକର୍ଡ ସୃଷ୍ଟି କରିବା ସହ ସ୍ୱର୍ଣ୍ଣପଦକ ଜିତିବାରେ ସମର୍ଥ ହୋଇଥିଲେ। ଗୋଟିଏ ଦିନ ଆଗରୁ ଗୁଲବୀର ପୁରୁଷ ୧୦,୦୦୦ ମିଟର ଦୌଡ଼ରେ ରୌପ୍ୟ ପଦକ ହାସଲ କରିଥିଲେ। ଫଳରେ ଚଳିତ ଏସିଆନ ଗେମ୍ସରେ ଗୁଲବୀର ୨ଟି ରୌପ୍ୟ ପଦକ ଜିତିବାରେ ସଫଳ ହୋଇଛନ୍ତି।

## ଉଷାଙ୍କ ୪୦ ବର୍ଷର ରେକର୍ଡ ଭାଙ୍ଗିଲେ ବିଥ୍ୟା ରାମରାଜ




ଦୌଡ଼କୁଦରେ ଆଜି ଆଉ ଏକ ଜାତୀୟ ରେକର୍ଡ ସୃଷ୍ଟି ହୋଇଛି। ମହିଳା ୪୦୦ ମିଟର ହର୍ଡଲ୍ସ (ବାଧାଦୌଡ଼)ରେ ବିଥ୍ୟା ରାମରାଜ ଏହି ଦୂରତାକୁ ୫୪.୭୫ ସେକେଣ୍ଡରେ ଅତିକ୍ରମ କରି କାଂସ୍ୟ ପଦକ ବିଜୟୀ ହେବା ସହ ପିଟି ଉଷାଙ୍କ ନାମରେ ଥିବା ୪୦ ବର୍ଷର ରେକର୍ଡ ଭାଙ୍ଗିଦେଇଛନ୍ତି। ଉଷା ଏହି ଇଭେଣ୍ଟରେ ୫୫.୪୨ ସେକେଣ୍ଡ ସମୟ ନେଇ ଜାତୀୟ ରେକର୍ଡ ରେକର୍ଡ ସୃଷ୍ଟି କରିଥିଲେ। ପୂର୍ବରୁ ୨୦୨୩ ଏସିଆନ୍ ଗେମ୍ସରେ ଉଷାଙ୍କ ରେକର୍ଡ ସହ ସମକକ୍ଷ ହୋଇଥିଲେ। ଏଥର କିନ୍ତୁ ଆରମ୍ଭରୁ ଶେଷଯାଏ ସେ ଦ୍ରୁତଗତିରେ ଦୌଡ଼ି ରେକର୍ଡ କରିବା ସହ ପଦକ ବିଜୟୀ ହୋଇଥିଲେ। ଏହି ଇଭେଣ୍ଟରେ ଭାଗନେଇଥିବା ଅନ୍ୟ ପ୍ରତିଯୋଗୀ ଅନୁ ରାଘବନ୍ ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ୫୯.୮୮ ସେକେଣ୍ଡ ସମୟ ନେଇ ପଞ୍ଚମ ସ୍ଥାନରେ ରହିଥିଲେ।

## ସ୍ୱର୍ଣ୍ଣ ଜିତିପାରିଲେନି ଶ୍ରୀଶଙ୍କର



ଭାରତକୁ ପୁରୁଷ ଲଙ୍ଗ୍ ଜମ୍ପରେ ରୌପ୍ୟ ପଦକ ମିଳିଛି। ପୁରୁଷ ଲଙ୍ଗ୍ ଜମ୍ପରେ ଭାରତକୁ ସ୍ୱର୍ଣ୍ଣ ଆଶା ଥିଲେ ମଧ୍ୟ ମୁରଲୀ ଶ୍ରୀଶଙ୍କର ଚତୁର୍ଥ ଆଟେମ୍ପଟରେ ଅସୁସ୍ଥ ହୋଇଥିଲେ। କିନ୍ତୁ ପୂର୍ବରୁ ସେ ୮.୦୭ ମିଟରକୁ ଡେଇଁଥିବାରୁ ତାଙ୍କୁ ରୌପ୍ୟ ପଦକ ମିଳିବାରେ କେହି ଅଟକାଇ ପାରି ନ ଥିଲେ। ଚଳିତ ସିଜନରେ ସେ ୫.୩୮ ମିଟରକୁ ଡେଇଁ ସ୍ୱର୍ଣ୍ଣ ଜିତିବାର ସମ୍ଭାବନା ସୃଷ୍ଟି କରିଥିଲେ। ଚୀନ୍‌ର ଶି ୟୁହାଓଙ୍କୁ ସ୍ୱର୍ଣ୍ଣପଦକ ମିଳିଥିଲା।

## ଫାଇନାଲ ସୁଟ୍-ଅଫ୍‌ରେ ହାରିଲେ ଇଶା




ମହିଳା ୨୫ ମିଟର ପିସ୍ତଲ ଇଭେଣ୍ଟରେ ଆଜି ଜୋରଦାର ଲଢ଼େଇ ହୋଇଥିଲା। ଅନ୍ୟମାନଙ୍କ ସହ ଭାରତର ଇଶା ସିଂ ଫାଇନାଲରେ ପ୍ରବେଶ କରିଥିଲେ। ବିଶ୍ୱ ରେକର୍ଡଧାରୀ ଇଶା ଓ ଚୀନ୍‌ର ଜିଆରିଜୁଆନ୍ ଜିଆଓ ଫାଇନାଲ ଲଢ଼େଇରେ ସମାନ ୩୪ ପଏଣ୍ଟ ଲେଖାଏଁ ସ୍କୋର କରିଥିଲେ। ଏଣୁ ସ୍ୱର୍ଣ୍ଣପଦକ ଲାଗି ଏମାନଙ୍କ ମଧ୍ୟରେ ସୁଟ-ଅଫ୍ ମୁକାବିଲା ହୋଇଥିଲା। ଏଥିରେ ଜିଆଓ ଗୋଟିଏ ଅଧିକ ବା ୩୫ ପଏଣ୍ଟ ସ୍କୋର କରି ସ୍ୱର୍ଣ୍ଣ ଓ ଇଶା ପୁଣିଥରେ ୩୪ ପଏଣ୍ଟ ସ୍କୋର କରି ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ବିଶ୍ୱରେକର୍ଡଧାରୀ ଇଶାଙ୍କଠାରୁ ସ୍ୱର୍ଣ୍ଣପଦକ ଆଶା କରାଯାଉଥିଲା। ଏଥର ଭାରତୀୟ ପ୍ରତିଯୋଗୀମାନେ ସ୍ୱର୍ଣ୍ଣ ପଦକ ଜିତିବାରେ ବାରମ୍ବାର ବିଫଳ ହେଉଛନ୍ତି।

## ଆଉ ୩ ବକ୍ସର ପକ୍କା କଲେ ପଦକ

ଏସିଆନ ଗେମ୍ସ ବକ୍ସିଂରେ ଭାରତର ଆଉ ୩ଜଣ ବକ୍ସର ସେମିଫାଇନାଲରେ ପ୍ରବେଶ କରିବା ସହ ପଦକ ପକ୍କା କରିଛନ୍ତି। ପୁରୁଷ ୯୦ କେଜିରୁ ଉର୍ଦ୍ଧ୍ୱ କାଟେଗୋରୀରେ କପିଳ ପୋଖରା, ମହିଳା ୭୫ କେଜିରେ ଲଭଲିନା ବୋରୋଗୋହାଇଁ ଓ ୬୦ କେଜିରେ ପ୍ରିୟା ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏହା ଫଳରେ ଏହି ୩ଜଣ ଅତିକମ୍‌ରେ ଗୋଟିଏ ଲେଖାଏଁ କାଂସ୍ୟ ପଦକ ଜିତିବା ନିଶ୍ଚିତ କରିଛନ୍ତି। ଗତକାଲି ମହିଳା ୬୫ କେଜିରେ ପରବିନ, ପୁରୁଷ ୮୦ କେଜିରେ ଅଙ୍କୁଶ ଓ ୯୦ କେଜିରୁ ଉର୍ଦ୍ଧ୍ୱ କାଟେଗୋରୀରେ ନରେନ୍ଦର ସେମିଫାଇନାଲରେ ପ୍ରବେଶ କରିବା ସହ ପଦକ ଜିତିବା ନିଶ୍ଚିତ କରିଥିଲେ।

## ଚତୁର୍ଥରେ ରହିଲେ ସୀମା, ସାବ୍‌ଲେ ଓ ମହିଳା ରିଲେ ଟିମ୍

ଦୌଡ଼କୁଦରେ ଭାରତ ସର୍ବାଧିକ ପଦକ ଜିତିଛି, କିନ୍ତୁ ଦଳକୁ ଏକାଧିକ ସ୍ୱର୍ଣ୍ଣପଦକ ଓ ପଦକ ହରାଇବାକୁ ପଡ଼ିଛି। ଏହା ମଧ୍ୟରୁ ମହିଳା ଡିସ୍‌କସ୍ ଥ୍ରୋ'ରେ ରାଜ୍ୟଗୋଷ୍ଠୀ ପଦକ ବିଜେତା ସୀମା, ପୁରୁଷ ୩୦୦୦ ମିଟର ଷ୍ଟିପଲ ଚେଜ୍‌ରେ ଅବିନାଶ ସାବ୍‌ଲେ ଓ ମହିଳା ୪ ଗୁଣା ୧୦୦ ମିଟର ରିଲେ ଟିମ୍ ଫାଇନାଲ ମୁକାବିଲାରେ ଚତୁର୍ଥ ସ୍ଥାନରେ ରହି ନିରାଶ କରିଛନ୍ତି। ଏମାନଙ୍କ ଠାରୁ ଭାରତ କେବଳ ପଦକ ନୁହେଁ, ସ୍ୱର୍ଣ୍ଣ ଆଶା ରଖିଥିଲା। କିନ୍ତୁ ଅନ୍ୟ ପ୍ରତିଯୋଗୀମାନେ ଉନ୍ନତ ପ୍ରଦର୍ଶନ କରି ଭାରତୀୟମାନଙ୍କୁ ପଦକ ଜିତିବାକୁ ଦେଇ ନାହାନ୍ତି।

## କୁରାଶରେ ମିଳିଲା ପ୍ରଥମ ପଦକ

ପିଙ୍କି ବଲ୍‌ହରା ଏସିଆନ ଗେମ୍ସ-୨୦୨୬ରେ ଭାରତ ଲାଗି କୁରାଶରେ ପ୍ରଥମ ପଦକ ବିଜୟୀ ହୋଇଛନ୍ତି। ଆଜି ମହିଳା ୭୮ କେଜି ସେମିଫାଇନାଲ ମୁକାବିଲା ଅନୁଷ୍ଠିତ ହୋଇଥିଲା। ଏଥିରେ ଦକ୍ଷିଣ କୋରିଆର ସୁମିନ ମୋ ୫-୦ ଗେମ୍‌ରେ ଭାରତର ପିଙ୍କିଙ୍କୁ ସହଜରେ ପରାସ୍ତ କରିଥିଲେ। ଫଳରେ ପିଙ୍କିଙ୍କର ଦ୍ୱିତୀୟଥର ଏସିଆନ ଗେମ୍ସ ଫାଇନାଲରେ ପ୍ରବେଶ କରିବା ସ୍ୱପ୍ନ ଧୂଳିସାତ ହୋଇଯାଇଥିଲା। ସେ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ।




## ପୁରୁଷ ହକି: ଅକ୍ଟୋବର ୧ରେ ଭାରତ-ପାକିସ୍ତାନ ସେମିଫାଇନାଲ

ନାଗୋୟା, ୨୮।୯ (ଏଜେନ୍ସି): ଭାରତ ଓ ପାକିସ୍ତାନ ମଧ୍ୟରେ ଏସିଆନ ଗେମ୍ସ ପୁରୁଷ ହକି ସେମିଫାଇନାଲ ମୁକାବିଲା ଅକ୍ଟୋବର ୧ ତାରିଖରେ ଖେଳାଯିବ। ଏହିଦିନ ଦକ୍ଷିଣ କୋରିଆ ଓ ମାଲେସିଆ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଗିଫୁ ପରଫେକ୍‌ଚୁଆଲ ଗ୍ରୀନ୍ ଷ୍ଟାଡିୟମ୍‌ରେ ସୋମବାର ଖେଳାଯାଇଥିବା ପୁଲ-ଏ'ର ଶେଷ ଲିଗ୍ ମ୍ୟାଚ୍‌ରେ ଭାରତ ୧୦-୦ ଗୋଲରେ ବାଂଲାଦେଶକୁ ପରାସ୍ତ କରି ଶୀର୍ଷସ୍ଥାନ ହାସଲ କରିଥିଲା। ଭାରତ ନିକଟରୁ ଗୋଟିଏ ମ୍ୟାଚ୍‌ରେ ପରାଜିତ ହୋଇଥିବା ଦକ୍ଷିଣ କୋରିଆ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲକୁ ଯାଇଥିଲା। ପୁଲ-ବି'ରେ ପାକିସ୍ତାନକୁ ହରାଇ ମାଲେସିଆ ବିପର୍ଯ୍ୟୟ ସୃଷ୍ଟି କରିବା ସହ ପ୍ରଥମ ସ୍ଥାନରେ ରହିଥିଲା। ଫଳରେ ଦ୍ୱିତୀୟସ୍ଥାନରେ ଥିବା ପାକିସ୍ତାନ ସେମିଫାଇନାଲରେ ପୁଲ-ଏ'ରେ ପ୍ରଥମ ହୋଇଥିବା ଭାରତ ମଧ୍ୟରେ ସେମିଫାଇନାଲ ମୁକାବିଲା ହେବାକୁ ସ୍ଥିର ହୋଇଛି। ଭାରତୀୟ ଦଳ ଯେତେ ଭଲ ଖେଳିଥିଲେ ମଧ୍ୟ ପାକିସ୍ତାନ ବିପକ୍ଷରେ ସର୍ବଦା ସଂଘର୍ଷ କରିଥାଏ। ଏଥର ମଧ୍ୟ ତାହା ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି। ଫର୍ମରେ ଥିବା ଭାରତ ସ୍ୱର୍ଣ୍ଣ ଆଶା ରଖିଛି।

### ଶିଳାନନ୍ଦଙ୍କ ଡବଲ, ହରମନପ୍ରୀତ୍‌ଙ୍କ ହ୍ୟାଟ୍ରିକ

ଆଜି ଖେଳାଯାଇଥିବା ପୁରୁଷ ହକିର ଶେଷ ଲିଗ୍ ମ୍ୟାଚ୍‌ରେ ଭାରତ ୧୦-୦ ଗୋଲରେ ବାଂଲାଦେଶକୁ ପରାସ୍ତ କରିଥିଲା। ବିଜୟୀ ଭାରତ ପକ୍ଷରୁ ଓଡ଼ିଆ ଫରୱାର୍ଡ ଖେଳାଳି ଶିଳାନନ୍ଦ ଲାକ୍ରା ଡବଲ ଓ ଅଧିନାୟକ ହରମନପ୍ରୀତ ସିଂହ ହ୍ୟାଟ୍ରିକ ସହ ୩ଟି ଗୋଲ ସ୍କୋର କରିଥିଲା। ଅଭିଷେକ, ଯୁଗରାଜ ସିଂହ, ସୁଖଜିତ ସିଂହ, ସଞ୍ଜୟ ଓ ମନ୍‌ଦୀପ ସିଂହ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟର ପୁଲ-ଏ'ରେ ଭାରତ ୫ଟି ମ୍ୟାଚ୍ ଖେଳି ୫ଟିଯାକ ବିଜୟୀ ହୋଇଛି। ଏହି ମ୍ୟାଚ୍ ଗୁଡ଼ିକରେ ଭାରତ ମୋଟରେ ୪୯ଟି ଗୋଲ ସ୍କୋର କରିଥିଲାବେଳେ ମାତ୍ର ୪ଟି ଗୋଲ ବରଣ କରିଛି।

## ପୁରୁଷ କ୍ରିକେଟ: ଭାରତ, ପାକିସ୍ତାନ ସେମିଫାଇନାଲରେ

ନିଶିନ,୨୮।୯(ଏଜେନ୍ସି): ଭାରତ ଓ ପାକିସ୍ତାନ ପ୍ରଥମ ଦୁଇ ଦଳ ଭାବେ ଏସିଆନ ଗେମ୍ସ ପୁରୁଷ କ୍ରିକେଟ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଆଜି ଏଠାରେ ପାକିସ୍ତାନ ବନାମ ହଂକଂ ଏବଂ ଭାରତ ବନାମ ଆଫଗାନିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ଦୁଇଟିଯାକ କ୍ୱାର୍ଟର ଫାଇନାଲ ମୁକାବିଲା କ୍ରମାଗତ ବର୍ଷା ଏବଂ ଓଦା ପଡ଼ିଆ ଯୋଗୁଁ ବାତିଲ କରିବାକୁ ପଡ଼ିଛି। ମ୍ୟାଚ୍ ବାତିଲ ହେବା ପରେ ଆଇସିସି ର୍‍ୟାଙ୍କିଂରେ ଆଗରେ ଥିବା ଟିମ୍ ପାକିସ୍ତାନ ଓ ଭାରତ ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ଆସନ୍ତାକାଲି ବାଂଲାଦେଶ ବନାମ ମାଲେସିଆ ମଧ୍ୟରେ ତୃତୀୟ ଏବଂ ଶ୍ରୀଲଙ୍କା ଓ ନେପାଳ ମଧ୍ୟରେ ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ। ତୃତୀୟ ମ୍ୟାଚ୍‌ର ବିଜେତା ସହ ପାକିସ୍ତାନ ଏବଂ ଚତୁର୍ଥ ମ୍ୟାଚ୍‌ର ବିଜେତା ସହ ଭାରତର ସେମିଫାଇନାଲ ମୁକାବିଲା ଅକ୍ଟୋବର ୧ରେ ଖେଳାଯିବ। ଅକ୍ଟୋବର ୩ରେ ଫାଇନାଲ ବା ସ୍ୱର୍ଣ୍ଣପଦକ ଏବଂ ତୃତୀୟସ୍ଥାନ ବା କାଂସ୍ୟ ପଦକ ଲାଗି ମୁକାବିଲା ହେବ।

## ଓଡ଼ିଶା ଟି-୨୦ ଲିଗ୍: ଫାଇନାଲରେ କେନ୍ଦୁଝର; ୱାରିୟର୍ସ-ଟାଇଗର୍ସ କ୍ୱାଲିଫାୟର

ଭୁବନେଶ୍ୱର, ୨୮।୯ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମରେ ଚାଲିଥିବା 'ଭାରତ ମସଲା ଓଡ଼ିଶା ଟି-୨୦ ଲିଗ୍'ରେ ପ୍ରଥମ ଦଳ ଭାବରେ କେନ୍ଦୁଝର ମାଇନର୍ସ ଫାଇନାଲରେ ପ୍ରବେଶ କରିଛି। ସୋମବାର ଲିଗ୍ ପର୍ଯ୍ୟାୟ ସମାପ୍ତ ହୋଇଥିବାବେଳେ କେନ୍ଦୁଝର ଉନ୍ନତ ରନରେଟ୍ ସହ ୬ ପଏଣ୍ଟ ପାଇ ଶୀର୍ଷରେ ରହିଛି। ଫଳରେ କେନ୍ଦୁଝର ନିୟମ ଅନୁଯାୟୀ ସିଧାସଳଖ ଫାଇନାଲ ଟିକଟ୍ ହାସଲ କରିଛି। ଅପରପକ୍ଷରେ ସମ୍ବଲପୁର ୱାରିୟର୍ସ ଓ ଭୁବନେଶ୍ୱର ଟାଇଗର୍ସ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହି କ୍ୱାଲିଫାୟରରେ ପହଞ୍ଚିଛନ୍ତି। ମଙ୍ଗଳବାର ୱାରିୟର୍ସ ଓ ଟାଇଗର୍ସ ମଧ୍ୟରେ ଏକମାତ୍ର କ୍ୱାଲିଫାୟର ମ୍ୟାଚ୍ ରାତି ୭ଟା ୩୦ରେ ଖେଳାଯିବ। ଏହାର ବିଜେତା ବୁଧବାର କେନ୍ଦୁଝର ସହ ଟାଇଟଲ୍ ପାଇଁ ଲଢ଼େଇ କରିବ। ଅପରପକ୍ଷରେ ମଙ୍ଗଳବାର କ୍ୱାଲିଫାୟର ପୂର୍ବରୁ ଅପରାହ୍ଣ ୨ଟାରେ ଓସିଏ ଓମେନ ଗ୍ରୀନ ଓ ଓସିଏ ଓମେନ ବ୍ଲୁ ମଧ୍ୟରେ ଏକ ମହିଳା ପ୍ରଦର୍ଶନୀ ଟି-୨୦ ମ୍ୟାଚ୍ ଅନୁଷ୍ଠିତ ହେବ। ଉଲ୍ଲେଖଯୋଗ୍ୟ ସୋମବାର ଅନୁଷ୍ଠିତ ଏକ ରୋମାଞ୍ଚକ ଲିଗ୍ ମ୍ୟାଚରେ ପୁରୀ ଟାଇଟାନ୍ସ ୧୩ ରନରେ ରାଉରକେଲା ସୁପରଷ୍ଟାର୍ସକୁ ପରାସ୍ତ କରିଛି। ବାମହାତୀ ସ୍ପିନର ସୁମିତ ଶର୍ମା ହ୍ୟାଟ୍ରିକ ସହ ୫ଟି ୱିକେଟ ଏବଂ ସର୍ବେଶ୍ୱର ମହାନ୍ତି (୧୮ ବଲରେ ୫୧ ରନ)ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ପୁରୀକୁ ଏହି ବିଜୟ ଭେଟି ଦେଇଥିଲା। ସେହିଭଳି ଅନ୍ୟ ଏକ ମ୍ୟାଚରେ ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧୀନ କେନ୍ଦୁଝର ମାଇନର୍ସ ୨୬ ରନରେ ସମ୍ବଲପୁର ୱାରିୟର୍ସକୁ ପରାସ୍ତ କରିଥିଲା। ୧୦ ଓଭରବିଶିଷ୍ଟ ଏହି ମ୍ୟାଚରେ କେନ୍ଦୁଝର ୫ ୱିକେଟରେ ୧୦୯ ରନ କରିଥିଲା। ଜବାବରେ ସମ୍ବଲପୁର ୯ ୱିକେଟରେ ୮୩ ରନ କରି ପରାଜୟବରଣ କରିଥିଲା।

### ■ ମହିଳା ପ୍ରିମିଅର ଲିଗ୍

## ମନ୍ଧାନା, ହର୍‌ମନ୍‌ପ୍ରୀତ ସ୍ଥାନ ବଜାୟ ରଖିଲେ

ନୂଆଦିଲ୍ଲୀ, ୨୮।୯ (ଏଜେନ୍ସି): ମହିଳା ପ୍ରିମିଅର ଲିଗ୍ (ଡବ୍ଲ୍ୟୁପିଏଲ୍)ର ୫ମ ସଂସ୍କରଣ ଜାନୁଆରୀ ୧୪ ତାରିଖରୁ ଆରମ୍ଭ ହେବ। ଏଥିପୂର୍ବରୁ ମିନି ଖେଳାଳି ନିଲାମୀ ଅକ୍ଟୋବର ୨୮ରେ କେରଳର କୋଚିଠାରେ ଆୟୋଜିତ ହେବ। ଏଥିଲାଗି ଅଂଶଗ୍ରହଣକାରୀ ସମସ୍ତ ୫ଟି ଯାକ ଫ୍ରାଞ୍ଚାଇଜ ସେମାନଙ୍କ ଖେଳାଳି ରିଟେନ ତାଲିକା ସୋମବାର ଜାରି କରିଛନ୍ତି। ସମସ୍ତ ପୂର୍ବ ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ଟାଣି ଡିଫେଣ୍ଡିଂ ଚାମ୍ପିଅନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଅଷ୍ଟ୍ରେଲୀୟ ତାରକା ଆଲିସେ ପେରୀଙ୍କୁ ଦଳରେ ବଜାୟ ରଖିଛି। ସେହିଭଳି ଅଧିନାୟିକା ସ୍ମୃତି ମନ୍ଧାନା, ରିଚା ଘୋଷ, ଜର୍ଜିଆ ଭଲ୍ ପ୍ରମୁଖଙ୍କୁ ଦଳ ରିଟେନ କରିଛି। କିନ୍ତୁ ଗ୍ରେସ ହାରିସ, ଲିନସୀ ସ୍ମିଥଙ୍କୁ ଦଳ ନିଲାମୀକୁ ଛାଡ଼ି ଦେଇଛି। ସେହିଭଳି ଅଧିନାୟିକା ହରମନପ୍ରୀତ୍ କୌର, ନାଟାଲୀ-ସ୍କିଭର-ବ୍ରଣ୍ଟ, ଆମେଲି କେର ପ୍ରମୁଖଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ବଜାୟ ରଖିଛି। ତେବେ କ୍ରାନ୍ତି ଗୌଡ଼, କେ କମଳିନୀଙ୍କୁ ଦଳ ରିଲିଜ କରିଦେଇଛି। ସେହିଭଳି ବେଥ ମୁନୀ, ଆସଲେ ଗାର୍ଡନରଙ୍କୁ ଗୁଜରାଟ ଜାଏଣ୍ଟ୍ସ, ଜେମିମା ରୋଡ୍ରିଗ୍ସ, ଶେଫାଳି ବର୍ମା, ମାରିଜାନ କାପ୍ପ ପ୍ରମୁଖଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ଅଧିନାୟିକା ଦୀପ୍ତି ଶର୍ମା, ସୋଫି ଇକଲେଷ୍ଟୋନ, ମେଗ୍ ଲାନିଂ ପ୍ରମୁଖଙ୍କୁ ୟୁପି ୱାରିୟର୍ସ ଦଳରେ ବଜାୟ ରଖିଛି।

### ● ପ୍ରଥମ ଯୁଥ୍ ଅନଅଫିସିଆଲ୍ ଟେଷ୍ଟ

## ରାଜେଶଙ୍କ ଦ୍ୱିଶତକ

ରାଜକୋଟ, ୨୮।୯ (ଏଜେନ୍ସି): ଭ୍ରମଣକାରୀ ଅଷ୍ଟ୍ରେଲିଆ ୧୯ ବର୍ଷରୁ କମ୍ କ୍ରିକେଟ୍ ଦଳ ବିପକ୍ଷରେ ଚାଲିଥିବା ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚରେ ଭାରତ ଦୃଢ଼ସ୍ଥିତିରେ ରହିଛି। ଅଷ୍ଟ୍ରେଲିଆର ପ୍ରଥମ ପାଳି ସ୍କୋର ୨୧୭ ରନ ଜବାବରେ ଭାରତ ସୋମବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ପ୍ରଥମ ପାଳିରେ ୯୨ ଓଭରରେ ୮ ୱିକେଟ ହରାଇ ୪୩୦ ରନ ସଂଗ୍ରହ କରିଛି। ଓପନର୍ ଲକ୍ଷ୍ୟ ରାଜେଶ ରାଇଚନ୍ଦନି ୨୧୦ ରନର ମାରାଥନ ଦ୍ୱିଶତକୀୟ ପାଳି ଖେଳିଛନ୍ତି। ୨୫୬ ବଲର ଏହି ପାଳିରେ ରାଜେଶ ୨୦ଟି ଚୌକା ଓ ୪ଟି ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଟିଂକ୍ରମର ୧୦ମ ସ୍ଥାନରେ ଆସିଥିବା ମୋହିତ ଉଲଭା ଅପରାଜିତ ୫୮, ଅଧିନାୟକ ଯଶବର୍ଦ୍ଧନ ଚୌହାନ ୫୪ ରନ କରିଛନ୍ତି। ଅସମାପ୍ତ ୯ମ ୱିକେଟ୍‌ରେ ରାଜେଶ ଓ ମୋହିତ ୧୩୭ ରନର ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ଗଢ଼ିଛନ୍ତି। ଫଳରେ ଦୁଇଟି ୱିକେଟ୍ ବଳକା ଥାଇ ଭାରତୀୟ ଯୁବ ଦଳ ୨୧୩ ରନର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି।

## ଦୃଷ୍ଟିବାଧିତ ରାଜ୍ୟ ଚେସ୍ ଉଦ୍‌ଯାପିତ

ଭୁବନେଶ୍ୱର, ୨୮।୯ (ସମିସ)

ତୃତୀୟ ଓସିଏଭିସି ଓଡ଼ିଶା ରାଜ୍ୟ ଦୃଷ୍ଟିବାଧିତ ଚେସ୍ ଚାମ୍ପିଅନସିପ୍ ସୋମବାର ଉଦ୍‌ଯାପିତ ହୋଇଯାଇଛି। ପ୍ରୋ-ଚେସ୍-ଟା ଆନୁକୂଲ୍ୟରେ ଭୁବନେଶ୍ୱରଠାରେ ଆୟୋଜିତ ଏହି ଦ୍ୱି-ଦିବସୀୟ ପ୍ରତିଯୋଗିତାରେ ୧୭ ଜିଲ୍ଲାରୁ ୫୯ଜଣ ଦୃଷ୍ଟିବାଧିତ ଚେସ୍ ଖେଳାଳି ଅଂଶଗ୍ରହଣ କରିଥିଲେ। ଛଅ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ପୁରୀର ଅସିତ ମହାନ୍ତି ୫.୫ ପଏଣ୍ଟ ସହ ଚାମ୍ପିଅନ ହୋଇଥିଲେ। ସେହିଭଳି ନେମାଇ ଦାସ ୫.୫ ପଏଣ୍ଟ ହାସଲ କରିଥିଲେ ମଧ୍ୟ ଟାଇ-ବ୍ରେକ ଜରିଆରେ ରନର୍ସଅପ୍ ଓ ୫ ପଏଣ୍ଟ ସହ ଦୀପକ କୁମାର ଭୋଇ ତୃତୀୟ ସ୍ଥାନ ହାସଲ କରିଥିଲେ। ଏଥିସହ ଅସିତ, ନେମାଇ ଓ ବାଲେଶ୍ୱରର ଇତିକ୍ରିଷ୍ଣା ଭଞ୍ଜ ଗୁଜରାଟରେ ହେବାକୁ ଥିବା ଆଗାମୀ ଏଆଇସିଏଫବି ପ୍ରତିଯୋଗିତା ଲାଗି ମନୋନୀତ ହୋଇଛନ୍ତି। ସେହିଭଳି ଏଆଇସିଏଫବି ପୂର୍ବାଞ୍ଚଳ ଚେସ ଚାମ୍ପିଅନସିପ୍ ଲାଗି ଶ୍ରେଷ୍ଠ-୧୫ଜଣ ଖେଳାଳିଙ୍କ ସହିତ ଶ୍ରେଷ୍ଠ ୩ଜଣ ଜୁନିଅର ଓ ମହିଳା ଖେଳାଳିଙ୍କୁ ମଧ୍ୟ ଚୟନ କରାଯାଇଥିଲା।



ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ଦିବ୍ୟାଙ୍ଗ କମିଶନର ବ୍ରତତୀ ହରିଚନ୍ଦନ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଦିଲ୍ଲୀପ ସାମନ୍ତରାୟ, ପ୍ରକାଶ ରଥ, ଶିକ୍ଷକ ପାପସ କୁମାର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY